READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର


RNI Regd. No. ODIODI/2017/71524



ବର୍ଷ-୭ | ସଂଖ୍ୟା-୪୩ | ୬ - ୧୨ ନଭେମ୍ବର, ୨୦୨୩ | ଭୁବନେଶ୍ୱର | Monday Weekly | VOL-7 | ISSUE-43 | 6th - 12th NOVEMBER, 2023 | BHUBANESWAR | ₹ 5/- (8 Pages)

## ଜାନୁଆରୀ ୧୭ରେ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା

### ସାକାର ହେବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନ
### ୧୨ରୁ ଆରମ୍ଭ ହେବ ହୋମ ଯଜ୍ଞ, ୫ ଦିନ ଧରି ଚାଲିବ



**ପୁରୀ :** ଐତିହ୍ୟର ସହର ପୁରୀର ବିକାଶ ଯୋଡିହେବ ଆଉ ଏକ ନୂଆ ଅଧ୍ୟାୟ। ୨୦୨୪ ଜାନୁଆରୀ ୧୭ ତାରିଖରେ ପ୍ରତିଷ୍ଠା ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଏହାକୁ ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ। ଏଥିପାଇଁ ଭବ୍ୟ ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଉଛି। ଜାନୁୟାରୀ ୧୨ ତାରିଖରୁ ହୋମଯଜ୍ଞ ଆରମ୍ଭ ହେବ। ପାଞ୍ଚଦିନ ଧରି ହୋମଯଜ୍ଞ ହେବା ପରେ ପରିକ୍ରମା ପ୍ରକଳ୍ପର ପ୍ରତିଷ୍ଠା କରାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଥିବା ବେଳେ ଶୁକ୍ରବାର ଗ୍ରାଉଣ୍ଡ ଜିରୋରେ ସ୍ଥିତି ଅନୁଧ୍ୟାନ କରିଛନ୍ତି ଗଜପତି ମହାରାଜ ଦିବ୍ୟସିଂହ ଦେବ। ସକାଳ ୯ଟାରୁ ଅପରାହ୍ନ ଯାଏ ଗଜପତି ମହାରାଜା ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ, ଶ୍ରୀସେତୁ ଓ ପରିକ୍ରମା ପ୍ରକଳ୍ପର ଅନୁଧ୍ୟାନ କରିବା ସହ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏହାର ସମୀକ୍ଷା କରିଛନ୍ତି। ଗଜପତି ମହାରାଜ ଦିବ୍ୟସିଂହ ଦେବ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲ୍ଲାପାଳ ସମର୍ଥ ବର୍ମା, ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ସମେତ ଟାଟା ଓ ଓବିସିସି ଅଧିକାରୀଙ୍କ ସହ ପ୍ରଥମେ ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ମଠ ପରିସର ବୁଲିଥିଲେ। ସେଠାରେ ନିର୍ମାଣାଧୀନ ବହୁତଳ ପାର୍କିଂ, ପିଲିଗ୍ରୀମ୍ ସେଣ୍ଟର, ମହାପ୍ରସାଦ ସେବନ କରିବା ପାଇଁ ଶେଡ୍ ପ୍ରଭୃତି ଦେଖିଥିଲେ। ଏହାପରେ ଶ୍ରୀ ସେତୁ ଓ ଶେଷରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିଥିଲେ ଗଜପତି ମହାରାଜା। ଉଲ୍ଲେଖଯୋଗ୍ୟ ୨୦୨୧ ଡିସେମ୍ବର ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ପ୍ରକଳ୍ପରେ ପରିକ୍ରମା ମାର୍ଗ, ଅଭ୍ୟର୍ଥନା କେନ୍ଦ୍ର, କ୍ଲୋକରୁମ୍, ସୂଚନା ଓ ଦାନକେନ୍ଦ୍ର, ସର୍ବସାଧାରଣ ଶୌଚାଳୟ, ସେବାୟତ ଶୌଚାଳୟ, ➤ ପୃ-୬

### ଟିକସ ନେଇ ନିଜ ଦାୟିତ୍ୱ ଭୁଲି ଯାଉଛି ବିଏମ୍‌ସି
## ‘ଅସ୍ଥାୟୀ ଡମ୍ପିଂ ୟାର୍ଡ’ ‘ସ୍ଥାୟୀ ଡମ୍ପିଂ ୟାର୍ଡ’ରେ ପରିଣତ



### ଅସ୍ୱାସ୍ଥ୍ୟକର ପରିବେଶରେ ଅସହ୍ୟ ଜୀବନ
### ବାସ୍ତବ ସ୍ଥିତି ନିରୀକ୍ଷଣ କଲେ ବିଜେପି ପ୍ରତିନିଧି ଦଳ

**ଭୁବନେଶ୍ୱର :** “ସ୍ୱାସ୍ଥ୍ୟ ହିଁ ସଂପଦ”! ବିଜେଡି ସରକାରର ୨୩ ବର୍ଷ ଶାସନରେ ଏହା ବର୍ତ୍ତମାନ ରାଜ୍ୟବାସୀଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଛି। ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ସହରାଞ୍ଚଳରେ ପୌରନିଗମ ଆଜି ସଠିକ ଭାବେ କାର୍ଯ୍ୟ କରୁନାହିଁ। ରାଜ୍ୟ ରାଜଧାନୀ ତଥା ସ୍ମାର୍ଟ ସିଟି ଭୁବନେଶ୍ୱରବାସୀଙ୍କ ଜୀବନ ଆଜି ଅତ୍ୟନ୍ତ ଦୟନୀୟ ହୋଇପଡିଛି। ରାଜଧାନୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ଗାଡକଣସ୍ଥିତ ‘ଅସ୍ଥାୟୀ ଡମ୍ପିଂ ୟାର୍ଡ’ ଆଜି ‘ସ୍ଥାୟୀ ଡମ୍ପିଂ ୟାର୍ଡ’ରେ ପରିଣତ ହୋଇ କୃତ୍ରିମ ପାହାଡର ଭ୍ରମ ସୃଷ୍ଟି କରିଛି। ଅଳିଆ ଆବର୍ଜନାପୂର୍ଣ୍ଣ ଏହି କୃତ୍ରିମ ପାହାଡରୁ ନିର୍ଗତ ଅସହ୍ୟ ଦୁର୍ଗନ୍ଧ କାରଣରୁ ସ୍ଥାନୀୟ ଗାଡକଣ, ରଙ୍ଗମାଟିଆ, ଡମଣା, ମଞ୍ଚେଶ୍ୱରବାସିନ୍ଦାଙ୍କ ଜୀବନ ଅତିଷ୍ଠ ହୋଇପଡିଛି। ଏହି ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟ, ସୈନିକ ସ୍କୁଲ, ଉତ୍କଳ ବିଶ୍ୱବିଦ୍ୟାଳୟ, ଇଷ୍ଟକୋଷ୍ଟ ରେଲୱେ ଅଫିସ, ମେଡିକାଲ, ସରକାରୀ ଓ ଘରୋଇ କଲୋନୀ, ଅପୋଲ ହସ୍ପିଟାଲ ରହିଛି। ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧାମାନେ ଅସୁସ୍ଥ ହୋଇପଡୁଛନ୍ତି। ଅସୁସ୍ଥକର ପରିବେଶ ପାଇଁ ଭକ୍ତମାନେ ସେଠାରେ ଥିବା ସର୍ବେଶ୍ୱର ମହାଦେବ ମନ୍ଦିର, ଦାସରାଜ ମନ୍ଦିରକୁ ଆସୁନଥିବାରୁ ଏହା ବନ୍ଦ ରହିଛି। ଅସୁସ୍ଥ ପରିବେଶ, ବାୟୁ ପ୍ରଦୂଷଣ ଓ ଅସହ୍ୟ ଦୁର୍ଗନ୍ଧ କାରଣରୁ ସ୍ଥାନୀୟ ଅଞ୍ଚଳବାସୀ ଘରର କବାଟ ବନ୍ଦ କରି ରହିବା ସହିତ ମୁହଁରେ ମାସ୍କ ପିନ୍ଧୁଛନ୍ତି। ଏପରିକି ଚର୍ମରୋଗ, ଶ୍ୱାସରୋଗ ଓ କ୍ୟାନସର ଭଳି ମାରାତ୍ମକ ରୋଗ ବ୍ୟାପିବାରେ ଲାଗିଛି। ସ୍ଥାନୀୟବାସିନ୍ଦାଙ୍କ ସମେତ ଭାରତୀୟ ଜନତା ପାର୍ଟୀ ତରଫରୁ ଏହାର ପ୍ରତିକାର ନିମନ୍ତେ ବାରମ୍ବାର ଦାବୀ କରାଯାଉଥିବା ସତ୍ତ୍ୱେ ବିଏମସି ପ୍ରଶାସନ କିମ୍ବା ରାଜ୍ୟ ସରକାରଙ୍କ ➤ ପୃ-୬

### ଏଲ୍-ନିନୋ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ
## ଏ ବର୍ଷ କମ୍ ଶୀତ



**ଭୁବନେଶ୍ୱର :** ଓଡ଼ିଶାରେ ଚଳିତ ବର୍ଷ ଅନୁଭୂତ ହେବ କମ୍ ଶୀତ। ନଭେମ୍ବରଠାରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ଓଡ଼ିଶା ସମେତ ଦେଶର ବିଭିନ୍ନ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ଏହାଦ୍ୱାରା ଯେଉଁ ପରିମାଣରେ ଥଣ୍ଡା ହେବା କଥା ତାହା ଅନୁଭୂତ ହେବ ନାହିଁ। ବିଶେଷ କରି ଡିସେମ୍ବର ଓ ଜାନୁଆରୀ ମାସରେ ରାଜ୍ୟରେ ସବୁଠୁ ଅଧିକ ଥଣ୍ଡା ଅନୁଭୂତ ହେଉଥିବା ବେଳେ ଚଳିତ ବର୍ଷ ଏଥିରେ ବିଲକ୍ଷଣ ଦେଖାଯିବ। ନଭେମ୍ବର ମାସ ଆରମ୍ଭ ହୋଇ ସାରିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଆରମ୍ଭ ହୋଇ ନାହିଁ ଓ ଏହି ପରିସ୍ଥିତି ଆହୁରି କିଛିଦିନ ଲାଗି ରହିବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। ପାଣିପାଗ ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ବର୍ତ୍ତମାନ ଗ୍ରୀଷ୍ମ ମଣ୍ଡଳୀୟ ପ୍ରଶାନ୍ତ ମହାସାଗରରେ ଜଳ ପଉନର ତାପମାତ୍ରା ସ୍ୱାଭାବିକଠାରୁ ୧.୫ ଡିଗ୍ରୀ ଅଧିକ ରହିଛି। ଏହା ସହିତ ଏଲ୍-ନିନୋ ଶକ୍ତିଶାଳୀ ରହିବା ସହ ଏହି ପ୍ରକ୍ରିୟା ଆସନ୍ତା ବର୍ଷ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଜାରି ରହିବାର ଆଶଙ୍କା ରହିଛି। ଭାରତ ମହାସାଗର ଡାଇପୋଲ୍ (ଆଇଓଡି) ସକାରାତ୍ମକ ରହିଥିବା ବେଳେ ଆସନ୍ତା ଦୁଇ ମାସ ପରେ ଏହା ଦୁର୍ବଳ ହୋଇପାରେ। ଏହାଦ୍ୱାରା ଚଳିତ ବର୍ଷ ଶୀତ ଋତୁରେ ଅର୍ଥାତ ନଭେମ୍ବରଠାରୁ ଫେବୃଆରୀ ପର୍ଯ୍ୟନ୍ତ ତାପମାତ୍ରା ଅଧିକ ରହିବ। ଏହାଦ୍ୱାରା ରାଜ୍ୟରେ ଶୀତ କମ୍ ରହିବ। ଡିସେମ୍ବର ଓ ଜାନୁଆରୀରେ ➤ ପୃ-୬

### ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ଅନୁକମ୍ପା ନିଯୁକ୍ତି, ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ
## ପୁଅ-ଝିଅଙ୍କୁ ମିଳିପାରିବ ନିଯୁକ୍ତି



**କଟକ :** ସରକାରୀ କର୍ମଚାରୀଙ୍କ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ଜୀବନସାଥୀ (ସ୍ୱାମୀ ଅଥବା ପତ୍ନୀ) ଜୀବିତ ଥିଲେ ମଧ୍ୟ ଝିଅ/ପୁଅ ଅନୁକମ୍ପାମୂଳକ ନିଯୁକ୍ତି ପାଇପାରିବେ। ଜନୈକ ମୃତ କର୍ମଚାରୀଙ୍କ ପତ୍ନୀ ଜୀବିତ ଥିବା କାରଣ ଦର୍ଶାଇ ପୁଅର ଅନୁକମ୍ପାମୂଳକ ନିଯୁକ୍ତି ଦରଖାସ୍ତକୁ ରାଜ୍ୟ ସରକାରଙ୍କ ଖାରଜ ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଏହି ରାୟ ପ୍ରଦାନ କରିଛନ୍ତି। ସମସ୍ତ ମାମଲାର ଏକତ୍ର ଶୁଣାଣି କରି ଆବେଦନକାରୀଙ୍କୁ ଦୁଇ ମାସ ଭିତରେ ଓସିଏସ୍ ରୁଲ୍ସ, ୧୯୯୦ ଅନୁସାରେ ନିଯୁକ୍ତି ପ୍ରଦାନ କରିବାକୁ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୧୨ରେ ଆବେଦନକାରୀଙ୍କ ବାପା ତଥା ପୁଲିସ ଏଏସ୍‌ଆଇଙ୍କ ମୃତ୍ୟୁ ହୋଇଥିଲା। ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଆବେଦନକାରୀ ଦରଖାସ୍ତ ଦାଖଲ କରିଥିଲେ। ଡ୍ୟୁଟି ସମ୍ପାଦନ କରିବା ପାଇଁ ଆବେଦନକାରୀଙ୍କ ମାଆ ସମର୍ଥ ନୁହେଁ (ଅନ୍‌ଫିଟ୍) ବୋଲି ମେଡିକାଲ ବୋର୍ଡ ରିପୋର୍ଟ ଦେଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପୁଲିସ ପକ୍ଷରୁ ଅନୁଷ୍ଠିତ ଯୋଗ୍ୟତା ପରୀକ୍ଷାରେ ଆବେଦନକାରୀ କୃତକାର୍ଯ୍ୟ ହୋଇଥିଲେ। ନିଯୁକ୍ତି ପାଇଁ ତାଙ୍କୁ ଚୟନ କରାଯାଇଥିଲା। ଏହାପରେ ସାଧାରଣ ପ୍ରଶାସନ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର କମିଟି ନିକଟରେ ଏହି ପ୍ରସଙ୍ଗ ଉପସ୍ଥାପନ କରାଯାଇଥିଲା। ମୃତ ସରକାରୀ କର୍ମଚାରୀଙ୍କ ପତ୍ନୀ ଜୀବିତ ଥିବାରୁ ଆବେଦନକାରୀଙ୍କ ଅନୁକମ୍ପାମୂଳକ ନିଯୁକ୍ତି ଦରଖାସ୍ତକୁ କମିଟି ୨୦୧୬ ଅକ୍ଟୋବର ୧୦ରେ ଖାରଜ କରାଯାଇଥିଲା। ଏହି ମାମଲା ହାଇକୋର୍ଟରେ ପହଞ୍ଚିଥିଲା। ଅନୁକମ୍ପା ନିଯୁକ୍ତି ➤ ପୃ-୬

### ‘ଆମ ଓଡ଼ିଶା ନବୀନ ଓଡ଼ିଶା’ର ସଫଳ ରୂପାୟନ
## ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ



**ଭୁବନେଶ୍ୱର :** ଗାଁରେ ଡିଜିଟାଲ ଭିତ୍ତିଭୂମିର ବିକାଶ ଏହି ଯୋଜନାର ଅନ୍ୟତମ ଲକ୍ଷ୍ୟ। ଗାଁରେ ଇଣ୍ଟରନେଟ୍ ସଂଯୋଗ ମିଳିବ। ବିଜ୍ଞାନ ପାର୍କ ହେବ। ଦକ୍ଷତା ବିକାଶ କେନ୍ଦ୍ର ହେବ। ଓ୍ୱାର୍କସ ହବ ହେବ। ବ୍ୟାଙ୍କିଂ ସୁବିଧା ମିଳିବ। ଏହି କାର୍ଯ୍ୟକ୍ରମରେ ଗାଁର ପ୍ରାଇମେରୀ ସ୍କୁଲ ଗୁଡିକ ମଧ୍ୟ ସାମିଲ ହେବ। ଏହା ଆମର ଯୁବ ସମାଜ ପାଇଁ, ମା’ମାନଙ୍କ ପାଇଁ, ଚାଷୀ ଭାଇ ଭଉଣୀ ମାନଙ୍କ ପାଇଁ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଅମାପ ସୁଯୋଗ ଆଣିବ ଏବଂ ଏକ ଆଧୁନିକ, ସଶକ୍ତ, ପ୍ରଗତିଶୀଳ ତଥା ସଂସ୍କୃତି ସଚେତନ ରାଜ୍ୟ ଭାବେ ଓଡିଶାର ପରିଚୟକୁ ଆହୁରି ଉଜ୍ଜଳ କରିବ। ସବୁ ଗାଁର ବିକାଶ ଆମର ଲକ୍ଷ୍ୟ। ଗାଁରେ ସମସ୍ତଙ୍କୁ ମିଳିବ ବିକାଶର ଗ୍ୟାରେଣ୍ଟି। ଗାଁ ଲୋକ ସମସ୍ତେ ଶିକ୍ଷା ଓ ସ୍ୱାସ୍ଥ୍ୟର ଗ୍ୟାରେଣ୍ଟି ପାଇବେ। ଗାଁ ଗାଁରେ ସଂସ୍କୃତିର ସୁରକ୍ଷା ହେବ ଓ ଆଧୁନିକତାର ବିକାଶ ହେବ। ବିକଶିତ ଗାଁ ହେବ ଆଧୁନିକ ଓଡିଶାର ପରିଚୟ। ଓଡିଶା ହେଉଛି ଜଗନ୍ନାଥଙ୍କ ଭୂମି। ବିଶ୍ୱ ପ୍ରେମ, ଶାନ୍ତି, ସଦ୍ଭାବ, ସମାନତା ଓ ସେବା ହେଉଛି ଜଗନ୍ନାଥ ସଂସ୍କୃତିର ବାର୍ତ୍ତା। ଜାତି, ଧର୍ମ, ସଂପ୍ରଦାୟ ନିର୍ବିଶେଷରେ ଏହା ସମସ୍ତଙ୍କୁ ନିଜର କରିପାରିଛି। ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ପ୍ରତି ଗାଁ ଗାଁରେ ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ କରାଯିବ। ପ୍ରତି ପୂଜାସ୍ଥଳୀର ବିକାଶ କରାଯିବ। ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ କରାଯିବ। ଆମର ଭବିଷ୍ୟତ ବଂଶଧର ମାନଙ୍କ ନିମନ୍ତେ ଏସବୁ ସଂସ୍କୃତି ଓ ଐତିହ୍ୟ ସ୍ଥଳୀ ଗୁଡିକର ସଂରକ୍ଷଣ ଓ ସୁରକ୍ଷା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ➤ ପୃ-୬

### ବକ୍ରବାଣୀ



ବର୍ଷାକୁ ପଚାର ହନୁଆ କଥା
ମାନାକୁ ମନୋଜ ମିଶିର
ଓଡ଼ିଆ ଫେଲିମି ଚୁଲିକି ଯାଉ
ଲାଗିଥାଉ କଳି ତାଙ୍କର
ସକାଳୁ ସଞ୍ଜ ମିଛେ ରାଉ ରାଉ
ନେତା ଅଭିନେତା ହୁଅନ୍ତି
ଆମ ରାଇଜକୁ ଦି’ଫାଳ ଲାଗି
ପଲଟିକ୍ସ ଖାଲି ପୁରାନ୍ତି
ଆଗକୁ ଭୋଅଟ ଆଉଚି ବୋଲି
ନେତାଏ ଖେଳନ୍ତି ଫେଲିମି ହୋଲି।

——— ଟୁଟୁ

### ପବନ ଶକ୍ତିରେ ୪୯୪୦ କୋଟି ବିନିଯୋଗ ପାଇଁ ମିଳିଲା ପ୍ରତିଶ୍ରୁତି
## ଉତ୍ପାଦନ ହେବ ୫୭୫ ମେଗାୱାଟ୍ ଶକ୍ତି




**ଭୁବନେଶ୍ୱର :** ରାଜ୍ୟରେ ଅକ୍ଷୟ ଶକ୍ତିର ବିକାଶ ନିମନ୍ତେ ଗ୍ରୀଡକୋ ପକ୍ଷରୁ ଓଡ଼ିଶା ୱିଣ୍ଡ୍ ଏନର୍ଜି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ପବନ ଶକ୍ତି କ୍ଷେତ୍ରରେ ପୁଞ୍ଜି ବିନିଯୋଗର ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପବନ ଶକ୍ତି ଉତ୍ପାଦନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଦେଶର ପ୍ରମୁଖ ୨୫ଟି ସଂସ୍ଥା ଯୋଗ ଦେଇଥିଲେ। ପବନ ଶକ୍ତି ଉତ୍ପାଦନ ଏବଂ ୱିଣ୍ଡ୍ ଟର୍ବାଇନ୍ ନିର୍ମାଣକାରୀମାନଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବାରେ ଏହି ସମ୍ମିଳନୀ ବିଶେଷ ସହାୟକ ହୋଇଥିଲା। ଏଥିରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣ ରଖି, ରାଜ୍ୟରେ ପବନ ଶକ୍ତି ଶିଳ୍ପକୁ ବ୍ୟାପକ ସହାୟତା ପ୍ରଦାନ କରିବା ସହ ରାଜ୍ୟରେ ଅକ୍ଷୟ ଶକ୍ତି ପାୱାର୍ ପ୍ଲାଣ୍ଟ୍ ଏବଂ ମ୍ୟାନୁଫ୍ୟାକଚରିଂ ହବ୍ ପ୍ରତିଷ୍ଠା ନେଇ ରାଜ୍ୟର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ପ୍ରାରମ୍ଭରେ, ନିଜର ଉଦଘାଟନୀ ଅଭିଭାଷଣରେ ରାଜ୍ୟ ଅର୍ଥ, ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ତଥା ଗ୍ରୀଡକୋର ଅଧ୍ୟକ୍ଷ ବିଶାଳ କୁମାର ଦେବ ଯୋଗଦେଇ ଓଡ଼ିଶା ଅକ୍ଷୟ ଶକ୍ତି ନୀତି– ୨୦୨୨ ଓ ଶିଳ୍ପ ନୀତି– ୨୦୨୨ ଆଧାରରେ ରାଜ୍ୟରେ ପବନ ଶକ୍ତି ଉତ୍ପାଦନ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ଉପସ୍ଥିତ ନିବେଶକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ସମ୍ମଳନୀରେ ଯୋଗ ଦେଇ କେନ୍ଦ୍ର ସରକାରଙ୍କ ନୂତନ ତଥା ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟର ଯୁଗ୍ମ ଶାସନ ସଚିବ ଦୀନେଶ ଦୟାନନ୍ଦ ଜଗଦଲେ ସ୍ୱଚ୍ଛ ଏବଂ ସବୁଜ ଶକ୍ତି ଲକ୍ଷ୍ୟ ହାସଲ କରିବା ଦିଗରେ ଓଡ଼ିଶା ସରକାରଙ୍କ ସକ୍ରିୟ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏଥିରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଉଇଣ୍ଡ ଏନର୍ଜି (ଏନ୍‌ଆଇଡବ୍ୟୁଇ)ର ମହାନିର୍ଦ୍ଦେଶକ ଡକ୍ଟର ରାଜେଶ କଟ୍ୟାଲ୍ ଯୋଗଦେଇ କହିଥିଲେ ଯେ, ରାଜ୍ୟରେ ପବନ ଶକ୍ତିର ପୂର୍ଣ୍ଣ ସମ୍ଭାବନାକୁ ବ୍ୟବହାର କରିବା ପାଇଁ ଏନ୍‌ଆଇଡବ୍ୟୁଇ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଏବଂ ବୈଷୟିକ ସହାୟତା ଯୋଗାଇ ଦିଆଯିବ। ବୈଠକରେ ଯୋଗ ଦେଇ ଇଡକୋ ତଥା ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୁପିନ୍ଦର ସିଂ ପୁନିଆ ରାଜ୍ୟରେ ପବନ ଶକ୍ତି ପ୍ରକଳ୍ପର ଅଭିବୃଦ୍ଧି ତଥା ଏହାର ସ୍ଥାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ➤ ପୃ-୬

### ‘ମାଇଁ ଲର୍ଡ’ ନ କହିଲେ ଦରମାର ଅଧା ଦେଇଦେବି: ସୁପ୍ରିମ୍‌କୋର୍ଟ ବିଚାରପତି




**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟ ବିଚାରପତିଙ୍କୁ ବିରକ୍ତ କଲା ‘ମାଇଁ ଲର୍ଡ’ ଏବଂ ‘ଇଓର୍ ଲର୍ଡସିପ୍’ ସମ୍ବୋଧନ। ନ୍ୟାୟିକ ପ୍ରକ୍ରିୟାରେ ଏପରି ସମ୍ବୋଧନ ସାଧାରଣ କଥା ହେଲେ ମଧ୍ୟ ଜଣେ ବିଚାରପତି ବିରକ୍ତ ଭାବ ପ୍ରକାଶ କରିଛନ୍ତି। ଏକ ମାମଲାର ଶୁଣାଣି ସମୟରେ ଜଣେ ବରିଷ୍ଠ ଆଇନଜୀବୀ ବାରମ୍ବାର ‘ମାଇଁ ଲର୍ଡ’ କିମ୍ବା ‘ଇଓର୍ ଲର୍ଡସିପ୍’ କହିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ଜଷ୍ଟିସ୍ ପିଏସ୍ ନରସିଂହ। ସୂଚନା ଅନୁସାରେ, ଜଷ୍ଟିସ୍ ଏସ୍ ବୋପନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ମାମଲାର ବିଚାର କରୁଥିଲେ। ଜଷ୍ଟିସ୍ ନିରସିଂହ ମଧ୍ୟ ଏହି ବେଞ୍ଚରେ ଥିଲେ। ବିଚାର ସମୟରେ ଜଣେ ବରିଷ୍ଠ ଆଇନଜୀବୀ ବାରମ୍ବାର ‘ମାଇଁ ଲର୍ଡ’ ଏବଂ ‘ଇଓର୍ ଲର୍ଡସିପ୍’ ସମ୍ବୋଧନ କରିଥିଲେ। ➤ ପୃ-୬

### ହସ୍ପିଟାଲ ଛାତରୁ କଂକ୍ରିଟ ଖସି ରୋଗୀ ମୃତ୍ୟୁ ମାମଲା
## ପ୍ରତିଶ୍ରୁତି ପରେ ବି ମିଳୁନି ପ୍ରୋତ୍ସାହନ



**ବାରିପଦା,(ବିଜୁ ସିଂ) :** ‘ଛାମୁ ଯାହାଦେଲେ ହରଷେ, ତାକୁ ପାଉ ପାଉ ଗଲା ବରଷେ’,ଏଭଳି ଏକ ଉକ୍ତିର ସତ୍ୟତା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ଶାମାଖୁଣ୍ଟା ବ୍ଲକରେ। ୨୦୨୧ ମସିହା ଅକ୍ଟୋବର ମାସ ଏକ ତାରିଖରେ ପୋଡାଅସ୍ତିଆ ଅଞ୍ଚଳର ଚକ୍ରଧର ସିଂ ଶରୀର ଅସୁସ୍ଥ ଯୋଗୁଁ ପୂର୍ବରୁ ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜରେ ଭର୍ତ୍ତି ହୋଇଥିଲେ। ମେଡ଼ିକାଲରେ ବେଡ଼ ନ ମିଳିବାରୁ ତାଙ୍କୁ ବାରଣ୍ଡାରେ ରଖାଯାଇଥିଲା। ତିନି ତାରିଖ ଦିନ ଭଲହୋଇ ଘରକୁ ଫେରିଥାନ୍ତେ, କିନ୍ତୁ ମେଡ଼ିକାଲର ଛାତ କଂକ୍ରିଟ ଖସିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ସେ ଚେତାଶୂନ୍ୟ ହୋଇପଡିଥିଲେ। ଡାକ୍ତର ତାଙ୍କୁ କଟକ ରେଫର କରିଥିଲା। ଦୁର୍ଭାଗ୍ୟର ବିଷୟ ଚିକିତ୍ସାଧୀନ ଅବସ୍ଥାରେ ୦୮ ତାରିଖ ଦିନ ତାଙ୍କର ମୃତ୍ୟୁ ଘଟିଥିଲା। ଯାହାକୁ ନେଇ ପରିବାର ଓ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ବାରିପଦା-ଉଦଳା ମୁଖ୍ୟରାସ୍ତାକୁ ପୋଡାଅସ୍ତିଆ ଛକ ନିକଟରେ ମୃତଦେହ ରଖି ରାସ୍ତା ସମ୍ପୂର୍ଣ୍ଣରୂପେ ଅବରୋଧ କରିଥିଲେ। ଦୀର୍ଘ ୧୫ ଘଣ୍ଟାର ରାସ୍ତାରୋକ ପରେ ତତ୍କାଳୀନ ତହସିଲଦାର ରାଧାରଞ୍ଜନ ଦାସ ଘଟଣା ସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ସହ ବୁଝାସୁଝା କରିବା ସହ ଜିଲ୍ଲା ➤ ପୃ-୬



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଓ ମନ ପ୍ରଫୁଲ୍ଲ ରହିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସପ୍ତାହର ପ୍ରଥମାର୍ଦ୍ଧରେ କାର୍ଯ୍ୟ କ୍ଷେତ୍ରରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ମତାନ୍ତର ହୋଇପାରେ। ଜୀବନସାଥୀଙ୍କୁ ନେଇ ଚିନ୍ତିତ ରହିପାରିନ୍ତି। ପ୍ରତିକାର : ମଙ୍ଗଳବାର ଦିନ ହନୁମାନ ଚାଳିଶା ପାଠ କରନ୍ତୁ।

**ବୃଷ** ଛାତି ବା କାଶ, ଶର୍ଦ୍ଦି ଭଳି ବେମାରୀ ହୋଇପାରେ। ବ୍ୟବସାୟ ଓ କାର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇପାରେ। ନୂଆ କାର୍ଯ୍ୟ ପାଇଁ ସମୟ ଅନୁକୂଳ। ଧାର୍ମିକ ବା ଆଧାତ୍ମିକ କାର୍ଯରେ ଯୋଗ ଦେବେ। ପ୍ରତିକାର : ଓଁ ଦ୍ରାଂ ଦ୍ରିଂ ଦ୍ରଂ ଶୁକ୍ରାୟନମଃ।

**ମିଥୁନ** ଜ୍ୱରରେ ପୀଡ଼ିତ ହୋଇପାରନ୍ତି ଓ ଆତ୍ମବିଶ୍ୱାସରେ କମ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସାବଧାନ ରହନ୍ତୁ। ନୂଆ ବିପରୀତ ବନ୍ଧୁ ହୋଇପାରନ୍ତି। ପ୍ରତିକାର : ବୁଧବାର ଦିନ ଗାଈକୁ ସବୁଜ ଚାରା ବା ଘାସ ଖୁଆନ୍ତୁ।

**କର୍କଟ** ପାଚନ ତନ୍ତ୍ର ଜନିତ ସମସ୍ୟା ହୋଇପାରେ। ବ୍ୟବସାୟରେ ନୂଆ ଭାଗୀଦାରୀ ହୋଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଶତ୍ରୁଙ୍କ ବୃଦ୍ଧି ହୋଇପାରେ। ପ୍ରତିକାର : ଭଗବାନ ଶିବଙ୍କ ପୂଜା / ଆରାଧନା କରନ୍ତୁ।

**ସିଂହ** ପେଟ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ବ୍ୟବସାୟରେ କ୍ଷତିର ଯୋଗ ଅଛି। ଶତ୍ରୁମାନେ ପରାଜିତ ହେବେ। କାର୍ଯ୍ୟକ୍ଷେତ୍ରରେ ରାଜନୀତିରୁ ଦୂରେଇ ରହନ୍ତୁ। ପ୍ରତିକାର : ପ୍ରତିଦିନ ସୂର୍ଯ୍ୟଙ୍କୁ ଜଳ ଅର୍ପଣ କରନ୍ତୁ।

**କନ୍ୟା** ମନ ବିଚଳିତ ରହିବ। ବ୍ୟୟରେ ବୃଦ୍ଧି ହେବ। କାର୍ଯ୍ୟକ୍ଷେତ୍ରରେ ଧୈର୍ଯ୍ୟ ସହ କାର୍ଯ୍ୟ କଲେ ସମ୍ମାନିତ ହେବେ। ସପ୍ତାହର ଶେଷରେ ଜୀବନ ସହ ଆନ୍ତରିକତା ବୃଦ୍ଧି ହେବ। ପ୍ରତିକାର : ବୁଧବାର ଦିନ ଛୋଟ ଝିଅପିଲାଙ୍କୁ ଉପହାର ଦିଅନ୍ତୁ।

**ତୁଳା** ଛାତି, ପେଟରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଆର୍ଥିକ ସ୍ଥିତି ସାଧାରଣ ରହିବ। କାର୍ଯ୍ୟକ୍ଷେତ୍ରରେ ଅଯଥା ଅନାବଶ୍ୟକ କାର୍ଯ୍ୟରେ ମୁଣ୍ଡ ପୁରାନ୍ତୁ ନାହିଁ। ପ୍ରତିକାର : ଶୁକ୍ରବାର ଦିନ ମା’ ସନ୍ତୋଷୀଙ୍କ ଆରାଧନା କରନ୍ତୁ।

**ବିଛା** ସ୍ୱାସ୍ଥ୍ୟରେ ଉନ୍ନତି ହେବ। କାର୍ଯ୍ୟକ୍ଷେତ୍ରରେ ପଦୋନ୍ନତି ହୋଇପାରେ। କିନ୍ତୁ ବଚସାରୁ ଦୂରେଇ ରହନ୍ତୁ। ଖର୍ଚ୍ଚରେ ବୃଦ୍ଧି ହେବ। ପ୍ରତିକାର : ପ୍ରତିଦିନ ଶିବଙ୍କୁ ଓଁ ନମ ଶିବାୟ ମନ୍ତ୍ରରେ ଧ୍ୟାନ କରନ୍ତୁ।

**ଧନୁ** ଶରୀରରେ ଯନ୍ତ୍ରଣା ଅନୁଭବ କରିପାରନ୍ତି। ଆବଶ୍ୟକରୁ ଅଧିକ ଖର୍ଚ୍ଚ ହେବ। ବନ୍ଧୁ ଓ ପରିବାରରେ ସମ୍ମାନ ପାଇବେ। କାର୍ଯ୍ୟକ୍ଷେତ୍ରରେ ପ୍ରଗତି ହେବ। ପ୍ରତିକାର : ଗୁରୁବାର ଦିନ ହଳଦୀ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ।

**ମକର** ଲକ୍ଷ ହାସଲ ଦିଗରେ ଅଗ୍ରସର ହେବେ। ପଦସ୍ଥ ଅଧିକାରୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ଋଣ ପରିଶୋଧ କରିପାରନ୍ତି। ଆଖିରେ ପୀଡା ହୋଇପାରେ। ପ୍ରତିକାର : ପିତାମାତାଙ୍କୁ ସମ୍ମାନ କରନ୍ତୁ ଓ ମିଛ କହନ୍ତୁ ନାହିଁ।

**କୁମ୍ଭ** ପୁରୁଣା ରୋଗରୁ ମୁକ୍ତି ମିଳିବ। ଆୟ ଓ ବ୍ୟୟରେ ବୃଦ୍ଧି ହେବ। ସମ୍ମାନ ପାଇଁ ବାଣୀରେ ଲଗାମ ଦିଅନ୍ତୁ। ଭାଇଭଉଣୀଙ୍କ ସହଯୋଗ ପାଇଷବ। ଦମ୍ପତ୍ତିଙ୍କର ପୁରୁଣା ମତଭେଦ ଦୂର ହେବ। ପ୍ରତିକାର : ଶନିବାର ଦିନ ଛାୟା ଦାନ କରନ୍ତୁ।

**ମୀନ** ଆବଶ୍ୟକତାରୁ ଅଧିକ କଥା କହନ୍ତୁ ନାହିଁ। ମାନସିକ ଓ ଶାରୀରିକ କଷ୍ଟ ପାଇପାରନ୍ତି। କାର୍ଯ୍ୟକ୍ଷେତ୍ରରେ ଭଲ ଖବର ପାଇଷବ। ଆୟରୁ ବ୍ୟୟ ଅଧିକ ହେବ। ବୈବାହିକ ଜୀବନର ଶାନ୍ତି ଅନୁଭବ କରିବେ। ପ୍ରତିକାର : ଗୁରୁଜନଙ୍କୁ ସମ୍ମାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# କଂଗ୍ରେସ ଓ ବିକାଶ ଏକତ୍ର ରହିପାରନ୍ତି ନାହିଁ: ପ୍ରଧାନମନ୍ତ୍ରୀ

**କାଙ୍କେର :** କଂଗ୍ରେସ ଓ ବିକାଶ ଏକତ୍ର ରହିପାରନ୍ତି ନାହିଁ ବୋଲି ଛତିଶଗଡ଼ ରାଜ୍ୟର ଭୋଟର୍ମାନଙ୍କୁ ଉଦ୍‌ବୋଧନ ଦେବା ବେଳେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି। କାଙ୍କେର୍ ସହରରେ ଆୟୋଜିତ ନିର୍ବାଚନ ରାଲିରେ ଉଦ୍ବୋଧନ ଦେବା ବେଳେ ଶାସକ କଂଗ୍ରେସକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଲେ, କଂଗ୍ରେସ ଓ ବିକାଶ ଏକତ୍ର ରହିପାରନ୍ତି ନାହିଁ। କେନ୍ଦ୍ର ସରକାରରେ ଲକ୍ଷ ଲକ୍ଷ କୋଟି ଟଙ୍କାର ଦୁର୍ନିତି କରି କଂଗ୍ରେସ କଳାଟଙ୍କାରେ ତା’ର ଟ୍ରେଜେରି ଭରୁଛି। ୧୦ ବର୍ଷ ହେବ କଂଗ୍ରେସ କେନ୍ଦ୍ର ସରକାରରେ ନାହିଁ। ତେଣୁ, କଂଗ୍ରେସର ଟ୍ରେଜେରି ଖାଲି ହୋଇ ଆସିଲାଣି। କଂଗ୍ରେସ ଯେଉଁ ସବୁ ରାଜ୍ୟରେ କ୍ଷମତାରେ ଅଛି, ସେଠାରେ ଲୋକମାନଙ୍କଠାରୁ ଲୁଟ୍ କରୁଛି। ଏଥର



ଛତିଶଗଡ଼ ବିଧାନସଭା ନିର୍ବାଚନରେ ‘ବିଜେପି’ ଜିତିଲେ ରାଜ୍ୟର ଗରିବମାନଙ୍କ ପାଇଁ ଅଧିକ ଘର ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସେ କହିଛନ୍ତି, କାଙ୍କେର୍ରେ ‘ବିଜେପି’ ପ୍ରତି ବିପୁଳ ସମର୍ଥନ ଥିବା ପରି ମନେହେଉଛି। ‘ବିଜେପି’ର ମିସନ୍ ହେଉଛି ଛତିଶଗଡ଼ର ପରିଚୟ ସୁଦୃଢ଼ କରିବା। ‘ବିଜେପି’ର ମିସନ୍ ହେଉଛି ଆଦିବାସୀ ଓ ପଛୁଆବର୍ଗଙ୍କ ଅଧିକାର ସୁରକ୍ଷିତ ରଖିବା। ଛତିଶଗଡ଼କୁ ଦେଶର ଶ୍ରେଷ୍ଠ ରାଜ୍ୟମାନଙ୍କରେ ପରିଗଣିତ କରିବା ମଧ୍ୟ ‘ବିଜେପି’ର ଲକ୍ଷ୍ୟ। ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଲେ, ମୋଦୀର ‘ଗ୍ୟାରେଣ୍ଟି’ ଅର୍ଥ ପ୍ରତ୍ୟେକ ‘ଗ୍ୟାରେଣ୍ଟି’ ପରିପୂରଣର ‘ଗ୍ୟାରେଣ୍ଟି’। ୯ ବର୍ଷ ତଳେ ଅସମ୍ଭବ ମନେହେଉଥିବା କାର୍ଯ୍ୟ ଆମେ ସମ୍ପନ୍ନ କରିଛୁ।

### ନୀତୀଶ କୁମାରଙ୍କ ବୟାନକୁ ନେଇ ଚର୍ଚ୍ଚା


# ଇଣ୍ଡିଆ ମେଣ୍ଟ ସକ୍ରିୟ ନ ହେବା ପଛରେ କଂଗ୍ରେସ

**ନୂଆଦିଲ୍ଲୀ:** ବିଜେପି ବିରୋଧରେ ଲଢ଼ିବା ପାଇଁ ବିରୋଧୀ ଗଠନ କରିଥିବା ଇଣ୍ଡିଆ ମେଣ୍ଟରେ କିଛି ବି ଠିକଠାକ ଚାଲି ନାହିଁ। ପ୍ରଥମେ ଅଖିଲେଶ ଯାଦବ ମେଣ୍ଟର ଭବିଷ୍ୟତ ନେଇ କଂଗ୍ରେସକୁ ସମାଲୋଚନା କରିଥିଲେ। ଏବେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଇଣ୍ଡିଆ ମେଣ୍ଟ ସକ୍ରିୟ ଭାବେ କାର୍ଯ୍ୟ ନ କରିବା ପଛରେ କଂଗ୍ରେସ ରହିଛି ବୋଲି କହିଛନ୍ତି। କଂଗ୍ରେସ ୫ ରାଜ୍ୟର ବିଧାନସଭା ନିର୍ବାଚନକୁ



ନେଇ ଅତି ବ୍ୟବସ୍ଥା ଦେଖାଉଛି। ତେଣୁ କିଛି ମାସ ତଳେ ଇଣ୍ଡିଆ ମେଣ୍ଟ ଯେଉଁଭଳି ସକ୍ରିୟତା ଦେଖାଇଥିଲା, ଏବେ ସେମିତି କିଛି ଗତି ହାସଲ କରିପାରୁ ନଥିବା ନୀତୀଶ କହିଛନ୍ତି। ସିପିଆଇ ପକ୍ଷରୁ ବିହାରର ପାଟନା ଠାରେ ‘ବିଜେପି ହଟାଅ, ଦେଶ ବଞ୍ଚାଅ’ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ନୀତୀଶ କୁମାର ଯୋଗ ଦେଇ କେନ୍ଦ୍ରର କ୍ଷମତାସୀନ ବିଜେପିକୁ ହଟାଇବା ପାଇଁ ସମସ୍ତେ ଏକାଠି ହୋଇଥିବା କହିଛନ୍ତି। ସେ କହିଛନ୍ତି, ବିରୋଧୀ ଏକାଠି ମେଣ୍ଟ କରିଛନ୍ତି। କିନ୍ତୁ ମେଣ୍ଟ ସେତେଟା ସକ୍ରିୟ ହୋଇପାରୁନି। କଂଗ୍ରେସ ପାର୍ଟି ୫ ରାଜ୍ୟର ବିଧାନସଭା ନିର୍ବାଚନରେ ଅଧିକ ଫୋକସ କରୁଛି। ଇଣ୍ଡିଆ ମେଣ୍ଟରେ ଥିବା ସବୁ ଦଳ କଂଗ୍ରେସକୁ ନେତୃତ୍ୱ ଦେବାକୁ ରାଜି ହୋଇଥିଲେ। କିନ୍ତୁ ଏବେ ଲାଗୁଛି ସେମାନେ ମେଣ୍ଟ ପ୍ରତି ନିର୍ବାଚନ ପରେ ଧ୍ୟାନ ଦେବେ। ସେହିପରି ନିର୍ବାଚନ ପରେ ପରବର୍ତ୍ତୀ ମିଟିଂ ଡାକିବେ।

## ଗାଁରେ ବଢ଼ୁଛି ବେକାରୀ ସମସ୍ୟା



**ନୂଆଦିଲ୍ଲୀ:** ଚଳିତ ବର୍ଷ ଅକ୍ଟୋବରରେ ଦେଶରେ ବେକାରୀ ସ୍ଥିତିରେ ଅବନତି ହୋଇଛି। ବେକାରି ହାର ୧୦.୦୫ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ସେପ୍ଟେମ୍ବରରେ ୭.୦୯ ପ୍ରତିଶତ ଥିଲା। ବର୍ତ୍ତମାନର ବେକାରୀ ସ୍ଥିତି ଗତ ଦୁଇ ବର୍ଷରେ ସବୁଠୁ ଖରାପ ସ୍ତରରେ ରହିଛି। ଗ୍ରାମାଞ୍ଚଳରେ ବେକାରୀ ହାର ବଢ଼ିଛି ବୋଲି ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନମି (ସିଏମ୍ଆଇଇ) ତଥ୍ୟରୁ ଜଣାପଡ଼ିଛି। ଗ୍ରାମାଞ୍ଚଳରେ ବେକାରୀ ହାର ୧୦.୮୨ ପ୍ରତିଶତକୁ ବୃଦ୍ଧି ପାଇଛି ଯାହା ସେପ୍ଟେମ୍ବରରେ ୬.୨ ପ୍ରତିଶତ ଥିଲା। ସେହି ସମୟରେ ସହରାଞ୍ଚଳରେ ବେକାରୀ ହାର ୮.୪୪ ପ୍ରତିଶତ ହୋଇଛି। ଚଳିତ ବର୍ଷ ମୌସୁମୀ ବର୍ଷା ଗତ ପାଞ୍ଚ ବର୍ଷ ଭିତରେ ସବୁଠୁ ଦୁର୍ବଳ ହୋଇଥିବାରୁ ଫସଲ ଉତ୍ପାଦନ ପ୍ରଭାବିତ ହେବା ଆଶଙ୍କା ରହିଛି। କିନ୍ତୁ ସହରାଞ୍ଚଳରେ ଅର୍ଥନୈତିକ କାର୍ଯ୍ୟକଳାପ ଜୋରସୋରରେ ଆଗେଇ ଚାଲିଥିବାରୁ ସ୍ଥିତି ଅପେକ୍ଷାକୃତ ଉନ୍ନତ ରହିଛି। ଗତ ମାସରେ କେନ୍ଦ୍ର ସରକାର ଜାରି କରିଥିବା ତଥ୍ୟ ଅନୁସାରେ ୨୦୨୨-୨୩ରେ ବେକାରୀ ହାର ୩.୨ ପ୍ରତିଶତ ଥିଲା। ମାତ୍ର ଘରୋଇ ସଂସ୍ଥା ସିଏମ୍ଆଇଇ ୧,୭୦,୦୦୦ରୁ ଅଧିକ ପରିବାରକୁ ନେଇ କରୁଥିବା ସର୍ବେକ୍ଷଣ ଆଧାରରେ ବେକାରୀର ମାସିକ ତଥ୍ୟ ଜାରି କରୁଛି। ଭାରତୀୟ ଅର୍ଥନୀତି ୬% ହାରରେ ଆଗକୁ ବଢୁଥିବା ବେଳେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ହୋଇରହିଥିଲେ ମଧ୍ୟ ଲୋକମାନଙ୍କ ପାଇଁ ଆବଶ୍ୟକ ନିଯୁକ୍ତି ସୃଷ୍ଟି ହୋଇପାରୁନାହିଁ। ସିଏମ୍ଆଇଇ ତଥ୍ୟରୁ ଜଣାପଡ଼ିଛି ଯେ ଅକ୍ଟୋବରରେ ୧୦ ନିୟୁତ ଲୋକ ନିଯୁକ୍ତି ବଜାରରେ ପ୍ରବଶ କରିବା ଥିବା ବେଳେ ସେମାନେ କାମ ଖୋଜୁଛନ୍ତି।

## ଏଣିକି ଡାକରେ ପଠାଇ ଏକ୍ସଚେଞ୍ଜ କରିପାରିବେ ୨ ହଜାର ଟଙ୍କିଆ ନୋଟ୍

**ନୂଆଦିଲ୍ଲୀ :** ଏଣିକି ଡାକରେ ପଠାଇ ଏକ୍ସଚେଞ୍ଜ କରିପାରିବେ ୨ ହଜାର ଟଙ୍କିଆ ନୋଟ୍। ଆରବିଆଇର ଆଞ୍ଚଳିକ କାର୍ଯ୍ୟାଳୟକୁ ପଠାଇପାରିବେ। ବିଶେଷ କରି ଆଞ୍ଚଳିକ କାର୍ଯ୍ୟାଳୟକୁ ଯାଇପାରୁ ନ ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଏହି ବିକଳ୍ପ ବେଶ ଏବେ ଲାଭଦାୟକ ହେବ ବୋଲି ଆଶା ରଖିଛି ଆରବିଆଇ। ୨ ହଜାର ଟଙ୍କିଆ ନୋଟକୁ ବ୍ୟାଙ୍କ ଖାତାରେ ଜମା କରିବା ପାଇଁ ଆରବିଆଇ ଟ୍ରିପଲ ଲକ୍ ରିସେପଟେକେଲ ବା ଟିଏଲଆର ଫର୍ମ ମଧ୍ୟ ପ୍ରଦାନ କରୁଛି। ରାଜ୍ୟରେ ଥିବା ଆଞ୍ଚଳିକ କାର୍ଯ୍ୟାଳୟ ବାହାରେ ଲାଗୁଥିବା ଲମ୍ବା ଧାଡିକୁ ଦେଖି ଆରବିଆଇ ଏଭଳି ଏକ ନିଷ୍ପତ୍ତି ନେଇଛି ବୋଲି ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ କହିଛନ୍ତି। ଉଭୟ ଟିଏଲଆର ଏବଂ ବୀମାକୃତ ପୋଷ୍ଟ ବିକଳ୍ପ ଅତ୍ୟନ୍ତ ସୁରକ୍ଷିତ ଏବଂ ଏହାର ବ୍ୟବହାର ନେଇ ଜନସାଧାରଣଙ୍କର କୌଣସି ଚିନ୍ତା କରିବାର ଆବଶ୍ୟକତା ନାହିଁ। କେବଳ ଦିଲ୍ଲୀ ଆରବିଆଇ ଅଫିସକୁ ଗତ ମେ’ ୧୯ ତାରିଖରେ ଆରବିଆଇ ୨ ହଜାର ଟଙ୍କିଆ ନୋଟ୍ ପ୍ରଚଳନରୁ ପ୍ରତ୍ୟାହାର କରିବା ନେଇ ଘୋଷଣା କରିଥିଲା। ସେବେଠାରୁ ୨୦୨୩ ମେ’ ୧୯ ସୁଦ୍ଧା ପ୍ରଚଳନରେ ଥିବା ୨ ହଜାର ଟଙ୍କିଆ ନୋଟ୍ ମଧ୍ୟରୁ ୯୭ ପ୍ରତିଶତରୁ ଅଧିକ ନୋଟ୍ ଫେରସ୍ତ ହୋଇଛି। ଏବେ ଆରବିଆଇର ଶାଖା କାର୍ଯ୍ୟାଳୟ ଗୁଡିକରେ ନୋଟ୍ ବଦଳ ହେଉଛି।

# ୨୦୨୪ ନିର୍ବାଚନ ପୂର୍ବରୁ ସରିବ ୯ କେନ୍ଦ୍ରମନ୍ତ୍ରୀଙ୍କ ରାଜ୍ୟସଭା କାର୍ଯ୍ୟକାଳ

**ନୂଆଦିଲ୍ଲୀ :** ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଅପ୍ରେଲ ମାସ ପ୍ରଥମ ସପ୍ତାହରେ କେନ୍ଦ୍ରରେ ନରେନ୍ଦ୍ର ମୋଦୀ ସରକାରଙ୍କ ୯ ଜଣ ମନ୍ତ୍ରୀଙ୍କ ରାଜ୍ୟସଭା ସାଂସଦ ଭାବେ କାର୍ଯ୍ୟକାଳ ସମାପ୍ତ ହେବ। ତାଲିକାରେ ଓଡ଼ିଶାର ଉଭୟ କ୍ୟାବିନେଟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଅଛନ୍ତି। ରାଜ୍ୟସଭା ସଚିବାଳୟ ତଥ୍ୟ ଅନୁଯାୟୀ ମଧ୍ୟପ୍ରଦେଶରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅପ୍ରେଲ ୨ରେ ଏବଂ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ର ରେଳ, ସଞ୍ଚାର ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ରାଜ୍ୟସଭା ସାଂସଦ କାର୍ଯ୍ୟକାଳ ଅପ୍ରେଲ ୩ରେ ସମ୍ପୂର୍ଣ୍ଣ ହେବ। ଏଥିସହ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ବିଜେଡି ସାଂସଦ ଡ଼ ପ୍ରଶାନ୍ତ ନନ୍ଦ ଓ ଡ଼ ଅମର ପଟ୍ଟନାୟକଙ୍କ କାର୍ଯ୍ୟକାଳ ଅପ୍ରେଲ ୩ରେ ଶେଷ ହେବ। ଅଶ୍ୱିନୀ, ପ୍ରଶାନ୍ତ ଓ ଅମରଙ୍କ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେବା ପରେ ଓଡ଼ିଶାର ତିନୋଟି ଆସନ ଖାଲି ପଡ଼ିବ। ଅନ୍ୟ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରେ ଗୁଜୁରାଟରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ର ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ପୁରୁଷୋତ୍ତମ ରୁପାଲା, ମହାରାଷ୍ଟ୍ରରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମନ୍ତ୍ରୀ ନାରାୟଣ ରାଣେ ଏବଂ କେନ୍ଦ୍ର ବୈଦେଶିକ ବ୍ୟାପାର ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି ମୁରଲୀଧରନ, କର୍ଣ୍ଣାଟକରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ର ଇଲେକ୍ଟ୍ରୋନିକ୍ସ, ଆଇଟି, ଦକ୍ଷତା ବିକାଶ ଓ ଉଦ୍ୟମିତା ରାଷ୍ଟ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର, ମଧ୍ୟପ୍ରଦେଶରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ର ସୂଚନା ପ୍ରସାରଣ, ମତ୍ସ୍ୟ ଓ ପଶୁସମ୍ପଦ ରାଷ୍ଟ୍ରମନ୍ତ୍ରୀ ଡ଼ ଏଲ



ମୁରୁଗାନଙ୍କ ରାଜ୍ୟସଭା କାର୍ଯ୍ୟକାଳ ଅପ୍ରେଲ ୨ରେ ଶେଷ ହେଉଛି। ସେହିପରି ରାଜସ୍ଥାନରୁ ପ୍ରତିନିଧିତ୍ୱ କରୁଥିବା କେନ୍ଦ୍ର ଶ୍ରମ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ସାଂସଦ ଭାବେ କାର୍ଯ୍ୟକାଳ ଅପ୍ରେଲ ୩ରେ ସମ୍ପୂର୍ଣ୍ଣ ହେବ। ଏଥିସହ ବିଜେପିର ରାଷ୍ଟ୍ରୀୟ ସଭାପତି ଜଗତ ପ୍ରକାଶ ନଡ୍ଡା ଏବଂ ଓଡ଼ିଶା ବିଜେପି ସଂଗଠନ ସହ-ପ୍ରଭାରୀ ବିଜୟପାଲ ସିଂ ତୋମାରଙ୍କ କାର୍ଯ୍ୟକାଳ ମଧ୍ୟ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଅପ୍ରେଲ ୨ରେ ସମାପ୍ତ ହେଉଛି। ବିଜେପିର ରଣନୀତି ଅନୁଯାୟୀ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ରାଜ୍ୟସଭାରୁ ପ୍ରତିନିଧିତ୍ୱ କରୁଥିବା ଅଧିକାଂଶ ନେତାଙ୍କୁ ଲୋକସଭା ନିର୍ବାଚନ ଲଢ଼ିବାକୁ କୁହାଯିବ। ଇତିମଧ୍ୟରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରୁ ଲୋକସଭା ନିର୍ବାଚନ ଲଢ଼ିବା ପାଇଁ ନିଜ ଆଡୁ ଶୀର୍ଷ ନେତୃତ୍ୱଙ୍କୁ ଇଚ୍ଛା ଜଣାଇ ସାରିଛନ୍ତି। ସେହିପରି ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ବାଲେଶ୍ୱର ଅଥବା କଟକ ଲୋକସଭା ଆସନରୁ ନିର୍ବାଚନ ଲଢ଼ିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଉଛି। ଯେହେତୁ ରାଜ୍ୟସଭା ସାଂସଦଙ୍କ କାର୍ଯ୍ୟକାଳ ଅପ୍ରେଲ ପ୍ରଥମ ସପ୍ତାହରେ ସମାପ୍ତ ହେଉଛି ଭାରତୀୟ ନିର୍ବାଚନ ଆୟୋଗ ନିଶ୍ଚିତ ଭାବେ ଏସବୁ ଆସନ ଲାଗି ଫେବୃଆରୀ ପ୍ରଥମ ସପ୍ତାହରେ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିବେ। ୨୦୨୪ ସାଧରଣ ନିର୍ବାଚନ ପୂର୍ବରୁ ଓଡ଼ିଶାର ତିନୋଟି ରାଜ୍ୟସଭା ଆସନ ଲାଗି ନିର୍ବାଚନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶା ବିଧାନସଭା ସଂଖ୍ୟାଗଣିତ ଅନୁଯାୟୀ ସମସ୍ତ ତିନୋଟି ଆସନ ବିଜେଡି ହାତକୁ ଯାଇପାରେ। ୨୦୧୯ ରାଜ୍ୟସଭା ଉପନିର୍ବାଚନରେ ବିଜେଡି ମୁଖିଆ ତତ୍କାଳୀନ ବିଜେପି ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ କରି ତାଙ୍କୁ ସଂସଦକୁ ପଠାଇଥିଲେ। ୨୦୨୪ ରାଜ୍ୟସଭା ନିର୍ବାଚନରେ ଠିକ୍ ସେଭଳି ଘଟଣାର ପୁନାରବୃତ୍ତି ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ। ଯଦି ୨୦୨୪ ରାଜ୍ୟସଭା ନିର୍ବାଚନରେ ଦଳ ସମସ୍ତ ତିନୋଟି ଆସନରେ ପ୍ରାର୍ଥୀ ଦେଇ ବିଜୟୀ ହୁଏ ସେଭଳି ସ୍ଥିତିରେ ଦଳୀୟ ସାଂସଦ ସଂଖ୍ୟା ୧୦ରେ ପହଞ୍ଚିବ ଯାହାକି ବିଜେଡିର ସଂସଦୀୟ ଇତିହାସରେ ସର୍ବାଧିକ ସଂଖ୍ୟା ହେବ। ସମ୍ପ୍ରତି ରାଜ୍ୟସଭାରେ ଦଳର ସାଂସଦ ସଂଖ୍ୟା ୯ ରହିଛି। ସଂଖ୍ୟା ଦୃଷ୍ଟିରୁ ରାଜ୍ୟସଭାରେ ବିଜେଡି ଷଷ୍ଠ ବୃହତ୍ତମ ଦଳ। ୨୦୨୪ ରାଜ୍ୟସଭା ନିର୍ବାଚନ ପରେ ଦଳ ତିନୋଟି ପାହାଚ ଉପରକୁ ଚଢ଼ି ଚତୁର୍ଥ ବୃହତ୍ତମ ରାଜନୈତିକ ଦଳର ମାନ୍ୟତା ପାଇବ। ଏବେ ରାଜ୍ୟସଭାରେ ବିଜେପିର ୯୪ ଜଣ, କଂଗ୍ରେସର ୩୦ ଜଣ, ତୃଣମୂଳ କଂଗ୍ରେସର ୧୩ ଜଣ, ଆମ ଆଦମି ପାର୍ଟି ଓ ଡିଏମକେର ୧୦ ଜଣ ଲେଖାଏଁ ସାଂସଦ ଅଛନ୍ତି। ଅପ୍ରେଲ ପ୍ରଥମ ସପ୍ତାହରୁ ମେ ଦ୍ୱିତୀୟ ସପ୍ତାହ ମଧ୍ୟରେ ୨୦୨୪ ଲୋକସଭା ନିର୍ବାଚନ ସମ୍ଭାବନା ରହିଛି।

# ମଧ୍ୟପ୍ରାଚ୍ୟ ଆତଙ୍କବାଦୀ ସଙ୍ଗଠନକୁ ଅସ୍ତ୍ରଶସ୍ତ୍ର ବିକି ପାରନ୍ତି କିମ୍ ଜଙ୍ଗ୍ ଉନ୍: ରିପୋର୍ଟ

**ନୂଆଦିଲ୍ଲୀ :** ମଧ-ପ୍ରାଚ୍ୟର ଆତଙ୍କବାଦୀ ସଙ୍ଗଠନକୁ ଅସ୍ତ୍ରଶସ୍ତ୍ର ବିକ୍ରୟ କରିବା କଥା ଉତ୍ତର କୋରିଆର ନେତା କିମ୍ ଜଙ୍ଗ୍ ଉନ୍ ବିଚାର କରୁଛନ୍ତି ବୋଲି ଦକ୍ଷିଣ କୋରିଆ ଗୁଇନ୍ଦା ଏଜେନ୍ସିସୂତ୍ରରୁ ଉଦ୍ଧାର କରି ‘ଦି ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍’ ରିପୋର୍ଟ କରିଛି।ଇସ୍ରାଏଲ-ହମାସ୍ ଯୁଦ୍ଧ ଚାଲିଥିବା ବେଳେ ପାଲେଷ୍ଟିନୀୟମାନଙ୍କୁ ସମର୍ଥନ କରିବା ଲାଗି ମଧ ସେ ତାଙ୍କ ଅଧିକାରୀମାନଙ୍କୁ ଆଦେଶ ଦେଇଛନ୍ତି। ଆଣବିକ ଅସ୍ତ୍ରଶସ୍ତ୍ର କାର୍ଯ୍ୟକ୍ରମ ପାଇଁ ଜାତିସଂଘର କଟକଣା ସମ୍ମୁଖୀନ ହୋଇଥିବା ଉତ୍ତର କୋରିଆ ଅତୀତରେ ହମାସ୍କୁ ‘ଆଣ୍ଟି-ଟ୍ୟାଙ୍କ୍ ରକେଟ୍ ଲଞ୍ଚର’ ବିକ୍ରୟ କରିଛି ବୋଲି ଗୁଇନ୍ଦାମାନଙ୍କ ସହିତ ସଂକ୍ଷିପ୍ତ ଆଲୋଚନା କରିଥିବା କୋରୀୟ ସାଂସଦମାନେ କହିଛନ୍ତି।



ଗାଜାରେ ଯୁଦ୍ଧ ଚାଲିଥିବାରୁ ଉତ୍ତର କୋରିଆ ଅଧିକ ଅସ୍ତ୍ରଶସ୍ତ୍ର ରପ୍ତାନି କରିବା ଲାଗି ଉଦ୍ୟମ କରୁଛି।‘କୋରିଆ ହେରାଲ୍ଡ’ ରିପୋର୍ଟ ଅନୁସାରେ, ସାଂସଦମାନଙ୍କୁ ଦକ୍ଷିଣ କୋରିଆର ‘ନ୍ୟାସ୍ନାଲ୍ ଇଣ୍ଟେଲିଜେନ୍ସ ଏଜେନ୍ସି’ର ନିର୍ଦ୍ଦେଶକ କିମ୍ କିୟୋ-ହ୍ୟୁଁ କହିଛନ୍ତି ଯେ, ଯୁଦ୍ଧଦ୍ୱାରା ଉପକୃତ ହେବାକୁ ଆଶାକରି ପାଲେଷ୍ଟାଇନ୍କୁ ବ୍ୟାପକ ସମର୍ଥନ କରିବା ପାଇଁ କିମ୍ ଜଙ୍ଗ୍ ଉନ୍ ଆହ୍ୱାନ ଦେଇଥିବା ବିଶ୍ୱାସ କରାଯାଉଛି। ଅକ୍ଟୋବର୍ ୭ ତାରିଖରେ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିବା ବେଳେ ଆତଙ୍କବାଦୀମାନେ ଉତ୍ତର କୋରିଆରେ ନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲେ ବୋଲି ହମାସ୍ ପୋଷ୍ଟ୍ କରିଥିବା ଫଟୋ ଓ ଭିଡିଓରୁ ପ୍ରମାଣ ମିଳୁଛୁ। ଦକ୍ଷିଣ କୋରିଆର ସରକାରୀ ଅଧିକାରୀ ଓ ଉତ୍ତର କୋରିଆର ଅସ୍ତ୍ରଶସ୍ତ୍ର ଉପରେ ବିଶେଷ ଜ୍ଞାନ ଥିବା ୨ଜଣ ପ୍ରତିରକ୍ଷା ଅଧିକାରୀଙ୍କ କହିବା ଅନୁସାରେ, ହମାସ୍ ଉତ୍ତରକୋରୀୟ ଏଫ୍-୧ ରକେଟ୍‌ଦ୍ୱାରା ନିକ୍ଷେପ କରାଯାଉଥିବା ଗ୍ରେନେଡ୍ ଓ ଯୁଦ୍ଧଯାନକୁ ନଷ୍ଟ କରିବା ଲାଗି କାନ୍ଧରେ ରଖି ନିକ୍ଷେପ କରାଯାଉଥିବା ଅସ୍ତ୍ର ବ୍ୟବହାର କରିଥିବା କରିଥାଇ ପାରେ।

## ୟୁପିଆଇ ମାଧ୍ୟମରେ ଅକ୍ଟୋବରରେ ହୋଇଛି ୧୦୦୦ କୋଟିର କାରବାର

**ନୂଆଦିଲ୍ଲୀ :** ଭାରତରେ ଡିଜିଟାଲ ପେମେଣ୍ଟର ଧାରା ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସର ଏକ ବଡ଼ ଭୂମିକା ରହିଛି। ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଅକ୍ଟୋବରରେ ସାରା ଦେଶରେ ୧୦୦୦ କୋଟିରୁ ଅଧିକ ଟଙ୍କାର ୟୁପିଆଇ କାରବାରର ରେକର୍ଡ ହୋଇଥିଲା। ଏଠାରେ କଥା ହେଉଛି ଯେ, କ୍ରମାଗତ ତୃତୀୟ ମାସ ଯେତେବେଳେ କି ୟୁପିଆଇ କାରବାର ସଂଖ୍ୟା ୧୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଚଳିତବର୍ଷର ଅକ୍ଟୋବରରେ, ଉପଭୋକ୍ତାମାନେ ମୋଟ ୧,୪୧୪ କୋଟି ଟଙ୍କାର କାରବାର ମାଧ୍ୟମରେ ପରସ୍ପରକୁ ୧୭.୧୬ ଲକ୍ଷ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ସୂଚନାଯୋଗ୍ୟ ଯେ କାରବାରରେ ୟୁପିଆଇ ବ୍ୟବହାରରେ ବାର୍ଷିକ ୫୫ ପ୍ରତିଶତ ଏବଂ କାରବାର ପରିମାଣ ଅନୁଯାୟୀ ୪୨ ପ୍ରତିଶତ ଅଭିବୃଦ୍ଧି କେବଳ ବୃଦ୍ଧି ଅକ୍ଟୋବରରେ ରେକର୍ଡ କରାଯାଇଛି। ସେପ୍ଟେମ୍ବର ୨୦୨୩ର ତଥ୍ୟ ବିଷୟରେ କହିବାକୁ ଗଲେ, ଉପଭୋକ୍ତାମାନେ ୟୁପିଆଇ ମାଧ୍ୟମରେ ୧୦୫୬ କୋଟି ଟଙ୍କାର କାରବାର ମାଧ୍ୟମରେ ୧୫.୮୦ ଲକ୍ଷ କୋଟି ଟଙ୍କା କାରବାର କରିଥିଲେ। ଅଗଷ୍ଟ ମାସରେ, ୧୦୫୮ କୋଟି କାରବାର ମାଧ୍ୟମରେ ୧୫.୭୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ମୋଟ କାରବାର କରାଯାଇଥିଲା। ୨୦୧୬ ରେ ଆରମ୍ଭ ହୋଇଥିବା ୟୁପିଆଇର ଧାରା ଭାରତରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଆଜିକାଲି ଲୋକମାନେ ନଗଦ କାରବାର ପରିବର୍ତ୍ତେ ଡିଜିଟାଲ ପେମେଣ୍ଟ କରିବାକୁ ପସନ୍ଦ କରୁଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଉତ୍ସବର ତୁ ହେତୁ ନଭେମ୍ବରରେ ୟୁପିଆଇ କାରବାରରେ ଆହୁରି ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି।

# ବିଷାକ୍ତ ବାୟୁ; ମାସ୍କ ପିନ୍ଧିବା ବାଧ୍ୟତାମୂଳକ

**ନୂଆଦିଲ୍ଲୀ:** ଜାରି ହେଲା ଜରୁରିକାଳୀନ ପରିସ୍ଥିତି। ପୁଣି ବାଧ୍ୟତାମୂଳକ ହେଲା ମାସ୍କ ପିନ୍ଧିବା। ଭାରତର ପଡୋଶୀ ଦେଶ ପାକିସ୍ତାନର ପଞ୍ଜାବରେ ଲାଗିଲା ଏମରଜେନ୍ସି। ଏଠାକର ପ୍ରଦୂଷଣ ସ୍ତର ବ୍ୟାପକ ରୂପେ ବଢ଼ି ଚାଲିଛି। ସ୍ଥିତି ଏପରି ହୋଇଛି ଯେ ଏଠି ନିଶ୍ୱାସ ନେବା ବି ମୁସକିଲ ହୋଇପଡିଛି। ପାକିସ୍ତାନରେ ଏବେ ଏହା ସବୁଠୁ ବଡ ଚିନ୍ତାର କାରଣ ପାଲଟିଛି। ପ୍ରଦୂଷଣକୁ ଦୃଷ୍ଟରେ ରଖି ଏଠି ଏମରଜେନ୍ସି ଲାଗୁ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଶୀତ ଆସିଲେ ଏଠି ବଢ଼ି ଚାଲୁଛି ପ୍ରଦୂଷଣ ମାତ୍ରା। ବିଷାକ୍ତ ହୋଇପଡୁଛି ବାୟୁ। ପାକିସ୍ତାନର ବିଭିନ୍ନ ଅଞ୍ଚଳରେ ପାରୋଲ ଜାଳୁଛନ୍ତି ଲୋକେ। ଲାହୋର ସହରରେ ପ୍ରଦୂଷଣ ସମସ୍ୟା ସହରବାସୀଙ୍କ ସମେତ ସରକାରଙ୍କର ମୁଣ୍ଡବିନ୍ଧାର କାରଣ ସାଜିଛି। ଏହାକୁ ନେଇ ପାକିସ୍ତାନର ପଞ୍ଜାବ ସରକାର ପୂରା ଅଞ୍ଚଳରେ ‘ସ୍ମଗ ଏମରଜେନ୍ସି’ ଲାଗୁ କରିଛନ୍ତି। ବାୟୁର ଗଣବତ୍ତା ଲଗାତର ଖରାପ ହେବା ପରେ ଲାହୋର ହାଇକୋର୍ଟ ସରକାରଙ୍କ ଉପରେ ବର୍ଷିଥିଲେ। ବାୟୁ ପ୍ରଦୂଷଣ ଦୂର କରିବା ପାଇଁ କ’ଣ କ’ଣ ପଦେକ୍ଷପ ନିଆଯାଇଛି ସେ ନେଇ ଜବାବ ମାଗିଥିଲେ। କୋର୍ଟ ସହରରେ ଏମରଜେନ୍ସି ଲାଗୁ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଦୂଷଣ କରୁଥିବା



କାରଖାନାଗୁଡିକ ପୁଣି ଥରେ ନ ଖୋଲିବାକୁ ତାଗିଦ୍ କରିଛନ୍ତି। ଏଥିସହ ଲାହୋରର ଆୟୁକ୍ତଙ୍କ ସମେତ ସମସ୍ତ ଅଧିକାରୀ ସ୍କୁଲ ଓ କଲେଜ ଗସ୍ତ କରି ଏ ବିଷୟରେ ପିଲାଙ୍କୁ ଅବଗତ କରିବାକୁ କୋର୍ଟ କହିଛନ୍ତି। ପ୍ରଦୂଷଣ ଯୋଗୁ ଲାହୋର ବିଷାକ୍ତ ଗ୍ୟାସ ଚାମ୍ବରରେ ପରିଣତ ହୋଇଛି। ଏଥିଯୋଗୁ ସହରବାସୀଙ୍କ ମଧ୍ୟରେ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଛି। ଲାହୋର ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ଭାବେ ତାଲିକାର ଶୀର୍ଷରେ ଥିବା ଏକ ସର୍ଭେରୁ ଜଣାପଡିଛି। ରିପୋର୍ଟ ଅନୁଯାୟୀ, ଏଠାରେ ବାୟୁର ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୨୫୫ ରହିଛି। ସୋମବାର ଏହା ୪୪୭ରେ ପହଞ୍ଚି ଯାଇଥିଲା। ତେଣୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ମୋହସିନ ନକବି ପଞ୍ଜାବରେ ସ୍ମଗ୍ ଏମରଜେନ୍ସି ଲାଗୁ କରିଛନ୍ତି। ଏଥିସହ ସମସ୍ତ ସରକାରୀ ଓ ଘରୋଇ ସ୍କୁଲର ଛାତ୍ରଛାତ୍ରୀଙ୍କୁ ମାସ୍କ ପିନ୍ଧିବାକୁ କୁହାଯାଇଛି। ଘରୁ ବାହାରକୁ ବାହାରିଲେ ମାସ୍କ ପିନ୍ଧିବା ପାଇଁ ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି। ନିର୍ମାଣ କାମରେ ପାଣି ସିଞ୍ଚନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଯଦି ଏହାର ଖିଲାଫ ହୁଏ ତେବେ କଡା କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ। ଏଥିସହ କୃଷକଙ୍କୁ ପାରୋଲ ନ ଜାଳିବାକୁ ମଧ୍ୟ ସରକାରଙ୍କ ତରଫରୁ ଅନୁରୋଧ କରାଯାଇଛି।

## ଡିଗ୍ରୀ କଲେଜରୁ ଅଲଗା ହେବ +୨ କଲେଜ୍

## ୫ ଜିଲ୍ଲାରେ ଆରମ୍ଭ ହେବ ପାଇଲଟ୍ ପ୍ରୋଜେକ୍ଟ

**ଭୁବନେଶ୍ୱର:** ଡିଗ୍ରୀ କଲେଜରୁ ଅଲଗା ହେବ ଯୁକ୍ତ ଦୁଇ କଲେଜ୍। ଅକ୍ଟୋବର ୫ରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚ ସ୍ତରୀୟ ବୈଠକରେ ନିଷ୍ପତି। ୫ ଜିଲ୍ଲାରେ ଆରମ୍ଭ ହେବ ପାଇଲଟ୍ ପ୍ରୋଜେକ୍ଟ। କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ଥିବା ଡିଗ୍ରୀ କଲେଜ ଗୁଡ଼ିକରୁ ଯୁକ୍ତ ଦୁଇ କଲେଜକୁ ପ୍ରଥମ ପର୍ଯ୍ୟାୟରେ ଅଲଗା କରାଯିବ। ନିକଟରେ ଥିବା ହାଇ ସ୍କୁଲ କିମ୍ବା ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯିବ ଯୁକ୍ତ ଦୁଇ କଲେଜ୍। ସେହିପରି ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ଅଧ୍ୟାପକ ଓ କର୍ମଚାରୀ ପଦବୀକୁ ଅସ୍ଥାୟୀ ଭାବେ ପୂରଣ କରାଯିବ। ଅବସର ପ୍ରାପ୍ତ ଅଧ୍ୟାପକ, ଗେଷ୍ଟ ଫାକଲଟି ନିଯୁକ୍ତ କରି ଶିକ୍ଷକ ମରୁଡି ସମସ୍ୟାର ଦୂର କରିବା ପାଇଁ ନିଷ୍ପତି ହୋଇଛି।

## ସ୍ୱାସ୍ଥ୍ୟସେବାରେ ନିୟୋଜିତ ହେବେ ଆଉ ୭୦ ଆମ୍ବୁଲାନ୍ସ




**ଭୁବନେଶ୍ୱର :** ରାଜ୍ୟରେ ରୋଗୀ ସେବା ହେବ ଆହୁରି ସଶକ୍ତ। ଆଉ ୭୦ଟି ଆମ୍ବୁଲାନ୍ସ କିଣିବେ ରାଜ୍ୟ ସରକାର। ୭୦ଟି ଆମ୍ବୁଲାନ୍ସ ମଧ୍ୟରେ ୩୦ଟି ଅତ୍ୟାଧୁନିକ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ରହିଥିବାବେଳେ ବାକି ୪୦ଟି ବେସିକ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ରହିଛି। ଏଗୁଡ଼ିକ ୧୦୮ ଆମ୍ବୁଲାନ୍ସ ପରିସୀମା ବାହାରେ କାମ କରିବ। ବିଶେଷ କରି ବିଏସକେୱାଇରେ ରେଫର ହେଉଥିବା ରୋଗୀଙ୍କୁ ଏହି ଆମ୍ବୁଲାନ୍ସ ସେବା ଯୋଗାଇବ। ୧୦୮ ଆମ୍ବୁଲାନ୍ସ କେବଳ ସରକାରୀ ଡାକ୍ତରଖାନାକୁ ରୋଗୀଙ୍କୁ ନେଉଥିବାବେଳେ ନୂତନ ଆମ୍ବୁଲାନ୍ସ ବିଏସକେୱାଇ ଅନୁବନ୍ଧିତ ବେସରକାରୀ ଡାକ୍ତରଖାନାକୁ ମଧ୍ୟ ରୋଗୀଙ୍କୁ ନେବାଆଣିବା କରିବ। ଘରୋଇ ହସ୍ପିଟାଲକୁ ରେଫର ହେଉଥିବା ରୋଗୀଙ୍କୁ ନୂତନ ଆମ୍ବୁଲାନ୍ସ ସେବା ଯୋଗାଇବ। ଭିଆଇପି ଡ୍ୟୁଟି ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମଧ୍ୟ ନିୟୋଜିତ କରାଯିବ। ଗୋଟିଏ ଆମ୍ବୁଲାନ୍ସ ପାଇଁ ନିଯୁକ୍ତି ପାଇବେ ୨ ଜଣ ଡ୍ରାଇଭର। ସେମାନଙ୍କୁ ମାସିକ ୧୫ ହଜାର ଟଙ୍କା ପ୍ରଦାନ କରାଯାଇବ। ୨ ଜରୁରୀକାଳିନ ମେଡିକାଲ ଟେକ୍ନିସିଆନ, ହେଲପର ମଧ୍ୟ ନିଯୁକ୍ତି ପାଇବେ। ଏନେଇ ସମସ୍ତ ମେଡିକାଲ କଲେଜ ସୁପରିନଟେଣ୍ଡେଣ୍ଟ, ସିଡିଏମଓ ଏବଂ ପିଏଚଓଙ୍କୁ ଚିଠି ଲେଖିଛି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ପଞ୍ଜିକରଣ ଆରମ୍ଭ

**ଭୁବନେଶ୍ୱର :** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ରାଜ୍ୟରେ ଥିବା ୩୧୪ଟି ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଓ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ଦେବା ପାଇଁ ଛାତ୍ରଛାତ୍ରୀମାନେ www.oav.edu.inରେ ନାମ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣର ଶେଷ ତାରିଖ ନଭେମ୍ବର ୨୦ ତାରିଖକୁ ଧାର୍ଯ୍ୟ ହୋଇଛି। ଏ ସଂପର୍କରେ ଆଜି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଉପଲବ୍ଧ ଥିବା ସମସ୍ତ ସିଟ୍ ମଧ୍ୟରୁ ୫୦ପ୍ରତିଶତ ସିଟ୍ ଛାତ୍ରୀମାନଙ୍କ ପାଇଁ ସଂରକ୍ଷିତ ରହିଛି। ସୂଚନା ଅନୁଯାୟୀ, ରାଜ୍ୟରେ ୧୧୭ଟି ଆଦର୍ଶ ବିଦ୍ୟାଳୟରେ ଛାତ୍ରୀନିବାସ କାର୍ଯ୍ୟକ୍ଷମ ହେଉଛି।

### ନିଷ୍କେଷିତ ପିଲାଙ୍କୁ ଉଚ୍ଚଶିକ୍ଷା ପାଇଁ ମିଳୁନି ସହାୟତା

# ଜିଲ୍ଲାରେ ପଡ଼ି ରହିଛି ଶହ ଶହ ଆବେଦନ

**ଭୁବନେଶ୍ୱର :** ପ୍ରତିକୂଳ ପରିସ୍ଥିତିରେ ବି ଉଚ୍ଚଶିକ୍ଷା ପାଇଁ ଚାହୁଁଥିବା ଗରିବ ଓ ନିଷ୍କେଷିତ ପିଲାମାନଙ୍କ ଉପରେ ଦାଉ ସାଧିଛି ଜିଲ୍ଲା ପ୍ରଶାସନ। ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା 'ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା'ରେ ଏଭଳି ଗରିବ ପିଲାଙ୍କୁ ସ୍ନାତକ ଓ ସ୍ନାତକୋତ୍ତର ସମେତ ବୈଷୟିକ ଓ ପ୍ରଫେସନାଲ ପାଠ ପଢ଼ିବା ପାଇଁ ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ଥିବା ସତ୍ତ୍ୱେ ଜିଲ୍ଲା ପ୍ରଶାସନର ବେପରୁଆ ନୀତି ଯୋଗୁ ସେମାନଙ୍କୁ ସହାୟତା ମିଳିପାରୁନି। ଏପରିକି ଗତ ଦୁଇବର୍ଷ ଧରି ଶହ ଶହ ଆବେଦନ ଜିଲ୍ଲା ପ୍ରଶାସନ ଏସବୁ ଆବେଦନର ସୁପାରିଶ ବିଭାଗକୁ କରୁନଥିବାରୁ ସେହି ଗରିବ ବର୍ଗର ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ମଞ୍ଜୁର କରିବା ସମ୍ଭବପର ହୋଇପାରୁନଥିବା ଜଣାପଡ଼ିଛି। ଗତ ୨ବର୍ଷ ଧରି ୮୯୯ଜଣ ଗରିବ ପିଲା କରିଥିବା ଆବେଦନକୁ ପକାଇ ରଖି ସେମାନଙ୍କ ଭବିଷ୍ୟତ ସହ ଖେଳିଥିବା ସରକାରୀ ଅଫିସରଙ୍କ ବିରୁଦ୍ଧରେ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ସୂଚନା ଅନୁସାରେ, ରାଜ୍ୟରେ ଗରିବ ଓ ନିଷ୍କେଷିତ ବର୍ଗର ପିଲାମାନଙ୍କୁ 'ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନା'ରେ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାର ପ୍ରାବଧାନ ରହିଛି। ଏଡସ୍ ପୀଡ଼ିତ ଅଭିଭାବକ, ବାସସ୍ଥାନ ନଥିବା ପରିବାର, ଦୁଃସ୍ଥ ଓ ଆର୍ଥିକ ଅନଟନରେ ଥିବା ପରିବାର, ମେହେନ୍ତର, ଆଦିମ ଜନଜାତି, ଗୋତିଶ୍ରମିକ ମୁକ୍ତ ପରିବାର ଓ ଏକାକୀ ମା' ଥିବା ପରିବାରର ପିଲାମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ସରକାର ଏହି ଗୋପବନ୍ଧୁ ଶିକ୍ଷା ସହାୟତା ଯୋଜନାରେ ବାର୍ଷିକ ୨୦ହଜାର ଟଙ୍କାର ଆର୍ଥିକ ସହାୟତା ଦେବାର ପ୍ରାବଧାନ ରହିଛି। ଗ୍ରାଜୁଏସନ୍ , ପିଜି ସହ ଟେକନିକାଲ ଓ ପ୍ରଫେସନାଲ ପାଠ୍ୟକ୍ରମ ପାଇଁ ମଧ୍ୟ ଏହି ସହାୟତା ସରକାର ଯୋଗାଇ ଦେବାର ବ୍ୟବସ୍ଥା ଅଛି। ସରକାରଙ୍କ ଏହି ଯୋଜନାରୁ ଉପକୃତ ହେବା ପାଇଁ ଏସବୁ ବର୍ଗର ପିଲାମାନେ ଉଚ୍ଚଶିକ୍ଷା ନିମନ୍ତେ ଆର୍ଥିକ ସହାୟତା ପାଇଁ ବିଧିବଦ୍ଧ ଆବେଦନ କରିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନର ଖାମଖିଆଲି ନୀତି ଯୋଗୁ ସେସବୁ ଆବେଦନ ଜିଲ୍ଲାସ୍ତରରେ ପଡ଼ିରହିଛି। ୨୦୨୧-୨୨ ଶିକ୍ଷା ବର୍ଷରେ ୧୪ଟି ଜିଲ୍ଲାର ୩୦ଟି କଲେଜର ୧୭୨ଜଣ ଛାତ୍ରଛାତ୍ରୀଙ୍କ ଆବେଦନ ପଡ଼ିରହିଥିବାବେଳେ ୨୦୨୨-୨୩ ଶିକ୍ଷାବର୍ଷରେ ୨୦ଟି ଜିଲ୍ଲାର ୧୩୧ଟି କଲେଜର ୭୨୭ଜଣ ଛାତ୍ରଛାତ୍ରୀଙ୍କ ଆବେଦନ ଜିଲ୍ଲା ସମାଜମଙ୍ଗଳ ଅଧିକାରୀଙ୍କ ପାଖରେ ପଡ଼ିରହିଥିବା ଜଣାପଡ଼ିଛି। ପ୍ରାବଧାନ ଅନୁସାରେ, ପ୍ରତ୍ୟେକ ଆବେଦନକୁ ଜିଲ୍ଲାସ୍ତରର କମିଟି ଯାଞ୍ଚ ଓ ମଞ୍ଜୁର କରିବା ସହ ବିଭାଗ ପାଖକୁ ସୁପାରିଶ ପଠାଇବ। କିନ୍ତୁ ୨ଟି ଶିକ୍ଷାବର୍ଷରେ ଏସବୁ ଗରିବ ଓ ନିଷ୍କେଷିତ ବର୍ଗର ୮୯୯ଜଣ ଛାତ୍ରଛାତ୍ରୀଙ୍କ ଆବେଦନକୁ ଜିଲ୍ଲା ପ୍ରଶାସନ ପକାଇ ରଖିଛି। ଏସବୁ ଦୃଷ୍ଟିରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ମାସକ ମଧ୍ୟରେ ଏହି ଆବେଦନଗୁଡ଼ିକୁ ଯାଞ୍ଚ କରି ବିଭାଗକୁ ପଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାଫଳରେ ସମ୍ପୃକ୍ତ ଗରିବ ପିଲାମାନେ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପାଇପାରିବେ ବୋଲି ଉଲ୍ଲେଖ ରହିଛି। ୨୦୨୧-୨୨ ଶିକ୍ଷା ବର୍ଷରେ ଗଜପତି ଜିଲ୍ଲାରୁ ୬୦ଟି ଆବେଦନ (୫୭ଜଣ ଛାତ୍ରଛାତ୍ରୀ ପାରଳାଖେମୁଣ୍ଡିସ୍ଥିତ ଏସକେସିଜି ସ୍ୱୟଂଶାସିତ କଲେଜରୁ) କରିଥିବାବେଳେ ଗଞ୍ଜାମ ଜିଲ୍ଲାରୁ ୭୩ଟି (ଖଲ୍ଲିକୋଟ କଲେଜରୁ ୪୯ଜଣ) ଆବେଦନ କରିଥିଲେ। ସେହିପରି ୨୦୨୨-୨୩ ଶିକ୍ଷା ବର୍ଷରେ ଗଜପତି ଜିଲ୍ଲାରୁ ୨୦୩ଜଣ, ଗଞ୍ଜାମ ଜିଲ୍ଲାରୁ ୨୮୦ଜଣ ଛାତ୍ରଛାତ୍ରୀଙ୍କ ସମେତ ଭଦ୍ରକରୁ ୯୦ଜଣ, କଟକରୁ ୫୪ଜଣ, ଖୋର୍ଦ୍ଧାରୁ ୨୫ଜଣ ଛାତ୍ରଛାତ୍ରୀ ଏହି ସହାୟତା ପାଇଁ ଆବେଦନ କରିଛନ୍ତି। କିନ୍ତୁ ସରକାରୀ କଳର ବେପରୁଆ ନୀତି ଯୋଗୁ ପାଠ ପଢ଼ିବାକୁ ଚାହୁଁଥିବା ଏହି ଆର୍ଥିକ ଅନଗ୍ରସର ପିଲାମାନେ ସରକାରୀ ସହାୟତାରୁ ବଞ୍ଚିତ ହୋଇଛନ୍ତି। ତେବେ ଆଶ୍ଚର୍ଯ୍ୟର କଥା ଏଭଳି ଗୁରୁତର ତ୍ରୁଟି କରି ଗରିବ ଛାତ୍ରଛାତ୍ରୀଙ୍କ ଭାଗ୍ୟ ଓ ଭବିଷ୍ୟତ ସହ ଖେଳିଥିବା ସରକାରୀ ଅଫିସରମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ସରକାର ଆନ୍ତରିକତା ଦେଖାଇନାହାନ୍ତି। ଗରିବ ପିଲାଟିଏ ଯଦି ଠିକ୍ ସମୟରେ ଆର୍ଥିକ ସହାୟତା ନପାଏ ସେ କିଭଳି ତା'ର ପାଠ ଶେଷ କରିବ ଓ ନିଜର ସ୍ୱପ୍ନ ପୂରଣ କରିପାରିବ ତାହା କେବେ ଯେ ସରକାରୀ ବାବୁମାନେ ବୁଝିବେ ତାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା।

# ବିଶ୍ୱକୁ ପ୍ରଦୂଷଣ ମୁକ୍ତ କରିବ ଇଭି



**ଭୁବନେଶ୍ୱର :** ବିଦ୍ୟୁତ୍ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ବୈଦ୍ୟୁତିକ ଯାନ-ଇଭି ପ୍ରଦର୍ଶନ ତଥା କର୍ମଶାଳା ଆୟୋଜିତ ହୋଇଯାଇଛି ଏଥିରେ ବିଭିନ୍ନ ମଡେଲର ଇଭି କାର, ଅଟୋ, ବାଇକ୍, ସ୍କୁଟି ଓ ସାଇକେଲ ପ୍ରଦର୍ଶିତ ହୋଇଥିଲା। ଇଭି ବ୍ୟବହାର ଦ୍ୱାରା ପରିବେଶ ସୁରକ୍ଷା ପାଇଁ ସଚେତନ କରାଯାଇଥିଲା। ବୈଦ୍ୟୁତିକ ଯାନ ସମ୍ପର୍କରେ ଲୋକଙ୍କ ମନରେ ଥିବା ଭୁଲ ଧାରଣାକୁ ଏହି ପ୍ରଦର୍ଶନୀରେ ଦୂର କରାଯାଇଥିଲା। ବୈଦ୍ୟୁତିକ ଯାନ ଚାର୍ଜ ହେବା ପାଇଁ ଦୀର୍ଘ ସମୟ ଲାଗେନାହିଁ। ଏଥିରେ ଆବଶ୍ୟକ ଅନୁସାରେ ଦ୍ରୁତ ଗତିରେ ଚଲାଇ ହେବ। ବାରମ୍ବାର ବ୍ୟାଟେରି ବଦଳାଇବାର ଆଦୌ ଆଶଙ୍କା ନାହିଁ। ଏହା ସହିତ ବହୁତ ଇଭି ଚାର୍ଜିଂ ଷ୍ଟେସନ ଖୋଲିବାରେ ଲାଗିଲାଣି। ସମଗ୍ର ବିଶ୍ୱରେ ପ୍ରଦୂଷଣକୁ କମାଇବା ଏବଂ ବିଦ୍ୟୁତ୍ ସଂଚୟ ପାଇଁ ଉଦ୍ୟମ ଚାଲିଛି। ସେହି କ୍ରମରେ ଓଡ଼ିଶା ସରକାର ମଧ୍ୟ ନିଜସ୍ୱ ଇଭି-ନୀତି ପ୍ରସ୍ତୁତ କରିବା ସହ ବୈଦ୍ୟୁତିକ ଯାନ କ୍ରୟକୁ ପ୍ରୋତ୍ସାହିତ କରୁଛନ୍ତି। ଏହା କିଣିବା ପାଇଁ ସୁଧ ହାରରେ ରିହାତି ସହ ୫ ହଜାରରୁ ୪ଲକ୍ଷ ଟଙ୍କା ଯାଏ ପ୍ରୋତ୍ସାହନର ବ୍ୟବସ୍ଥା ରହିଛି। ରିହାତି ରାଶି ପାଇବା ପାଇଁ ସ୍ୱତନ୍ତ୍ର ପୋର୍ଟାଲ ମଧ୍ୟ ରହିଛି। ବୈଦ୍ୟୁତିକ ଯାନ ବ୍ୟବହାର ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗମକୁ ହ୍ରାସ କରାଯାଇପାରିବ। ଶବ୍ଦ ବିହୀନ ଓ ପ୍ରଦୂଷଣମୁକ୍ତ ହୋଇଥିବା ବେଳେ ଏଥିରେ ଡିଜେଲ କିମ୍ବା ପେଟ୍ରୋଲ ଭଳି ଜୀବାଶ୍ମ ଇନ୍ଧନର ଆବଶ୍ୟକତା ନାହିଁ। ଏହାକୁ ଚାର୍ଜ କରିବା ପାଇଁ ବିଦ୍ୟୁତ୍ ବିଲ୍ ବାବଦକୁ ବହୁତ କମ ଅର୍ଥ ଖର୍ଚ୍ଚ ହୋଇଥାଏ। ଘରେ ମଧ୍ୟ ଚାର୍ଜ କରିହେବାର ବ୍ୟବସ୍ଥା ରଖାଯାଇଛି। ଏହାର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ସ୍ୱଳ୍ପ ଅର୍ଥ ଖର୍ଚ୍ଚ ହୁଏ। ଏହାର ପଞ୍ଜୀକରଣ ନିଶୁଳ୍କ ହୋଇଥିବା ବେଳେ ରୋଡ୍ ଟାକ୍ସ ମଧ୍ୟ ଦେବାକୁ ପଡ଼େନାହିଁ। ଏହି କର୍ମଶାଳା ତଥା ପ୍ରଦର୍ଶନୀକୁ ସର୍ବୋଚ୍ଚ ଯନ୍ତ୍ରୀ ତଥା ପ୍ରମୁଖ ମୁଖ୍ୟ ବିଦ୍ୟୁତ୍ ନିରୀକ୍ଷକ ସୁରେଶ ଚନ୍ଦ୍ର ମହାରଣା ଉଦ୍ଘାଟନ କରିଥିଲେ। ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏଥିରେ ଉପସ୍ଥିତ ଥିଲେ। ବିଭିନ୍ନ ନାମୀଦାମୀ କମ୍ପାନି ସେମାନଙ୍କ ବୈଦ୍ୟୁତିକ ଯାନର ପ୍ରଦର୍ଶନ କରିଥିଲେ।

## ଅଲିଭ୍ ରିଡଲେଙ୍କ ପ୍ରଜନନ ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର :** ଅଲିଭ୍ ରିଡଲେ କଇଁଛଙ୍କ ପ୍ରଜନନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ନଭେମ୍ବର ୧ରୁ ମେ'୩୧ ତାରିଖ ଯାଏ ବିଭିନ୍ନ ମୁହାଣରେ ମାଛଧରା ଉପରେ କଟକଣା ଜାରି କରାଯାଇଛି।



ଏହି ନିୟମ ଭାଙ୍ଗିଲେ ଜେଲ ଓ ଜରିମାନା କରାଯିବ ବୋଲି ନୋଟିସ ଜାରି କରାଯାଇଛି। ପ୍ରତିବର୍ଷ ଦେବୀ ମୁହାଣ, ଧାମରା ଓ ଋଷିକୁଲ୍ୟା ମୁହାଣରେ କଇଁଛମାନେ ଅଣ୍ଡା ଦେବାକୁ ଆସିଥାନ୍ତି। କଇଁଛଙ୍କ ସୁରକ୍ଷା ଦୃଷ୍ଟିରୁ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ଏଥିସହିତ ଏହି ବିରଳ ଅଲିଭ୍ ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ବାବୁବାଲି ଓ ଅଗରନାଶିରେ ଦୁଇଟି ଅଫିସର କ୍ୟାମ୍ପ କରାଯାଇଛି। ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ସାତଭାୟା, ଜଉଦିଆ, ଦୋବନ୍ଧି, ଶାସନପେଟା, ତାଲଙ୍ଗ ଓ ଜଟାଧାର ଆଦି ୧୪ ଟି ସ୍ଥାନରେ ଟ୍ରଟଲ୍ ପ୍ରୋଟେକ୍ସନ୍ କ୍ୟାମ୍ପ କରାଯିବ। ଅଫିସର କ୍ୟାମ୍ପରେ ୫ ଜଣ ଲେଖାଏଁ କର୍ମଚାରୀ ଓ ଅନ୍ୟ ୧୪ଟି ଟ୍ରଟଲ ପ୍ରୋଟେକ୍ସନ କ୍ୟାମ୍ପରେ ୩ ଜଣ ଲେଖାଏଁ କର୍ମଚାରୀଙ୍କୁ ନିୟୋଜିତ କରାଯିବ। ଏହାସହ ବାବୁବାଲି ଓ ଶାସନପେଟାରେ ଗୋଟିଏ ସେକ୍ସନ ଲେଖାଏ ଫୋର୍ସ ମୃତୟନ କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଲିଭ୍ ରିଡଲେ କଇଁଛଙ୍କୁ ଜଳଦସ୍ୟୁ ଓ ମାଛ ମାଫିଆଙ୍କ କବଳରୁ ରକ୍ଷା କରିବା ଓ ବେଆଇନ ଟ୍ରଲର ଚଳାଚଳ ଉପରେ ଅଙ୍କୁଶ ରଖିବା ପାଇଁ ବନବିଭାଗ ସମେତ କୋଷ୍ଟଗାର୍ଡ, ମେରାଇନ ପୁଲିସ ଓ ମତ୍ସ୍ୟବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯିବ ବୋଲି ରାଜନଗର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

# ବିଶ୍ୱବିଦ୍ୟାଳୟରେ ମାଗଣା ୱାଇଫାଇ ସୁବିଧା

**ଭୁବନେଶ୍ୱର :** ରାଜ୍ୟ ସରକାର ଡିଜିଟାଲ ମାଧ୍ୟମରେ ଶିକ୍ଷାର ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ଇ-ଲାଇବ୍ରେରି ସହିତ କମ୍ପ୍ୟୁଟର ଲ୍ୟାବ୍ (ପ୍ରୟୋଗଶାଳା) ଖୋଲିବା ପରେ ଏବେ ରାଜ୍ୟର ସବୁ ବିଶ୍ୱବିଦ୍ୟାଳୟ ପରିସରକୁ ୱାଇଫାଇ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏନେଇ ଆଜି ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳସଚିବମାନଙ୍କୁ ଚିଠି ଲେଖିଛନ୍ତି। ଶ୍ରୀ ନାୟକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର ପରିସର ୱାଇଫାଇଯୁକ୍ତ ହେବ। ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କୁ ୱାଇଫାଇ ସୁବିଧା ମିଳିବ ମାଗଣାରେ ମିଳିପାରିବ। ଏହି ସୁବିଧା ମିଳିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଅଧ୍ୟୟନରେ ସୁବିଧା ହେବ। ତେଣୁ ଛାତ୍ରଛାତ୍ରୀଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଏଭଳି ନିଷ୍ପତ୍ତି ନେଇଛନ୍ତି। ଆଜିର ଦିନରେ ଅଧିକାଂଶ ପାଠ୍ୟ ପୁସ୍ତକ ଅନ୍‌ଲାଇନ୍‌ରେ ଉପଲବ୍ଧ ରହୁଛି। ମାଗଣା ଇଣ୍ଟରନେଟ୍ ସୁବିଧା ଦିଆଯିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଅଧ୍ୟୟନରେ ଏହା ସହାୟକ ହେବ, ଯାହା ଫଳରେ ଶୈକ୍ଷିକ ବାତାବରଣରେ ଉନ୍ନତି ଆସି ପାରିବ। ଏଥିପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ୱାଇଫାଇ ନେଟ୍‌ୱର୍କ ଇଷ୍ଟଲେସନ ଲାଗି ବ୍ୟୟ ଅଟକଳ ବା ଏଷ୍ଟିମେସନ ପ୍ରସ୍ତାବ ଦିଅନ୍ତୁ।



### ବିଶ୍ୱ ପାଇଁ ଓଡ଼ିଶାର ମେଗା ମିଲେଟ୍ ପ୍ଲାନ୍

# ୯ ଓ ୧୦ରେ ଆନ୍ତର୍ଜାତିକ ମିଲେଟ୍ ସମ୍ମିଳନୀ


**ଭୁବନେଶ୍ୱର:** ବିଶ୍ୱରେ ଓଡ଼ିଶାର ମିଲେଟ୍ ମିଶନ ବଡ଼ ମଡେଲ ସାଜିଛି। ଆସନ୍ତା ୯ ଓ ୧୦ ତାରିଖରେ ଭାରତର ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ଆୟୋଜନ ହେବ ଦୁଇଦିନିଆ ଆନ୍ତର୍ଜାତିକ ମିଲେଟ୍ ସମ୍ମିଳନୀ। ଏଥିରେ ପ୍ରଦର୍ଶନୀ, ପ୍ରତିଯୋଗିତା ଓ ଜଳବାୟୁ ପରିବର୍ତ୍ତନ ସମୟରେ ମିଲେଟ୍ କିପରି ବରଦାନ ସାଜିଛି, ସେ ନେଇ ଆଲୋଚନା ହେବ। ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବେ ପାଳନ କରୁଛି। ପ୍ରତିବର୍ଷ ଓଡ଼ିଶାରେ ବଢୁଛି ମାଣ୍ଡିଆ ଚାଷ ୨୦୨୩କୁ ଜାତିସଂଘ ଆନ୍ତର୍ଜାତିକ ମିଲେଟ୍ ବର୍ଷ ଭାବେ ପାଳନ କରୁଛି। ପ୍ରତିବର୍ଷ ନଭେମ୍ବର ୧୦କୁ ମାଣ୍ଡିଆ ଦିବସ ଭାବେ ପାଳନ କରୁଛି ଓଡ଼ିଶା। ଲକ୍ଷ୍ୟ, ମାଣ୍ଡିଆ ଚାଷୀଙ୍କୁ ପ୍ରୋତ୍ସାହନ ଓ ଘରେ ଘରେ ମିଲେଟ୍ ଆଦର ବୃଦ୍ଧି। ମିଲେଟକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବା ପାଇଁ ଭାରତର ପ୍ରଥମ ରାଜ୍ୟ ଭାବେ ଆସନ୍ତା ନଭେମ୍ବର ୯ ଓ ୧୦ ତାରିଖରେ ଓଡ଼ିଶା ଦୁଇ ଦିନିଆ ଆନ୍ତର୍ଜାତିକ ମିଲେଟ୍ ସମ୍ମିଳନୀ ଆୟୋଜନ କରୁଛି। ଭୁବନେଶ୍ୱରରେ ହେବାକୁ ଥିବା ଏହି ସମ୍ମିଳନୀରେ ଦେଶ ବିଦେଶର ଚାଷୀ, ଗବେଷକ, ବ୍ୟବସାୟୀ, ମିଲେଟ୍ ଉପରେ କାମ କରୁଥିବା ସଂସ୍ଥା ଭାଗ ନେବେ। ମିଲେଟରେ ଉପକାରିତା ନେଇ ଆଲୋଚନା ହେବ। ବିଶ୍ୱରେ ମିଲେଟ୍ ଚାହିଦା ବୃଦ୍ଧି ପାଇଁ ସମ୍ମିଳନୀରେ ଫୋକସ୍ କରାଯିବ। ସମ୍ମିଳନୀର ସଫଳ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗ ଦର୍ଶନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଣ୍ଟା ଭିଡ଼ିଛି। ବୈଜ୍ଞାନିକ ପଦ୍ଧତି ଓ ପାରମ୍ପରିକ ଜ୍ଞାନକୌଶଳର ମିଶ୍ରଣରେ ଓଡ଼ିଶାର ୩୦ଟି ଜିଲ୍ଲାର ୧୭୭ ବ୍ଲକକୁ କିପରି ସଂପ୍ରସାରଣ କରାଯାଇଛି ମିଲେଟ, ତା'ର ସଫଳତା ଶୁଣିବ ବିଶ୍ୱ। ମାଣ୍ଡିଆରେ ଭରପୂର ଆଇରନ ଓ ପ୍ରୋଟିନ ଅଛି। ଖାଇଲେ ଶରୀର ସୁସ୍ଥ ଓ ସତେଜ ରହିବା ସହ ଅନେକ ରୋଗରୁ ମୁକ୍ତି ମିଳୁଛି। ତେଣୁ ଦିନକୁ ଦିନ ମିଲେଟ ମିଶନ ସଫଳତା ସାଉଣ୍ଟୁ ଥିବା କୃଷି ଓ କୃଷକ ସଶକ୍ତୀକରଣ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ କହିଛନ୍ତି। ଜଳବାୟୁ ପରିବର୍ତ୍ତନ ସମୟରେ ମାଣ୍ଡିଆ ଚାଷ ଲାଭଦାୟକ ହୋଇଛି। ଚାଷୀଙ୍କ ପାଇଁ ସ୍ୱତନ୍ତ୍ର ମାର୍କେଟ, ମିଶନ ଶକ୍ତି କ୍ୟାଫେ, ଚାଷୀଙ୍କୁ ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ଏମଏସପି ବ୍ୟବସ୍ଥା କରିବା ସହ ଆୟ ଦୁଇଗୁଣା କରିବା ଏବଂ ପିଡିଏସରେ ଚାଉଳ ସହ ୧ ଟଙ୍କାରେ ମାଣ୍ଡିଆ ଦିଆଯାଉଛି। ଆଗକୁ ଆମ ହସ୍ପିଟାଲରେ ମିଲେଟ୍ କ୍ୟାଫେ ସହ ମଧ୍ୟାହ୍ନ ଭୋଜନରେ ମିଲେଟ ସାମିଲ କରାଯିବ। ଓଡ଼ିଶାରେ ପ୍ରତିବର୍ଷ ମିଲେଟ ଚାଷ ବୃଦ୍ଧି ପାଉଛି ବୋଲି କହିଛନ୍ତି ପ୍ରମୁଖ ଶାସନ ସଚିବ। ୨୦୧୭-୧୮ ବର୍ଷରେ ମାଣ୍ଡିଆକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ମିଲେଟ୍ ମିଶନ ଆରମ୍ଭ କରିଥିଲେ। ୨୦୨୭ ମସିହା ପର୍ଯ୍ୟନ୍ତ ଏହାକୁ ପାଇଲଟ ପ୍ରୋଜେକ୍ଟ ଭାବେ ନେଇଛି କୃଷି ବିଭାଗ। ଆନ୍ତର୍ଜାତିକ ସମ୍ମିଳନୀରେ ବୈଷୟିକ ଅଧିବେଶନ, ବି ଟୁ ବି ମିଟିଂ, ଖାଦ୍ୟ ମହୋତ୍ସବ, ମିଲେଟ ଉପରେ କୁଇଜ ଓ ରନ୍ଧନ ପ୍ରତିଯୋଗିତା ହେବ। ସେଥିପାଇଁ ଏବେ ସଭିଙ୍କ ମୁହଁରେ ଗୋଟିଏ କଥା 'ଥରେ ଖାଇଲେ ଖାଇବୁ ନୀତି, ରାତି ହେଉ କି ଦିନ; ଆମ ଗର୍ବ ଆମ ସମ୍ମାନ ମିଲେଟ ମିଶନ୍'।

ODISHA MILLETS MISSION

### ୨୭୯୪ କୋଟିର ୧୨ ନୂଆ ଶିଳ୍ପ ପ୍ରକଳ୍ପକୁ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ କମିଟିର ଅନୁମୋଦନ

# ୪ ହଜାର ୭୧୫ ଜଣଙ୍କୁ ମିଳିବ ନିଯୁକ୍ତି

**ଭୁବନେଶ୍ୱର :** ୧୨୩ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍ଏଲ୍ଏସ୍ଡବ୍ଲ୍ୟୁସିଏ) ବୈଠକରେ ଓଡ଼ିଶାର ଶିଳ୍ପ ବିକାଶର ଉତ୍କର୍ଷତା ଅଭିମୁଖେ ଯାତ୍ରାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଛି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୪,୭୧୫ ନିଯୁକ୍ତି ସମ୍ଭାବନା ଥିବା ୨,୭୯୪.୪୭ କୋଟି ଟଙ୍କାର ୧୨ଟି ନୂଆ ପ୍ରକଳ୍ପ ଅନୁମୋଦନ କରାଯିବା ସହଏହାଏକ ପସନ୍ଦର ନିବେଶ ସ୍ଥଳ ଭାବେ ରାଜ୍ୟର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି ଏବଂ ନିରନ୍ତର ବିକାଶ ପାଇଁ ରାଜ୍ୟର ଅତୁଟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ୧୨୩ତମ ଏସଏଲଏସଡବ୍ଲୁସିଏ ବୈଠକରେ ଏକାଧିକ କ୍ଷେତ୍ରରେ ଶିଳ୍ପ କ୍ଷେତ୍ରରେ ବିବିଧତା ଆଣିବା ପାଇଁ ରାଜ୍ୟର ପ୍ରତିବଦ୍ଧତାକୁ ଉପସ୍ଥାପନ କରାଯାଇଥିଲା। ଓଡ଼ିଶାର ଉତ୍ପାଦନ କ୍ଷମତାକୁ ଆହୁରି ସୁଦୃଢ଼ କରିବା ପାଇଁ ସେମି କଣ୍ଡକ୍ଟର ଓ ଇଏସଡିଏମ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅନୁମୋଦନ ମିଳିଛି। ଆଧୁନିକ ଉତ୍ପାଦନ ଏବଂ ପୋଷଣୀୟ ସାମଗ୍ରୀ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବାରୁ ଆଲୁମିନିୟମ ଶିଳ୍ପକୁ ପ୍ରୋତ୍ସାହନ ମିଳିଛି। ସମୃଦ୍ଧ ଖଣିଜ ସମ୍ପଦ ଏବଂ ଧାତବ ବିଜ୍ଞାନ ଦକ୍ଷତା ଉପରେ ଆଲୋକପାତ କରାଯାଇ ସଂପୃକ୍ତ ଅଞ୍ଚଳରେ ଉଭୟ ଡାଉନଷ୍ଟ୍ରିମ୍ ଓ ପ୍ରାଥମିକ ଇସ୍ପାତ ଶିଳ୍ପ କ୍ଷେତ୍ରକୁ ଅନୁମୋଦନକୁ ଗୁରୁତ୍ୱ ଦିଆଯାଇଥିଲା। ରତ୍ନପଥର କ୍ଷେତ୍ର ଏକ ଅଗ୍ରାଧିକାର କ୍ଷେତ୍ର ଭାବରେ ଉଭା ହୋଇଛି, ଯାହା କି ହୀରା ଏବଂ ଅଳଙ୍କାର ଉତ୍ପାଦନ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଖାଦ୍ୟ, ପାନୀୟ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି, ଯାହା ରାଜ୍ୟର ଖାଦ୍ୟ ପ୍ରକ୍ରିୟାକରଣ କ୍ଷମତାକୁ ଉପଯୋଗ କରୁଛି। ଓଡ଼ିଶାର ସାଂସ୍କୃତିକ ଓ ପ୍ରାକୃତିକ ଆକର୍ଷଣର ଫାଇଦା ଉଠାଇବା ପାଇଁ ପର୍ଯ୍ୟଟନ କ୍ଷେତ୍ରର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯାଇଛି। ବିଭିନ୍ନ ଜିଲ୍ଲାରେ ଏହିସବୁକ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା ରାଜ୍ୟରେ ଶିଳ୍ପ ବିକାଶ ରଣନୀତିର ସଙ୍କେତ ଦେଉଛି। ସେମିକଣ୍ଡକ୍ଟର ଏବଂ ଇଏସଡିଏମ କ୍ଷେତ୍ରରେ ଆରଆଇଆର ପାୱାର ଇଲେକ୍ଟ୍ରୋନିକ୍ସ ଲିମିଟେଡ ସେମି-କଣ୍ଡକ୍ଟର ଏବଂ ଇଏସଡିଏମ ସେକ୍ଟରରେ ସିଲିକୋ କାର୍ବାଇଡ୍ ଡିଭାଇସ୍ ଏବଂ ଏସଆଇସି ମଡ୍ୟୁଲ୍ ପାଇଁ ଉତ୍ପାଦନ ଫେବ୍ରିକେସନ୍ ଏବଂ ପ୍ୟାକେଜିଂ ସୁବିଧା ପ୍ରତିଷ୍ଠା ନ ୫୧୦.୮୦ କୋଟି ଟଙ୍କା ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛି। ଫଳରେ ଖୋର୍ଦ୍ଧା, ଇନଫୋଭ୍ୟାଲିରେ ୨୦୬ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଖୋର୍ଦ୍ଧାରେ ଅତ୍ୟାଧୁନିକ ଲ୍ୟାବମାଧ୍ୟମରେ ହୀରା ଓ ଅଳଙ୍କାର ଉତ୍ପାଦନ କାରଖାନା ଜରିଆରେ ରତ୍ନପଥର କ୍ଷେତ୍ରରେ ବିପ୍ଳବ ଆଣିବାକୁ ଯାଉଛି ନୁଭୋ ଆୟୋନ ଡାଇମଣ୍ଡ ଆଣ୍ଡ ଜୁଏଲାରୀ ମ୍ୟାନୁଫାକ୍ଚରିଂ ଏଲଏଲପି। ୨୫୬.୫୦ କୋଟି ଟଙ୍କା ବିନିଯୋଗରେ ଏହି ଅଗ୍ରଣୀ ଉଦ୍ୟୋଗ ୩୦୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଏ କ୍ଷେତ୍ରରେ ପ୍ରଥମ ଉତ୍ପାଦନ କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ଯାଉଛି। ଏହାବ୍ୟତୀତ ଏହା ରତ୍ନ ଓ ଅଳଙ୍କାର କ୍ଷେତ୍ରରେ ଆନୁସଙ୍ଗିକ ଓ ଡାଉନଷ୍ଟ୍ରିମ୍ ଶିଳ୍ପର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି। ଫୋର୍ ଷ୍ଟାର ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍, ଖେଦରିଆ ଇସ୍ପାତ ଲିମିଟେଡ୍, ନ୍ୟୁ ଲକ୍ଷ୍ମୀ ଷ୍ଟିଲ୍ ଆଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡ୍ ଏବଂ ଅଭିରବ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ ଆଦି ସହିତ ଅନେକ ବିଭିନ୍ନ କମ୍ପାନୀଗୁଡିକର ପୁଞ୍ଜିନିବେଶ ଯୋଗୁଁ ଇସ୍ପାତ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ଏହି କଂପାନୀଗୁଡ଼ିକ ଯାଜପୁର ଓ ସୁନ୍ଦରଗଡ଼ ଭଳି ଅଞ୍ଚଳରେ ପ୍ରାୟ ୯୦୦ କୋଟି ଟଙ୍କା ନିବେଶ କରିଛନ୍ତି ଯାହା ଏହି ପୁଞ୍ଜିନିବେଶ ମାଧ୍ୟମରେ ଆନୁଷଙ୍ଗିକ ଏବଂ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ ରାଜ୍ୟ ୧୬୯୬ରୁ ଅଧିକ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବ। ଫର୍ଟିଲାଇଜର କ୍ଷେତ୍ରରେ ଉତ୍କଳ ଫସଫେଟ୍ ପ୍ରାଇଭେଟ୍ ଲିମିଟେଡ୍ ଜଗତସିଂହପୁରରେ ବାର୍ଷିକ ୧ ଲକ୍ଷ ୨୦ ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ସିଙ୍ଗଲ୍ ସୁପର ଫସଫେଟ୍ (ଏସ୍ଏସପି) ଓ ଗ୍ରାନୁଲେଟେଡ୍ ସିଙ୍ଗଲ୍ ସୁପର ଫସଫେଟ୍ (ଜିଏସ୍ଏସପି) ସାର ୟୁନିଟ୍ ର ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ୬୨.୦୭ କୋଟି ଟଙ୍କା ବିନିଯୋଗ କରୁଛି। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ବିଶେଷକରି ଆଲୁମିନିୟମ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ ସମ୍ବଲପୁରରେ ଆଲୁମିନିୟମ ବ୍ୟାଟେରୀ ଫଏଲ୍ ଉତ୍ପାଦନ କାରଖାନା ପ୍ରତିଷ୍ଠା ପାଇଁ ୮୩୪ କୋଟି ଟଙ୍କା ନିବେଶ କରିବାକୁ ପ୍ରସ୍ତୁତ ହେଉଛି । ଏହି ଗୁରୁତ୍ୱପୂର୍ଣ୍ଣ ପୁଞ୍ଜିନିବେଶ ୧୦୩୮ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଏହା କେବଳ ପୁଞ୍ଜିନିବେଶ କ୍ଷେତ୍ରକୁ ଉତ୍ସାହିତ କରିବ ନାହିଁ ବରଂ ଇଲେକ୍ଟ୍ରିକ୍ ଯାନ (ଇଭି) ବ୍ୟାଟେରୀ ଉତ୍ପାଦନ ସହ ଜଡିତ କମ୍ପାନୀଗୁଡିକୁ ଏହି ଅଞ୍ଚଳରେ ସେମାନଙ୍କର ୟୁନିଟ୍ ସ୍ଥାପନ କରିବାକୁ ଉତ୍ସାହିତ କରିବ। ସେହିପରି ନାରାୟଣୀ ଗ୍ରୀନ୍ ପ୍ୟାକ୍ ଖୋର୍ଦ୍ଧାରେ ନେସଟଲ୍ ପାଇଁ ୫୦.୮୪ କୋଟି ଟଙ୍କା ବିନିଯୋଗ ଓ ୧୨୦ ନିଯୁକ୍ତି ସମ୍ଭାବନା ସହିତ ଏକ କାଗଜ ଓ କାଗଜ ବୋର୍ଡ କଣ୍ଟେନର ଉତ୍ପାଦନ କାରଖାନା ସ୍ଥାପନ କରୁଛି। ଖାଦ୍ୟ, ପାନୀୟ ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ମେସର୍ସ ମା' ତାରିଣୀ ରୋଲର ଫ୍ଲୋର ମିଲସ୍ ଏଲଏଲପି ଖୋର୍ଦ୍ଧାରେ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଅଟା ମିଲ୍ ପାଇଁ ୫୮.୩୦ କୋଟି ନିବେଶ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ 'ମିଲ୍କ ମନ୍ତ୍ର ଡାଏରୀ' ପୁରୀରେ ଡାଏରୀ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ୫୧.୧୦ କୋଟି ଟଙ୍କା ବିନିଯୋଗ କରୁଛି। ମିଳିତ ନିଯୁକ୍ତି ସୃଷ୍ଟି କ୍ଷମତା ପ୍ରାୟ ୧୧୩୫ ।ଝାରସୁଗୁଡ଼ାରେ ୭୩ କୋଟି ଟଙ୍କାର ପୁଞ୍ଜିନିବେଶ ଏବଂ ୧୫୦ ନିଯୁକ୍ତି ସମ୍ଭାବନା ରଖିମେଫେୟାର ହୋଟେଲ ଆଣ୍ଡ ରିସୋର୍ଟସ ଲିମିଟେଡ ସ୍ଥାପନ ହେବାକୁ ଯାଉଛି ଯାହା ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରକୁ ଉଜ୍ଜ୍ୱଳ କରିବ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୬ - ୧୨ ନଭେମ୍ବର, ୨୦୨୩

# ତାହା ହିଁ ଘଟିଚାଲିଛି

ସମ୍ବାଦକୀୟ
ତାରକ ମହାନ୍ତି



ବର୍ତ୍ତମାନ ରାଜ୍ୟ ରାଜନୀତିର ପାଣିପାଗ ଦେଖିଲେ ସେଥିରେ ଯେତିକି ଦ୍ୱନ୍ଦ୍ୱ ସେତିକି ରୋମାଞ୍ଚ ଦେଖାଦେଇଛି। ଦ୍ୱନ୍ଦ୍ୱ ଏଇଥିପାଇଁ ଯେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କୁ ବିରୋଧୀ ଯେଉଁ ଆହ୍ୱାନ ଦେଇଥିଲେ ସେଥିରେ ପାସ କରିଛନ୍ତି। ଶ୍ରୀ ଭି କେ ପାଣ୍ଡିଆନ ଭାରତୀୟ ପ୍ରଶାସନିକ ସେବାରୁ ସ୍ୱେଚ୍ଛାକୃତ ଅବସର ନେଇ ନବୀନ ଓଡିଶା ଓ ଫାଇଭ ଟିର ଅଧ୍ୟକ୍ଷ ଦାୟିତ୍ୱ ନେଇଛନ୍ତି। କେବଳ ସେତିକି ନୁହଁ ଶ୍ରୀ ପାଣ୍ଡିଆନଙ୍କୁ ମଧ କ୍ୟାବିନେଟ ପାହ୍ୟା ମିଳିଛି। ଏବେ ବିରୋଧୀ ଆଉ ସ୍ୱର ଉଠାଇବେନାହିଁ ଯେ ଜଣେ ସରକାରୀ ଚାକିରିଆ ରାଜନୀତି କରିପାରିବେ ନାହିଁ। ଭୁବନେଶ୍ୱର ସାଂସଦ ଅପରାଜିତା ମ୍ୟାଡାମ ହୁଅନ୍ତୁ କି ଓଡିଶା ବିଜେପିର ମୁଖିଆ ମନମୋହନ ବାବୁ ଆଉ ଏ ପ୍ରସଙ୍ଗ ଉଠାଇପାରିବେ ନାହିଁ। କାରଣ ଶ୍ରୀ ପାଣ୍ଡିଆନଙ୍କ ସ୍ୱେଚ୍ଛାକୃତ ଅବସର ବାବଦରେ କେନ୍ଦ୍ର ଯେଭଳି ତ୍ୱରିତ ନିଷ୍ପତ୍ତି ନେଲା ତାହା ଏଯାଏ ଅବୁଝା ରହିଛି। ସତେଯେମିତି ଏହା ବିଜେଡି ଅପେକ୍ଷା ବିଜେପିର ଯୋଜନା ଭଳି ମନେହେଉଛି। ଏହାର ଏକ ବଡ଼ କାରଣ ମଧ ରହିଛି ଯାହା କି ପୂର୍ବରୁ ଚର୍ଚ୍ଚାରେ ରହିଥିଲା। ଚର୍ଚ୍ଚା ଏଇଆ ଥିଲା କି ଶ୍ରୀ ପାଣ୍ଡିଆନ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ସହ ନିଭୃତରେ କିଛି ଆଲୋଚନା କରିଛନ୍ତି। କଣ ଆଲୋଚନା କରିଛନ୍ତି ତାହାର ସତ୍ୟାସତ୍ୟ ପ୍ରାୟତଃ କାହାକୁ ଜଣାନାହିଁ। କିନ୍ତୁ ବିଜେପି କହିଲା ଆଗୁଆ ନିର୍ବାଚନ ନକରିବାକୁ ଶ୍ରୀ ଶାହା କାଳେ ଚେତାବନୀ ଦେଇଥିଲେ। କେହିକେହି କହିଲେ ଦୀର୍ଘ ୧୪ ବର୍ଷ ପରେ ରାଜ୍ୟରେ ପୁଣି ମେଣ୍ଟ ସରକାର ହୋଇପାରେ। ବିଜେପି - ବିଜେଡି ପୁଣି ମିଳିମିଶି ସରକାର କରିବେ। ଆଉକିଏ କହିଲେ ଶ୍ରୀ ଶାହା କଣ ଗୋଟେ ମାଷ୍ଟର ପ୍ଲାନ କରିଛନ୍ତି, ଯେଉଁଥିରେ ରାଜ୍ୟ ବିଜେପିକୁ ଫାଇଦା ମିଳିବ। ପୁଣି କିଛି କଥା ସୋସିଆଲ ମିଡ଼ିଆ ଚର୍ଚ୍ଚାରେ ରହିଲା ବିଜେଡିର ଚିଟଫଣ୍ଡ ଲିଙ୍କ ନେଇ ହୁଏତ ଖୋଳତାଡ଼ ହେବ। ହେଲେ ଏହା ଏବେ ନିରର୍ଥକ ମନେହେଉଛି। କାରଣ ଶ୍ରୀ ପାଣ୍ଡିଆନ ଅଚାନକ ଏଭଳି ନିଷ୍ପତ୍ତି ନେଲେ, ଆଇଏସ ଚାକିରୀ ଛାଡି ସିଧା ବିଜେଡି ଶାସନକୁ ନିଜ ହାତକୁ ନେଲେ ଯାହା ପଛରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚ୍ଛନ୍ନ ହାତ ରହିଛି। ସେ ହିଁ ବିରୋଧୀଙ୍କ ମୁହଁ ବନ୍ଦ କରିବାକୁ ଏଭଳି ନିଷ୍ପତ୍ତି ନେଇଥାଇପାରନ୍ତି। କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଶ୍ରୀ ପାଣ୍ଡିଆନ ନିଶ୍ଚୟ ଜଣେ ଭଲ ପ୍ରଶାସକ ଓ ଯାହାଙ୍କ କାର୍ଯ୍ୟ ଦକ୍ଷତା ଅନ୍ୟ ଅଫିସରଙ୍କ ତୁଳନାରେ ଯଥେଷ୍ଟ ଅଧିକ। ସେଇଥିପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ଅସ୍ଥାଭାଜନ ହୋଇପାରିଛନ୍ତି। କାର୍ଯ୍ୟ ପ୍ରତି ତାଙ୍କର ନିଷ୍ଠା ଆଗରୁ କାହା ନିକଟରେ ଦେଖିବାକୁ ମିଳିନଥିଲା। ତେଣୁ ସେ ଯେତେବେଳେ ଜନସାଧାରଣଙ୍କ ଅଭିଯୋଗ ଶୁଣିବାକୁ ଜିଲ୍ଲାରୁ ଜିଲ୍ଲା ବୁଲିଲେ ତାହା ବିରୋଧୀଙ୍କର ହଜମ ନହେବା ସ୍ୱାଭାବିକ, ମାତ୍ର ସେ ତ ଗୁହାରି ଶୁଣି ସମାଧାନର ରାସ୍ତା ଦେଖାଉଥିଲେ। ଆବଶ୍ୟକ ସ୍ଥଳେ ତୁରନ୍ତ ଏହାର ସମାଧାନ କରିଦେଉଥିଲେ। ଯାହା କି ଜନସାଧାରଣଙ୍କର ବିଜେଡି ପ୍ରତି ଆସ୍ଥାକୁ ବଢ଼ାଉଥିଲା। ବାକି ରହିଲା ଏ କାର୍ଯ୍ୟ ନେତା କରିବା କଥା। ଭଲ ଭାବେ ବିଚାର କଲେ ନେତା ଯଦି ଏଭଳି କରିପାରିଥାନ୍ତେ ତେବେ ଜଣେ ସଚିବଙ୍କୁ ଏହା କାହିଁକି କରିବାକୁ ପଡିଥାନ୍ତା. ବିରୋଧୀଙ୍କ ନିକଟରେ ବିଜେଡିକୁ ହରାଇବା ପାଇଁ ଯଦି ଅଧିକ କିଛି ପ୍ରସଙ୍ଗ ଥାନ୍ତା ତେବେ ସେମାନେ ପାଣ୍ଡିଆନଙ୍କ ବୁଲିବାକୁ ପ୍ରସଙ୍ଗ କରିନଥାନ୍ତେ। କେହିକେହି ଆକଳନ କଲେଣି କାଳେ ୨୦୨୪ ନିର୍ବାଚନ ଜିତିବା ପରେ ନବୀନ ସିଏମ ରହିଲେ ବି ପାଣ୍ଡିଆନ ଉପମୁଖ୍ୟମନ୍ତ୍ରୀ ହୋଇ ରାଜ୍ୟଭାର ସମ୍ଭାଳିବେ। ହୁଏତ ଏହା ସତ୍ୟ ହୋଇପାରେ। କାରଣ ସଦ୍ୟତମ ଘଟଣାକୁ ଦେଖିଲେ ଯେ କେହି ଏଇଆ ହିଁ କହିବ। କାରଣ ପାଣ୍ଡିଆନଙ୍କ ଇଚ୍ଛାକୃତ ଅବସର ଏଭଳି ଆକସ୍ମିକ ଯାହାର କେହି ଟେର ପାଇନଥିଲେ କିମ୍ବା କୌଣସି ଗଣମାଧ୍ୟମ ଏହାର ଆଗୁଆ ସୂଚନା ଦେଇନଥିଲେ। ଆହୁରି ଅଧିକ ନାଟକୀୟ ଭାବେ ଘଟିଲା ଯାହା ତାହା ହେଉଛି ଅବସର ପରଦିନ ଅଧ୍ୟକ୍ଷ ଓ କ୍ୟାବିନେଟ ପାହ୍ୟା। ତେଣୁ ଏହା କେବେ ଗୋଟିଏ ଦିନର ପାଣ୍ଡୁଲିପି ହୋଇନପାରେ। ନିଶ୍ଚୟ ଏହା ବହୁ ଆଗରୁ ଲେଖା ଯାଇଥିବ।

୫ ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବା ପରେ ଭି କେ ପାଣ୍ଡିଆନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଭିନ୍ନ କର୍ମଚାରୀ ସଂଗଠନ ସହ ଘରୋଇ ଓ ରାଜନୈତିକ ସଂଗଠନର କର୍ମକର୍ତ୍ତାମାନେ ନବୀନ ନିବାସରେ ତାଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି। ଏହାର କାରଣ ହେଉଛି ମୁଖ୍ୟମନ୍ତ୍ରୀଙ୍କ ରୂପାନ୍ତରଣ ସ୍ୱପ୍ନକୁ ଶ୍ରୀ ପାଣ୍ଡିଆନ ହିଁ ସାକାର କରିଛନ୍ତି। ନୂଆ ଓଡିଶା ଓ ସଶକ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଭିଜନକୁ କାର୍ଯ୍ୟକାରୀ କରିବାରେ ପାଣ୍ଡିଆନଙ୍କ ପଦକ୍ଷେପ ବାସ୍ତବିକ ପ୍ରଶଂସାଯୋଗ୍ୟ। ଯାହା ଜଣାପଡିଛି ଆଗାମୀ ସାଧାରଣ ନିର୍ବାଚନ ଏପ୍ରିଲ କିମ୍ବା ମେ ମାସରେ ହୋଇପାରେ। ଏବେଠାରୁ ବିଜୁ ଜନତା ଦଳ ନିର୍ବାଚନ ମନସ୍କ ହୋଇ କାର୍ଯ୍ୟ ଆରମ୍ଭ କରିଦେଇଛି। ଏଥିରେ ୫ଟିର ପ୍ରତିଫଳନ ମଧ ଦେଖିବାକୁ ମିଳୁଛି। ରାଜ୍ୟ ସରକାର ଅସଂଖ୍ୟ ନୂଆ ଯୋଜନା ଆରମ୍ଭ କରି ଭୋଟରଙ୍କ ଭିତରେ ଅଧିକ ଆତ୍ମବିଶ୍ୱାସ ବଢ଼ାଇ ଚାଲୁଛି। ଅନ୍ୟପକ୍ଷରେ ମୁଖ୍ୟ ବିରୋଧୀ ଦଳ ବିଜେପିର କେନ୍ଦ୍ରୀୟ ନେତାଙ୍କ ହାବଭାବ ନେଇ ଦ୍ୱନ୍ଦ୍ୱରେ ନେତା ଓ କର୍ମୀ ରହିଥିଲା ବେଳେ କଂଗ୍ରେସର ରଣନୀତି ଅସ୍ପଷ୍ଟ ରହିଛି। ମାର୍ଚ୍ଚ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ନିର୍ବାଚନ ତାରିଖ ଘୋଷଣା ହୋଇପାରେ। ଯଦିଓ ଏବେଠାରୁ ରାଜ୍ୟରେ ନିର୍ବାଚନୀ ଉଷ୍ମତା ବାରି ହେଉନାହିଁ ତଥାପି ପ୍ରତ୍ୟେକ ଦଳରେ ଆଶାୟୀଙ୍କ ନଜର ରହିଛି ଟିକଟ ଉପରେ। ବିଶେଷକରି ବିଜେଡି ଟିକଟ ପାଇଁ ନୂଆ ଆଶାୟୀ ଅଧିକ ବୋଲି ଜଣାପଡୁଛି। ବିଜେଡିରେ ବହୁ ପୁରୁଣା ନେତାଙ୍କ ଟିକଟ କଟିବ ବୋଲି ଚର୍ଚ୍ଚା ହେଉଛି। ତେଣୁ ପୁରୁଣାଙ୍କ ଜାଗାରେ କେଉଁ ନୂଆ ନେତା ଟିକଟ ହାତେଇବେ ତାହାକୁ ଅପେକ୍ଷା। ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଇତିମଧ୍ୟରେ ଅନେକ ନୂଆ ଯୋଜନା ଘୋଷଣା କରିସାରିଛନ୍ତି। ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏଭଳି ମଧ ହୋଇଥିଲା। ଏଥିରେ ନବୀନଙ୍କ ମାଷ୍ଟର ଷ୍ଟ୍ରୋକ ଥିଲା 'ଆମ ଗାଁ ଆମ ବିକାଶ'। ଏଥର ମଧ ଅନୁରୂପ ଢାଞ୍ଚାରେ 'ଆମ ଓଡିଶା ନବୀନ ଓଡିଶା' ଯୋଜନା। ଯେଉଁଥିରେ ଗ୍ରାମାଞ୍ଚଳରେ ଭିତ୍ତିଭୂମି ବିକାଶ ପାଇଁ ହାତଖୋଲା ଖର୍ଚ୍ଚ ହେଉଛି। କିନ୍ତୁ ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ପାଇଁ ଯେଉଁ ହାରରେ ଯୋଜନା କରାଯିବା କଥା ସେ ସମ୍ପର୍କରେ ସମସ୍ତେ ନିରବ ରହୁଥିବା ଦେଖିବାକୁ ମିଳୁଛି। ସେହିଭଳି ଓଡ଼ିଶାରେ ଦାଦନ ଏକ ମୁଖ୍ୟ ସମସ୍ୟା ହୋଇଥିଲା ବେଳେ ଏହାର ନିରାକରଣ ଦିଗରେ ସରକାର କିପ୍ରକାର ପଦକ୍ଷେପ ନେଉଛନ୍ତି ତାହା ଉପରେ ବିରୋଧୀଙ୍କର କୌଣସି ପ୍ରତିକ୍ରିୟା ହିଁ ଦେଖିବାକୁ ମିଳୁନି। ରୂପାନ୍ତରଣ କାର୍ଯ୍ୟକ୍ରମ ଜରିଆରେ ଅନେକ ନୂଆ ଯୋଜନା କାର୍ଯ୍ୟକାରୀ ହେଉଥିଲା ବେଳେ ଏହାର ସୁଫଳ ଜନସାଧାରଣ କିଭଳି ପାଉଛନ୍ତି ତାହା ଆଗାମୀ ସମୟ କହିବ। ବର୍ତ୍ତମାନ ଦୃଷ୍ଟିକୋଣରୁ ବିଚାର କଲେ ବିକାଶକୁ ନେଇ ସରକାରଙ୍କ ଚିନ୍ତାଧାରା ସକାରାତ୍ମକ ମନେ ହେଉଛି। କାରଣ ଦୂରଦୃଷ୍ଟି ହିଁ ବିକାଶକୁ ପୂର୍ଣ୍ଣାଙ୍ଗ ରୂପରେଖ ଦେଇପାରେ। ତାହା ହିଁ ଘଟିଚାଲିଛି।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ବାଜିରେ ଲାଗିଛି ନିରୀହ ଲୋକଙ୍କ ଜୀବନ



ଆଶୁତୋଷ ନାୟକ

ଭାରତରେ ରେଳଯାତ୍ରା ସବୁଠୁ ସୁରକ୍ଷିତଏବଂ ଆରାମଦାୟକ ଏହା ସାଧାରଣଲୋକଙ୍କର ବିଶ୍ୱାସ ରହିଛି। ଏଥିପାଇଁ ଗରିବ ଓ ମଧ୍ୟବିତ୍ତ ବର୍ଗର ଲୋକମାନେ ଟ୍ରେନରେ ଯାତ୍ରା କରିବାକୁ ଅଧିକ ପସନ୍ଦ କରିଥାନ୍ତି। ବସ ଏବଂ ବିମାନଯାତ୍ରା ଅପେକ୍ଷା ଏଥିରେ ଟିକେଟର ମୂଲ୍ୟ ଅପେକ୍ଷାକୃତ କମ ରହିଥାଏ। ସେଥିପାଇଁ ରେଳଯାତ୍ରା କରିବା ପାଇଁ ଲୋକମାନେ ଅଧିକ ପସନ୍ଦ କରିଥାନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଛୋଟ, ବଡ଼ ରେଳ ଦୁର୍ଘଟଣା ରେଳଯାତ୍ରୀଙ୍କ ମନରେ ଭୟ ସଂଚାର କରୁଛି। ସୁରକ୍ଷିତ ଭାବେ ନିଜେ ଏବଂ ନିଜର ପରିବାରବର୍ଗ, ଆତ୍ମୀୟସ୍ୱଜନ,ବନ୍ଧୁପରିଜନ ନିଜର ଗନ୍ତବ୍ୟ ସ୍ଥଳରେ ପହଁଚିପାରିବେ ତ? କୌଣସି ଅଘଟଣ ତାଙ୍କ ସହିତ ଘଟିଯିବନି ତ? ଏହିପରି ଅନେକ ଅସୁମାରୀ ପ୍ରଶ୍ନ ଯାତ୍ରୀ ମନ ମଧ୍ୟରେ ଉଙ୍କି ମାରୁଛି। ନିଜର ସୁରକ୍ଷା ପାଇଁ ରେଳଯାତ୍ରୀଙ୍କୁ ସଦାସର୍ବଦା ଚିନ୍ତିତ, ଭୟ ଏବଂ ଆଶଙ୍କା ମଧ୍ୟରେ ରହିବାକୁ ପଡୁଛି। ରେଳଦୁର୍ଘଟଣାକୁ ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି କିନ୍ତୁ ଦୁର୍ଘଟଣାକୁ ରୋକିବାରେ ସରକାର ବିଫଳ ହେଉଛନ୍ତି। ରେଳଦୁର୍ଘଟଣା କମିବାର ନା ଧରୁନି। ପୁଣି ବାରମ୍ବାର ଏହିପରି ଦୁର୍ଘଟଣାର ଲୋକମାନେ ଶିକାର ହେଉଛନ୍ତି। ଟ୍ରେନ ମାନଙ୍କ ମଧ୍ୟରେ ଯେପରି ଧକ୍କା ନହୁଏ ସେଥିଲାଗି ଆଣ୍ଟି କଳିଜନ ଡିଭାଇସି ବା କବଚ ସିଷ୍ଟମର ବ୍ୟାପକ ବ୍ୟବହାରର ଆବଶ୍ୟକତା ରହିଛି।

ଭାରତରେ ହୋଇଥିବା କେତେକ ବଡ଼ ରେଳ ଦୁର୍ଘଟଣାର ଇତିହାସକୁ ଯଦି ଆମେ ଅବଲୋକନ କରିବା ରେଳ ଦୁର୍ଘଟଣାର ପ୍ରକୃତ କାରଣ ପାଖରେ ଆମେ ନିଶ୍ଚିତ ପହଁଚିପାରିବା ଏଥିରେ ସନ୍ଦେହର ଅବକାଶ ନାହିଁ। ଯେଉଁ କେତେଟି ହୃଦୟବିଦାରକ ଅତି ଭୟାଭୟ ରେଳ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା ସେଥିମଧ୍ୟରୁ ବିହାରର ବାଗମତୀ ନଦୀରେ ହୋଇଥିବା ଦୁର୍ଘଟଣା ଅନ୍ୟତମ। ଏହା ବିଶ୍ୱର ଦ୍ୱିତୀୟ ବୃହତ ରେଳ ଦୁର୍ଘଟଣା। ୧୯୮୧ଜୁନ ୬ତାରିଖରେ ବିହାର ବାଗମତୀ ନଦୀରେ ଖସିପଡିଥିଲା ଏକ ପାସେଞ୍ଜର ଟ୍ରେନ। ଏଥିରେ ନିର୍ଦ୍ଧିଷ୍ଟ ଭାବେ କେତେଜଣ ଲୋକଙ୍କ ପ୍ରାଣହାନୀ ଘଟିଥିଲା ତାହା ଆଜି ମଧ ରହସ୍ୟ ହୋଇରହିଛି। ସରକାରୀ ତଥ୍ୟ ଅନୁସାରେ ଏହାର ସଠିକ ତଥ୍ୟ ପ୍ରଶାସନ ଆକଳନ କରିବା ଅସମ୍ଭବ ଥିଲା। ଗଣମାଧ୍ୟମର ରିପୋର୍ଟ ଅନୁସାରେ ୭୫୦ରୁ ଉର୍ଦ୍ଧ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ଏହି ଭୟାବହ ଦୁର୍ଘଟଣାର ପ୍ରକୃତ କାରଣ ମଧ ସରକାର ଜାଣିବାକୁ ସକ୍ଷମ ହେଇପାରିନଥିଲେ। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାଇ ଅଚାନକ ଟ୍ରେନ ଲୋକପାଇଲଟ ବ୍ରେକ ମାରିବାରୁ ଏପରି ଘଟିଥିଲା ଏବଂ ଆଉକିଛି ବ୍ୟକ୍ତି ବନ୍ୟା, ବାତ୍ୟାର କାରଣ ଦର୍ଶାଇଥିଲେ।

୧୯୯୫ ଅଗଷ୍ଟ ୨୦ ଉତ୍ତରପ୍ରଦେଶର କାଳିନ୍ଦୀ ଏକ୍ସପ୍ରେସକୁ ଟକ୍କର ଦେଇଥିଲା ପୁରୁଷୋତ୍ତମ ଏକ୍ସପ୍ରେସ। ଏହି ଭୟଙ୍କର ରେଳଦୁର୍ଘଟଣାରେ ୩୦୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା ସରକାରୀ ତଥ୍ୟ ଅନୁସାରେ ଏବଂ ଅନେକ ଲୋକ ଏଥିରେ ଆହତ ହୋଇଥିଲେ। ଏକ ଗାଈକୁ ବଞ୍ଚାଇବାକୁ ଯାଇ ବ୍ରେକ୍ ମାରିଥିଲେ କାଳିନ୍ଦୀ ଏକ୍ସପ୍ରେସର ଲୋକପାଇଲଟ୍। ବ୍ରେକ୍ ଜାମ ହୋଇଯିବା ପରେ ଏହା ଷ୍ଟେସନରେ ଠିଆ ହୋଇଥିଲା ସେତିକିବେଳେ ପୁରୁଷୋତ୍ତମ ଏକ୍ସପ୍ରେସ ପଛରୁ ଆସି ଏହାକୁ ଧକ୍କା ଦେଇଥିଲା। ୧୯୯୮ ମସିହା ନଭେମ୍ବର ୨୬ରେ ଜମ୍ମୁତାଇ - ସିଆଲଦା ଏକ୍ସପ୍ରେସ ଓ ଫ୍ରଣ୍ଟିୟର ଗୋଲଡେନ ଟେମ୍ପୁଲ୍ ମେଲ ମଧ୍ୟରେ ଧକ୍କା ହୋଇଥିଲା ପଞ୍ଜାବର ଖାନ୍ନା ଠାରେ ଏହି ଲୋମହର୍ଷଣକାରୀ ଦୁର୍ଘଟଣା ଘଟିଥିଲା। ରେଳଧାରଣା ଭାଙ୍ଗିଥିବା ଯୋଗୁଁ ଫ୍ରଣ୍ଟିୟର ଗୋଲଡେନ ଟେମ୍ପୁଲ୍ ମେଲର ୬ଟି ବଗି ଲାଇନଚ୍ୟୁତ ହୋଇଥିଲା। ଠିକ୍ ସେହି ସମୟରେ ଜମ୍ମୁତାଇ - ସିଆଲଦା ଏକ୍ସପ୍ରେସ ପଛରୁ ଆସି ଧକ୍କା ଦେଇଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ୨୧୨ଜଣ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭି ଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ। ୧୯୯୯ ମସିହା ଅଗଷ୍ଟ ୨ରେ ଘଟିଥିଲା ଏକ ଭୟଙ୍କର ଦୁର୍ଘଟଣା ଯେତେବେଳେ ସବୁ ଯାତ୍ରୀ ବିଶ୍ରାମ ନେଉଥିଲେ ଠିକ୍ ରାତି ୧ ଟା ୩୦ରେ ଘଟିଥିଲା ବଡ଼ ଦୁର୍ଘଟଣା। ଆସାମର ଗୁଆହାଟି ରେ ଅଓ୍ୱଧ - ଆସାମ ଏକ୍ସପ୍ରେସ୍ ଏବଂ ବ୍ରହ୍ମପୁତ୍ର ମେଲ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ୨୮୫ରୁ ଉର୍ଦ୍ଧ ନିରୀହ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା ଏବଂ ଅନେକ ବ୍ୟକ୍ତି ଏଥିରେ ଆହାତ ହୋଇଥିଲେ। ତ୍ରୁଟିପୂର୍ଣ୍ଣ ସିଗନାଲ ଯୋଗୁଁ ଏପରି ଭୟାବହ ଦୁର୍ଘଟଣା ଘଟିଥିଲା।

ମାଓବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୧୦ମସିହା,ମେ, ୨୮ ତାରିଖରେ ଘଟିଥିଲା ବିରାଟ ବଡ଼ ରେଳ ଦୁର୍ଘଟଣା। ପଶ୍ଚିମବଙ୍ଗର ମେଦିନାପୁର ଜିଲ୍ଲା କ୍ଷମାଶୁଳି ଓ ସାରଦିଆ ମଧ୍ୟରେ ହୋଇଥିଲା ଶକ୍ତିଶାଳୀ ବିସ୍ଫୋରଣ କିମ୍ବା କୌଣସି ଆତ୍ମଘାତୀ କାର୍ଯ୍ୟ ଯୋଗୁଁ ଜ୍ଞାନେଶ୍ୱରୀ ଟ୍ରେନ ଲାଇନଚ୍ୟୁତ ହୋଇଥିଲା। ଫଳରେ ଏକ ମାଲବାହୀ ଟ୍ରେନ ସହିତ ଏହାର ଧକ୍କା ହୋଇଥିଲା। ରାତି ପ୍ରାୟ ସାଢେ ଗୋଟାଏ ସମୟରେ ଟ୍ରେନ ଅଟକିଥିଲା। ଏହି ସମୟରେ ମାଓବାଦୀ ମାନଙ୍କର ବର୍ବରତାର ସମସ୍ତ ସୀମା ଟପି ଯାଇଥିଲା। ସେମାନେ ୧୪୮ଜଣ ନିରୀହ ଯାତ୍ରୀଙ୍କୁ ହତ୍ୟା କରିଥିଲେ। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ ୨୦୨୦ ପର୍ଯ୍ୟନ୍ତ ଆମଦେଶରେ ଛୋଟ ବଡ଼ ରେଳ ଦୁର୍ଘଟଣାକୁ ମିଶାଇ ୧୩୦୦୦ ଦୁର୍ଘଟଣା ଘଟିଛି ଏବଂ ୧୬୦୦୦ରୁ ଉର୍ଦ୍ଧ ନିରୀହ ଯାତ୍ରୀଙ୍କ ଅକାଳ ବିୟୋଗ ହୋଇଛି। ଦେଶର ଅନେକ ରେଳମନ୍ତ୍ରୀଙ୍କ ସମୟରେ ବଡ଼ ରେଳ ଦୁର୍ଘଟଣା ଘଟିଛି କିନ୍ତୁ କ୍ୱଚିତ କୌଣସି ରେଳମନ୍ତ୍ରୀ ନୈତିକତା ଦୃଷ୍ଟିରୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସବୁଠୁ ଆଗରେ ଅଛନ୍ତି ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ। ନଭେମ୍ବର,୧୯୫୬ ଆରିୟାଲୁରରେ ରେଳ ଦୁର୍ଘଟଣା ଘଟି ୧୪୬ବ୍ୟକ୍ତିଙ୍କ ଅକାଳ ବିୟୋଗରେ ସେ ଗଭୀର ମର୍ମାହତ ହୋଇଥିଲେ ଏବଂ ରେଳମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କର ଉତ୍ତରଦାୟିତ୍ୱ ଓ ନୈତିକତା ଅନ୍ୟ ରାଜନେତାଙ୍କ ପାଇଁ ସଦା ସର୍ବଦା ଆଦର୍ଶ ହୋଇରହିବ। ଏକବିଂଶ ଶତାବ୍ଦୀ ୨୦୨୩ରେ ସବୁଠୁ ବଡ଼ ଭୟଙ୍କର ଲୋମହର୍ଷଣକାରୀ ରେଳ ଦୁର୍ଘଟଣା ଯାହା ସାରା ବିଶ୍ୱକୁ ଆଚମ୍ବିତ କରିଦେଇଥିଲା। ସନ୍ଧ୍ୟା ୭ଟା ସମୟରେ କରମଣ୍ଡଳ ଏକ୍ସପ୍ରେସ ଏବଂ ଯଶୱନ୍ତପୁର -ହାଓଡା ସୁପରଫାଷ୍ଟ ଏବଂ ଏକ ମାଲବାହି ଟ୍ରେନ ମଧ୍ୟରେ ଧକ୍କା ହୋଇଥିଲା। ଏହି ହୃଦୟବିଦାରକ ଲୋମହର୍ଷଣକାରୀ ଭୟଙ୍କର ରେଳଦୁର୍ଘଟଣାରେ ୨୯୦ରୁ ଉର୍ଦ୍ଧ ନିରୀହ ଯାତ୍ରୀଙ୍କ ପ୍ରାଣହାନି ଘଟିଛି ଏବଂ ଅନେକ ଏଥିରେ ଆହତ ହୋଇଛନ୍ତି।

ସଦ୍ୟତମ ରେଳ ଦୁର୍ଘଟଣା ଯାହାକି ଏଇ ବୁଧବାର ୧୧ଅକ୍ଟୋବରରେ ଘଟିଛି। ନର୍ଥଇଷ୍ଟ ଏକ୍ସପ୍ରେସର ୨୧ଟି ବଗି ଲାଇନଚ୍ୟୁତ ହୋଇଛି ବିହାରର ରଘୁନାଥପୁର ଷ୍ଟେସନ ନିକଟରେ। ଏଥିରେ ୬ଜଣ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ୧୦୦ରୁ ଉର୍ଦ୍ଧ ଯାତ୍ରୀ ଏଥିରେ ଆହତ ହୋଇ ବିଭିନ୍ନ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ରେଳବାଇର ପ୍ରାଥମିକ ତଦନ୍ତ ରିପୋର୍ଟ ଅନୁସାରେ ଟ୍ରାକରେ ରହିଥିବା ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଛି। ଇଞ୍ଜିନିୟରିଂ ବିଭାଗର ଗୁରୁତର ଅବହେଳା ପାଇଁ ଏପରି ଘଟିଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ ଅଛି। ଏହି ଦୁର୍ଘଟଣାରେ ସରକାରୀ ରିପୋର୍ଟ ଅନୁସାରେ ରେଳବିଭାଗର ୫୨କୋଟି ଟଙ୍କା କ୍ଷତି ହୋଇଛି। ରବିବାର ୨୯ଅକ୍ଟୋବର ସନ୍ଧ୍ୟା ୭ଟାରେ ଆନ୍ଧ୍ରପ୍ରଦେଶର ବିଜୟନଗରମ ବିଶାଖାପାଟଣା ରେଳଲାଇନର ଆଲମଣ୍ଡା ଓ କଣ୍ଟକପଲ୍ଲୀ ଷ୍ଟେସନ ମଧ୍ୟରେ ପଲାସା ପାସେଞ୍ଜରକୁ ଧକ୍କା ଦେଇଥିଲା ରାୟଗଡା ପାସେଞ୍ଜର। ସରକାରୀ ତଥ୍ୟ ଅନୁସାରେ ଏହି ଭୟଙ୍କର ରେଳ ଦୁର୍ଘଟଣାରେ ଏବେ ସୁଦ୍ଧା ୧୪ରୁ ଉର୍ଦ୍ଧ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଓ ୫୦ରୁ ଉର୍ଦ୍ଧ ବ୍ୟକ୍ତି ଏଥିରେ ଆହତ ହୋଇଛନ୍ତି। ରେଳମନ୍ତ୍ରାଳୟର ପ୍ରାଥମିକ ତଦନ୍ତ ରିପୋର୍ଟ ଅନୁସାରେ ଏହି ଲୋମହର୍ଷଣକାରୀ ଦୁର୍ଘଟଣା ମନୁଷ୍ୟକୃତ ଏବଂ ସିଗନାଲ ଜନିତ ତ୍ରୁଟି ଯୋଗୁଁ ଏହା ଘଟିଥାଇପାରେ ବୋଲି ଦାବି କରାଯାଉଛି। ସମ୍ପୂର୍ଣ୍ଣ ତଦନ୍ତ ସମାପ୍ତ ହେଲେ ଏହି ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ। କିନ୍ତୁ ପୁଣିଥରେ ରେଳଯାତ୍ରୀଙ୍କ ମଧ୍ୟରେ ଏହି ଘଟଣା କୋକୁଆ ଭୟ ସଂଚାର କରିଛି।

କେତେକ ଅସାମାଜିକ ତତ୍ତ୍ୱ ମାଓବାଦୀ, ଆତଙ୍କବାଦୀ ନିଜର ମନ୍ଦ ଉଦେଶ୍ୟ ଚରିତାର୍ଥ କରିବା ପାଇଁ ଅନେକ ସମୟରେ ଜାଣିଶୁଣି ଷଡଯନ୍ତ୍ର କରି ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବରେ ଦୁର୍ଘଟଣା ଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେଥିପାଇଁ ସମୟ ଆସିଛି ରାଜନୈତିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ରସରକାର ମିଳିତ ଉଦ୍ୟମ ଓ ପ୍ରଚେଷ୍ଟା କରିବାକୁ ପଡିବ, ଯେପରିକି ଭବିଷ୍ୟତରେ ରେଳ ଦୁର୍ଘଟଣା ରୋକାଯାଇପାରିବ। ସମ୍ପୂର୍ଣ୍ଣଭାବେ ଦୁର୍ଘଟଣାକୁ ରୋକାଯାଇ ନପାରିଲେ ମଧ୍ୟ ଏହାକୁ କମ କରାଯାଇ ପାରିବ। ଆଣ୍ଟିକଲିଜନ ଡିଭାଇସି ବା କବଚ ସିଷ୍ଟମ ବହୁଳମାତ୍ରରେ ବ୍ୟବହାର କରାଯାଇ ଅନେକାଂଶରେ ରେଳ ଦୁର୍ଘଟଣାକୁ ରୋକାଯାଇ ପାରିବ। ଟ୍ରେନ ଲୋକପାଇଲଟଙ୍କ ଠାରୁ ଆରମ୍ଭ କରି ସିଗନାଲ ମ୍ୟାନ, ଇଞ୍ଜିନିୟର ପ୍ରର୍ଯ୍ୟନ୍ତ ସମସ୍ତ ରେଳବାଇ କର୍ମଚାରୀ ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ। ସମସ୍ତଙ୍କର ମିଳିତ ସହଯୋଗରେ ରେଳ ଦୁର୍ଘଟଣାକୁ ନିଶ୍ଚିତ ଭାବେ ରୋକାଯାଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ।

*ଗୋପାଳପୁର, ବାଲେଶ୍ୱର*
*ଦୂରଭାଷ : ୭୦୨୦୬୧୧୩୦୦*

# ସହର ମୁହାଁ ଯୁବପିଢ଼ି: ମୋହ ନା' ବାଧ୍ୟତା



ଡା. ଇପ୍ସିତା ପ୍ରଧାନ

ଏଇ ଅଳ୍ପଦିନ ତଳେ ଆମେ ବୋଉଙ୍କ ପୈତୃକ ଗାଁକୁ ଯାଇଥିଲୁ ପାରିବାରିକ କାର୍ଯ୍ୟ ପାଇଁ। ସେଇଠି ଭେଟ ହେଲା ହିସାବରେ ଭଉଣୀ ହେବ ଗୋଟିଏ ସାତ- ଆଠ ବର୍ଷର ଝିଅ ସହ। ଭାରି ଶ୍ରଦ୍ଧାରେ ସେ ଆମକୁ ତା' ସ୍କୁଲ୍ ଦେଖେଇବାକୁ ନେଲା। ତା'ର ଯାବତୀୟ ପିଲାଳିଆ କଥାରେ ସେ ଆମ ସମୟକୁ ସବୁ ଗହଳ କରି ଦେଉଥାଏ। ସେଇ ପିଲାଳିଆ ଗପ ଭିତରେ କହିଲା, 'ଜାଣିଛ ନାନୀ, ମୋ ବାପା ନା' ବାଙ୍ଗାଲୋର ଯାଇଛନ୍ତି। ସେଠୁ ସେ କାମ କରି ଟଙ୍କା ଧରି ଫେରିଲେ, ଆମର ବି ଗୋଟିଏ ବଡ କୋଠା କରିବୁ।'

ସ୍ମିତ ହାସ୍ୟ ଛଡା, ତା' କଥାର ଆମେ ଆଉ କୌଣସି ଉତ୍ତର ଫେରାଇ ପାରି ନଥିଲୁ। ହେଲେ ଛୁଆଟିର କଥାରୁ ସ୍ପଷ୍ଟ ଜାଣି ହେଉଥିଲା ଯେ, ଏବେବି ଗାଁ- ଗହଳିରେ ଦୃଢ ବିଶ୍ୱାସ ରହିଛି ଯେ, ସହର ଗଲେ ଟଙ୍କା ରୋଜଗାର କରିବା ସହଜ! ସେଠି ପବନରେ ଟଙ୍କା ଉଡେ, ଯିଏ ସାଉଁଟି ପାରିଲା! ହେଲେ ଗାଁରେ ରହୁଥିବା ଲୋକେ ଏ ବିଷୟରେ ବିଲକୁଲ୍ ଜାଣନ୍ତିନି ଯେ, ସହରରେ ରହୁଥିବା ମଣିଷଟେର ମୋବାଇଲରେ ପ୍ରତ୍ୟେକ ଦିନ ମେସେଜ୍ ଆସେ, 'ଏ କ୍ୟୁ ଆଇ ଇଜ୍ ଭେରି ପୁଅର, ଆଭୋଏଡ୍ ଆଉଟଡୋର ଆକ୍ଟିଭିଟିଜ୍ (ବାୟୁମଣ୍ଡଳରେ ପ୍ରଦୂଷଣର ମାତ୍ରା ଖୁବ୍ ଅଧିକ, ବାହାରକୁ ଯିବା ସ୍ୱାସ୍ଥ୍ୟ ପ୍ରତି ବିପଦ)'। ଗାଁରେ ଥିବା ଲୋକଟେ ବିଲକୁଲ୍ ଅନୁମାନ କରି ପାରେନି, ସହରର ପବନରେ ଟଙ୍କା ଉଡୁକି ନଉଡୁ, ହେଲେ ପ୍ରାଣଘାତକ ତତ୍ତ୍ୱ ନିଶ୍ଚୟ ଉଡେ। ଖୁବ୍ କମ୍ ଅନୁମାନ କରି ପାରନ୍ତି ଯେ ମାସକୁ ମାସ ଗାଁରେ ଥିବା ପରିବାର ପାଖକୁ ଟଙ୍କା ପଠାଉଥିବା ମଣିଷଟେ ନିଜେ ଶୋଉଥିବା ଆଠ କି ଦଶ ଫୁଟିଆ ବଖରାଟା କେମିତି କେଉଁ ନର୍ଦ୍ଦମା କଡ କି ତା' ଉପର ସ୍ଲାବ୍, ମଶା-ମାଛି ଭିଡ ଭିତରେ କି ସହରତଳି କେଉଁ ଘଞ୍ଚ ବସ୍ତି ଭିତରେ ଥାଏ। ଭାତଠୁ ବେଶୀ ସେ ଭୋକର ଦର୍ଶନ ପାଏ। ସବୁ ପରେ ବି ପ୍ରତିବର୍ଷ ଦେଶର ବିଭିନ୍ନ ଗାଁରୁ ରୋଜଗାର ପାଇଁ ସହରକୁ ଆସୁଥିବା ଯୁବକଙ୍କ ଧାଡି ଲମ୍ବେ ସିନା, କମେନି!

କେବଳ ରୋଜଗାର ନୁହେଁ, ସହରମୁହାଁ ହେବାର କ୍ରମଟି ଆରମ୍ଭ ହୁଏ ଉଚ୍ଚଶିକ୍ଷା ଗ୍ରହଣ ଠାରୁ। ୨୦୧୧ ଜନଗଣନା (ଏହାପରେ ଆଉ ଜନଗଣନା ହୋଇ ନାହିଁ) ଅନୁସାରେ ଭାରତରେ ୩୨,୯୬,୩୪୦ ଜଣ ପୁରୁଷ ଏବଂ ୨୧,୬୧,୨୧୬ ଜଣ ମହିଳାଙ୍କୁ କେବଳ ଶିକ୍ଷାଗ୍ରହଣ ପାଇଁ ପ୍ରବାସୀ (ମାଇଗ୍ରାଣ୍ଟ) ହେବାକୁ ପଡେ। ଉଚ୍ଚଶିକ୍ଷା ପାଇଁ ଗ୍ରାମାଞ୍ଚଳରୁ ସହରକୁ ଆସିଥିବା ଯୁବକଙ୍କ ମାତ୍ରା ହାରାହାରି ୬୦.୫%। ଭାରତରେ ପ୍ରବାସକୁ (ମାଇଗ୍ରେସନ) ଯାଉଥିବା ପ୍ରତି ୧୦୦ ଜଣଙ୍କ ମଧ୍ୟରୁ ଜଣେ ଉଚ୍ଚଶିକ୍ଷା ପାଇଁ ଘର ଛାଡନ୍ତି। ଏହା ଦେଶରେ ଘଟୁଥିବା ସମସ୍ତ ମାଇଗ୍ରେସନର ୧.୨%। ମହିଳାମାନଙ୍କ କ୍ଷେତ୍ରରେ 'ବିବାହ' ହେଉଛି ମାଇଗ୍ରେସନର ମୁଖ୍ୟ କାରଣ। ୨୦୧୧ ଜନଗଣନା ଅନୁସାରେ ଭାରତରେ ହାରାହାରି ୪୬.୩% ମଣିଷ କେବଳ ବିବାହ ପାଇଁ ସ୍ଥାନାନ୍ତର ହୁଅନ୍ତି। ଦେଶରେ ସମୁଦାୟ ୪୫.୫୭ କୋଟି ଜନତା ନିଜ ପୈତୃକ ବାସସ୍ଥାନ ଛାଡି ବିଭିନ୍ନ କାରଣ, ଯେମିତିକି ରୋଜଗାର, ଉଚ୍ଚଶିକ୍ଷା, ବିବାହ, ବ୍ୟବସାୟ, ବ୍ୟାପକ ପରିବହନ ଓ ସ୍ୱାସ୍ଥ୍ୟ ସେବା ଏବଂ ଅନ୍ୟାନ୍ୟ ସାମାଜିକ ତଥା ଆର୍ଥିକ କାରଣ ପାଇଁ ସହରାଭିମୁଖୀ ହୁଅନ୍ତି। ଏହା ଛଡା ଧନୀ ଏବଂ ସଫଳ ବ୍ୟବସାୟୀ, କଳାକାର, ଅଭିନେତା ତଥା ଉଚ୍ଚପଦସ୍ଥ ଚାକିରିଆ/ ଅଧିକାରୀ ମାନଙ୍କ ବିଳାସପୂର୍ଣ୍ଣ ଜୀବନର ଛବି ଦେଖି ମଧ ଅନେକ ଗ୍ରାମୀଣ ଯୁବକ-ଯୁବତୀ ସହରର ମୋହରେ ପଡି ଯାଆନ୍ତି। ଭାରତରେ ୧୯୫୧ ଜନଗଣନା ଅନୁସାରେ ଯେଉଁଠି ୧୭.୩% ଲୋକ ମାଇଗ୍ରେଟ୍ ହେଉଥିଲେ, ୨୦୧୧ ଜନଗଣନା ବେଳକୁ ତାହା ୩୧.୧୬ % ଥିଲା। ଗ୍ରାମାଞ୍ଚଳରୁ ସହରାଞ୍ଚଳ ଆସିଥିବା ଲୋକଙ୍କ ସଂଖ୍ୟା ୧୯୭୧-୮୧ ଭିତରେ ୯.୩ ମିଲିୟନ, ୧୯୮୧-୯୧ ଭିତରେ ୧୦.୬ ମିଲିୟନ ଏବଂ ୧୯୯୧-୨୦୦୧ ମଧ୍ୟରେ ୧୪.୨ ମିଲିୟନ ରହିଥିଲା। ୧୯୭୧ -୨୦୦୧ ମଧ୍ୟରେ ଭାରତୀୟ ସହରର ଜନସଂଖ୍ୟାର ହାରାହାରି ୧୯.୩୬% ଏହି ଗ୍ରାମାଞ୍ଚଳରୁ ଆସିଥିବା ମାଇଗ୍ରାଣ୍ଟସ ରହିଥିଲେ। ୨୦୧୮ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ, ବିଶ୍ୱରେ ଗ୍ରାମାଞ୍ଚଳରୁ ସହରକୁ ଆସୁଥିବା ମାଇଗ୍ରାଣ୍ଟସଙ୍କ ସଂଖ୍ୟା ସର୍ବାଧିକ ଭାରତରେ। ଆମ ଦେଶରେ ପ୍ରତି ମିନିଟରେ ୨୫ -୩୦ ଜଣ ଭାରତୀୟ ଗ୍ରାମାଞ୍ଚଳ ଛାଡି ସହରକୁ ଆସନ୍ତି। ୨୦୧୬-୧୭ରେ କରା ଯାଇଥିବା ଏକ ଅର୍ଥନୈତିକ ସର୍ଭେ ଅନୁସାରେ ୨୦୧୧-୧୨ରୁ ୨୦୧୬-୧୭ ବର୍ଷ ମଧ୍ୟରେ ବାର୍ଷିକ ହାରାହାରି ୯୦ ମିଲିୟନ ଲୋକ ରୋଜଗାର ପାଇଁ କେବଳ ରେଳଯାତ୍ରା ମାଧ୍ୟମରେ ଗ୍ରାମାଞ୍ଚଳରୁ ସହରକୁ ଆସିଥିଲେ। ରୋଜଗାର ପାଇଁ ଦେଶରେ ସର୍ବାଧିକ ଲୋକ ଭାରତର ରାଜଧାନୀ ଦିଲ୍ଲୀ ତଥା ଦିଲ୍ଲୀ-ଏନ୍ ସି ଆର୍ (ଗୁରୁଗ୍ରାମ୍, ନୋଇଡା ଏବଂ ଗ୍ରେଟର ନୋଇଡା) ଅଞ୍ଚଳକୁ ଆସିଥାନ୍ତି। ସେହିପରି ବିହାର, ଉତ୍ତର ପ୍ରଦେଶ ଏବଂ ମଧ୍ୟପ୍ରଦେଶରୁ ସର୍ବାଧିକ ଲୋକ ରୋଜଗାର ପାଇଁ ନିଜ ଗ୍ରାମଛାଡି ସହରାଭିମୁଖୀ ହୁଅନ୍ତି। ଗ୍ରାମାଞ୍ଚଳ ଛାଡି ସହର ଆସିବାର କାରଣ ଗୋଟିଏ ସୁଖପ୍ରଦ, ସ୍ୱଚ୍ଛଳ, ଉପଯୁକ୍ତ ସୁଯୋଗ ତଥା ଉନ୍ନତ ମାନର ଜୀବନ ଅତିବାହିତ କରିବା ହୋଇଥାଏ। ହେଲେ କ'ଣ ସତରେ, ଗାଁ ଛାଡି ସହରକୁ ପଳାୟନ କରୁଥିବା ସମସ୍ତ ବ୍ୟକ୍ତିଙ୍କ ଅବସ୍ଥା ସ୍ୱଚ୍ଛଳ ହୁଏ? ସମସ୍ତଙ୍କର ଜୀବନରେ ସର୍ବାଙ୍ଗୀନ ଉନ୍ନତି ଦେଖାଯାଏ? ଏପ୍ରିଲ, ୨୦୨୩ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଗ୍ରାମାଞ୍ଚଳରୁ ସହରକୁ ରୋଜଗାର ପାଇଁ ଆସିଥିବା ହାରାହାରି ୫୬.୨% ଲୋକ ନିଜ ରୋଜଗାରରେ ଉନ୍ନତି ଦେଖିଛନ୍ତି (ଏହି ହାର ରାଜ୍ୟଠୁ ରାଜ୍ୟ ଅଲଗା ରହିଛି, ଉଦାହରଣ ସ୍ୱରୂପ ହରିୟାଣା ରାଜ୍ୟରେ ଏହା ୮୧.୬% ରହିଥିବା ବେଳେ କେରଳରେ ୨୪.୮% ରହିଛି)। ରୋଜଗାର ପାଇଁ ସହର ଆସିଥିବା କିଛି ଯୁବକ ନିଜ ପାଇଁ ଆଖିଦୃଶିଆ ରୋଜଗାର ଯୋଗାଡ ନକରିପାରିଲେ, ସଫଳତା ପାଇଁ ବେଆଇନ୍ ଭାବରେ ବିଦେଶ ଯିବାକୁ ଚେଷ୍ଟା କରୁଛନ୍ତି ତ କିଛି ଜଣ ଗାଁକୁ ଫେରି ଯାଉଛନ୍ତି। ପୁଣି କିଛି କମ୍ ସମୟ ମଧ୍ୟରେ ଅଧିକ ଆୟ କରିବା ପାଇଁ ବିଭିନ୍ନ ଆପରାଧିକ- ଅସାମାଜିକ କାର୍ଯ୍ୟ, ନିଶା କାରବାର କିମ୍ବା ଦେହବ୍ୟବସାୟରେ (ଉଭୟ ମହିଳା ଏବଂ ପୁରୁଷ) ଲିପ୍ତ ରହୁଛନ୍ତି। ଅନ୍ୟ କିଛି ଜଣ ଜୀବନର କଷଣ ସହି ନପାରି ଆତ୍ମହତ୍ୟା ପରି ପନ୍ଥା ଆପଣାଉଛନ୍ତି।

ସହରରେ ଉଚ୍ଚପଦସ୍ଥ ଅଫିସର ଏବଂ ସଫଳ ବ୍ୟବସାୟ କରି ବସବାସ କରୁଥିବା ଅନେକ ବ୍ୟକ୍ତି ତଥା ବିଭିନ୍ନ ସାମାଜିକ କାର୍ଯ୍ୟ ଓ ସଭାରେ ଯୋଗ ଦେଉଥିବା ତାଙ୍କ ପତ୍ନୀ ଓ କିଛି ତଥାକଥିତ ବୁଦ୍ଧିଜୀବୀଙ୍କ ମତରେ ଏତେ ସବୁ ପଳାୟନ, ଅପରାଧ, କାରାଦଣ୍ଡ, ନିଶା ଓ ଦେହ ବ୍ୟବସାୟ, ଆତ୍ମହତ୍ୟା ପରେ ବି ସାଧାରଣତଃ ଯୁବକ ଯୁବତୀମାନେ ସହରର ଜାକଜମକଭରା ଜୀବନ ଓ ଶୀଘ୍ର ଅର୍ଥ ଉପାର୍ଜନ କରିବାର ଲାଳସାରେ ହିଁ ଗାଁ ଛାଡି ଚାଲି ଆସୁଛନ୍ତି। ଆଉ ଏପରି ଗାଁ ଛାଡି ସହର ଚାଲି ଆସିବା ଦ୍ୱାରା ଆମର ବର୍ଷବର୍ଷର ଗ୍ରାମୀଣ ପରମ୍ପରା ନଷ୍ଟ ହେବା ସହ ପାରିବାରିକ ମନୋମାଳିନ୍ୟ ବଢୁଛି ଓ ପୂର୍ବ ପିଢି ପ୍ରତି କର୍ତ୍ତବ୍ୟବୋଧ କମୁଛି। କିନ୍ତୁ ପରମ୍ପରା ଏବଂ ପାରିବାରିକ ସମ୍ପର୍କକୁ ନେଇ ଏଇ ସମାନ ପ୍ରଶ୍ନ, ସେଇ ପ୍ରଶ୍ନକର୍ତ୍ତା ମାନଙ୍କ ପାଇଁ ମଧ ପ୍ରଯୁଜ୍ୟ। ସେଇ ବୁଦ୍ଧିଜୀବୀମାନେ ଅବସର ପରେ କାହିଁକି ଗାଁକୁ ଫେରନ୍ତି ନାହିଁ? ସହରରେ ଜାଗା-ଘର କିଣିବା ଅପେକ୍ଷା କ'ଣ ପାଇଁ ନିଜ ପୈତୃକ ଗ୍ରାମରେ ଶିକ୍ଷା ଓ ସ୍ୱାସ୍ଥ୍ୟର ଉନ୍ନତ ବ୍ୟବସ୍ଥା ପାଇଁ ଚେଷ୍ଟା ନକରନ୍ତି? ଜଣେ ଯେ ମୋଟା ଅଙ୍କର ଅର୍ଥ ରୋଜଗାର କରି ପାରିଲେ ତା'ର ସହରକୁ ପଳାୟନ କରିବା ଯୁକ୍ତିଯୁକ୍ତ ଆଉ ବିଫଳ ହେଲେ ନିର୍ଣ୍ଣୟ ଭୁଲ୍, ଏହା ତ ପ୍ରଶ୍ନର ଉତ୍ତର ନୁହେଁ! ଅବଶ୍ୟ ପରିସ୍ଥିତି ଓ ସମସ୍ୟାକୁ ନବୁଝି କେବଳ ପ୍ରଶ୍ନ ପଚାରିବା ଯେ ମଣିଷର ଉପରଠାଉରିଆ ନୀତି ତାକୁ ଆମେ ମନା କରି ପାରିବା ନାହିଁ।

ଯଦି ଆମେ ଆଖି ବନ୍ଦ ନରଖି ପ୍ରକୃତ ସମସ୍ୟାକୁ ଦେଖିବା ଏବଂ ବୁଝିବାକୁ ଚେଷ୍ଟା କରିବା ତା' ହେଲେ ନିଶ୍ଚୟ ହୃଦୟଙ୍ଗମ କରିବା ଯେ ଆଜି ବି ଗ୍ରାମାଞ୍ଚଳରେ ଉନ୍ନତ ଶିକ୍ଷା, ଯାତାୟାତ, ସ୍ୱାସ୍ଥ୍ୟ, ଶିଳ୍ପ ପ୍ରତିଷ୍ଠାନ ଏବଂ ରୋଜଗାରର ପନ୍ଥାର ଆବଶ୍ୟକ ମୁତାବକ ବିକାଶ ହୋଇନାହିଁ। କେବଳ ଆମ ଦେଶ ନୁହେଁ, ସମ୍ପୂର୍ଣ୍ଣ ବିଶ୍ୱରେ ହିଁ ବିକାଶ ତଥା ଉନ୍ନତିମୂଳକ କାର୍ଯ୍ୟ ସାଧାରଣତଃ ସହରକୈନ୍ଦ୍ରିକ ବା ଅନ୍ୟ ଭାଷାରେ କହିଲେ ସେଣ୍ଟ୍ରାଲାଇଜ୍ଡ ଏବଂ ପୁଞ୍ଜିବାଦ ଢାଞ୍ଚାର ତଥା ସ୍ୱଳ୍ପମିଆଦୀ ବିକାଶ। ଏହି କଥାକୁ ଆମେ ହୃଦୟଙ୍ଗମ କରିବାର ଅନେକ ବର୍ଷ ପୂର୍ବରୁ, ପାଖାପାଖି ୧୦୦ ବର୍ଷ ପୂର୍ବରୁ ଗାନ୍ଧିଜୀ ଏହି କଥାକୁ ଅନୁଭବ କରି ତା'ର ସମାଧାନର ପନ୍ଥା ମଧ ବତାଇ ଦେଇଥିଲେ। ଗାନ୍ଧିଜୀ କହୁଥିଲେ 'ଭାରତର ଆତ୍ମା ତା'ର ଗାଁ ଗୁଡିକରେ ବାସ କରେ, ଏବଂ ସେହି ଗାଁ ଗୁଡିକ ହିଁ କୃଷକମାନଙ୍କର ମୁଖ୍ୟ ଘର।' ଗାନ୍ଧିଜୀଙ୍କ ମତରେ 'ଗ୍ରାମୀଣ ଭାରତର ବିକାଶ ଦ୍ୱାରା ହିଁ ପ୍ରକୃତ ବିକାଶ ପ୍ରାପ୍ତ କରି ହେବ'। ଅବଶ୍ୟ ସ୍ୱାଧୀନତା ପ୍ରାପ୍ତିରୁ ଏପର୍ଯ୍ୟନ୍ତ ଯଦିଓ ପ୍ରତ୍ୟେକ ସତ୍ତାଧାରୀ ଦଳ ଗାନ୍ଧିଜୀଙ୍କ ଗ୍ରାମୀଣ ବିକାଶର ସ୍ୱପ୍ନକୁ ପୂରା କରିବା ପାଇଁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଗ୍ରହଣ କରିଥିବାର ଦାବି ରଖିଛନ୍ତି। ସେହି ସବୁ ଗ୍ରାମୀଣ ଉନ୍ନତିମୂଳକ କାର୍ଯ୍ୟ ସାଧାରଣତଃ ସୀମିତ ଥାଏ ମାଗଣା ରାସନ୍ ନହେଲେ ଟଙ୍କିକିଆ ଚାଉଳ, ଯାବତୀୟ ଭତ୍ତା, ଋଣ ଯୋଗାଣ ଓ ଛାଡ ଏଇ ସବୁ ଭିତରେ। ହେଲେ ବର୍ଷ ବର୍ଷ ଧରି ଏହି ସବୁ ଯୋଜନାମାନେ କେତେ ଫଳପ୍ରଦ ହେଉଛନ୍ତି ଆଉ ପ୍ରତିବର୍ଷ ତାହା ଆମର ଗ୍ରାମୀଣ ପ୍ରବାସୀଙ୍କ ସଂଖ୍ୟା ଉପରେ କ'ଣ ପ୍ରଭାବ ପକାଉଛି, ତାର ପରିଣାମ ଆମେ ଲେଖାର ପ୍ରଥମ ଅଂଶରେ ସରକାରୀ ଡାଟା ଏବଂ ରିପୋର୍ଟରୁ ଦେଖିସାରିଛେ।


ଗାନ୍ଧିଜୀଙ୍କ ଗ୍ରାମୀଣ ଓ ଅର୍ଥନୈତିକ ବିକାଶର ବିଚାର ଥିଲା ସମ୍ପୂର୍ଣ୍ଣ ଭିନ୍ନ, ଯାହା ଆଜି, ୧୦୦ବର୍ଷ ପରେ ମଧ ବହୁତ ବେଶୀ ଉପଯୋଗୀତା ରଖେ। କେବଳ ଗ୍ରାମୀଣ ନୁହେଁ, ଶିକ୍ଷା, ସହରୀକରଣ ଏବଂ ଉଦ୍ୟୋଗୀକରଣକୁ ନେଇ ଗାନ୍ଧିଜୀଙ୍କ ସେବେର ମତକୁ ଅନୁଧ୍ୟାନ କଲେ ତାହା କେତେ ଯୁକ୍ତିଯୁକ୍ତ ଅନୁଭବ କରିହୁଏ। ସେଇ ସମୟରେ ଗାନ୍ଧିଜୀ ଭାରତୀୟଙ୍କୁ ଚେତାଇ ଦେଇଥିଲେ ଯେ, 'ଆମେ ପଶ୍ଚିମ ଦେଶ ଗୁଡିକର ସହରୀକରଣ, ଆଧୁନିକୀକରଣ ଏବଂ ଉଦ୍ୟୋଗୀକରଣର ଅନୁକରଣ ନକରି ଏବଂ ଭାରତର ବିକାଶକୁ ସେଇ ସମାନ ଧାରାରେ ନନେଇ ଗ୍ରାମୀଣ ଏବଂ ଦୀର୍ଘମିଆଦୀ ବିକାଶ ଉପରେ ଅଧିକ ଜୋର୍ ଦେବା ଉଚିତ। ସହରୀକରଣ ଓ ଉଦ୍ୟୋଗୀକରଣର ଚମକ ମାୟା ସଦୃଶ, ସ୍ୱଳ୍ପ ସମୟ ପାଇଁ ଏବଂ ପୃଥିବୀ ଉପରେ ଏହାର ଦୀର୍ଘକାଳୀନ କୁପ୍ରଭାବ ରହିବ'। ଏବେ ଆପଣ ଉଦ୍ୟୋଗୀକରଣ କାରଣରୁ ପ୍ରଦୂଷଣ, ଗ୍ଲୋବାଲ୍ ୱାର୍ମିଙ୍ଗ, କ୍ଲାଇମେଟ୍ ଚେଞ୍ଜ, ପ୍ରାକୃତିକ ସମ୍ପସାଧନ କ୍ଷୟ ଏସବୁ ଉପରେ ଆଲୋଚନାକୁ ଶୁଣିଲେ ଠିକ୍ ଅନୁମାନ କରି ପାରିବେ, ସେତେବେଳେ ଗାନ୍ଧିଜୀଙ୍କ ତର୍କର ତାତ୍ପର୍ଯ୍ୟ କ'ଣ ଥିଲା! ସେତେବେଳେ ଗାନ୍ଧିଜୀ ଦେଇଥିବା 'ଧନ୍ଦାମୂଳକ ଶିକ୍ଷା' କାହିଁକି ଆଜି ବି 'ସ୍କିଲ୍ ଡେଭେଲପମେଣ୍ଟ' ବା 'ସ୍କିଲ୍ ଇଣ୍ଡିଆ' ହିସାବରେ ତାତ୍ପର୍ଯ୍ୟ ରଖେ। ଗାନ୍ଧିଜୀଙ୍କ ମତରେ ଗ୍ରାମ ଓ କୃଷିର ବିକାଶ ହିଁ ଗୋଟିଏ ସମାଜକୁ ଦୀର୍ଘମିଆଦୀ ବିକାଶ ଦେଇପାରେ, କୃଷି ହିଁ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। କୃଷି କ୍ଷେତ୍ରରେ ସେ କମ୍ୟୁନିଟି ଫାର୍ମିଙ୍ଗ ଉପରେ ଜୋର୍ ଦେଉଥିଲେ। ଜମି ଏବଂ କୃଷି ସମ୍ପସାଧନକୁ ଭାଗ ଭାଗ ନକରି ସମ୍ମିଳିତ କୃଷି କାର୍ଯ୍ୟ ଉପରେ ଜୋର୍ ଦେଉଥିଲେ। ଗାନ୍ଧିଜୀଙ୍କ ମତରେ 'ଗ୍ରାମୀଣ ସ୍ୱରାଜ' ହିଁ ପ୍ରକୃତ ସ୍ୱାଧୀନତା ଓ ଗଣତନ୍ତ୍ରର ସଫଳତାର ଆଧାର। ତାଙ୍କ ମତରେ ପ୍ରତ୍ୟେକ ଗ୍ରାମର ଗଭର୍ନାନ୍ସ ତା' ନିଜ ଲୋକଙ୍କ ହାତରେ ରହିବା ଉଚିତ୍, ଯାହା ଆମର ପଞ୍ଚାୟତରାଜର ମୂଳଦୁଆ ଥିଲା। ଏହି ସବୁ କଥାକୁ ତର୍ଜମା କଲେ ଜଣେ ଠିକ୍ ଅନୁମାନ କରିପାରିବ ଯେ, ପ୍ରକୃତ ଗ୍ରାମୀଣ ବିକାଶର ଅର୍ଥ କ'ଣ। ଗୋଟିଏ କି ଦି' ବଖରା ଘର ଥିବା ସ୍କୁଲରେ କେମିତି ପାଞ୍ଚଟି ଶ୍ରେଣୀର ପିଲା ପାଠ ପଢନ୍ତି, ତାହା ସହରରେ ରହି ବହୁତଳ ବିଶିଷ୍ଟ ଅଟ୍ଟାଳିକାର ଶୀତତାପ ନିୟନ୍ତ୍ରିତ ଶ୍ରେଣୀଗୃହ ଭିତରେ ନିଜ ସନ୍ତାନକୁ ପାଠ ପଢାଉଥିବା ଅଭିଭାବକ ମାନେ କଦାପି ବୁଝି ପାରିବେ ନାହିଁ। ଏଥିପାଇଁ ଆବଶ୍ୟକ ସମାନ ଓ ଏକକ ଶିକ୍ଷା ବ୍ୟବସ୍ଥାର। ନହେଲେ ପ୍ରତିବର୍ଷ ଉଚ୍ଚଶିକ୍ଷା ପାଇଁ ନିଶ୍ଚିତ ଭାବରେ ଗାଁଗହଳିରୁ ଯୁବ ପିଢି ସହରାଭିମୁଖୀ ହେବେ। ସେମିତି ଯେପର୍ଯ୍ୟନ୍ତ ଗ୍ରାମୀଣ ଭାରତରେ କୃଷିର, ରୋଜଗାରର ନୂତନ ଓ ଦୀର୍ଘମିଆଦୀ ପନ୍ଥା ସୃଷ୍ଟି ନକରା ଯାଇଛି, ସେତେ ପର୍ଯ୍ୟନ୍ତ ପ୍ରତି ବର୍ଷ ଗ୍ରାମୀଣ ଯୁବପିଢ଼ି ପ୍ରବାସୀ ସାଜି ସହରକୁ ପ୍ରବେଶ କରୁଥିବେ, ମୋହରେ କି ବାଧ୍ୟରେ, ବିଚାର କରିବା ଦାୟିତ୍ୱ ପ୍ରତ୍ୟେକ ଭାରତୀୟଙ୍କର।

*ଭୁବନେଶ୍ୱର*
*ଦୂରଭାଷ : ୮୦୧୮୦୫୩୩୯୫*

## ଧାରାବାହିକ ଉପନ୍ୟାସ

# ଅଙ୍ଗ ତୃଷ୍ଣା






**କ୍ଷୀରୋଦ ଦାସ**

ଭାଗ-୧୯

(ପୂର୍ବପ୍ରକାଶ ଉତ୍ତାରୁ)

: ପ୍ରଥମ କଥା ହେଲା, ଆମେ ଯେଉଁ ଅଭିଯାନରେ ବାହାରିଛୁ, ସେଥିରେ ଆପଣ ସାମିଲ ହେବେ ନା ନାଇଁ, ଆପଣଙ୍କ ମତାମତ ଆମେ ଜାଣିବାକୁ ଆସିଛୁ।"

: କଥାଟା ଖୋଲିକି କୁହନ୍ତୁ ଆଜ୍ଞା। - ଅସ୍ୱସ୍ତିର ସହ କହିଲେ ଶୁଭକାନ୍ତ।

: ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପିଲାମାନେ ଜେଲ୍ ଭିତରେ ରହିବେ, ଆମେ ଘରେ ଶାନ୍ତିରେ ରହିପାରିବା କି? - ସରୋଜ ବାବୁ କହିଲେ।

: ଶାନ୍ତି ! ତାହା କ'ଣ ଆଉ ଅଛି ଏ ଜୀବନରେ ! - କହିଲେ ଶୁଭକାନ୍ତ - "ଆମେ ସମସ୍ତେ ଏ ଘଟଣାରେ ଗଭୀର ମର୍ମାହତ। ଆମମାନଙ୍କ ପୁଅମାନେ ଏପରି ବୀଭତ୍ସ କାମ କରି ଆମ ମୁହଁରେ କଳା ବୋଳିବେ, ଏକଥା ଆପଣମାନେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିଥିବେ ଭଲା ! ମୁଁ ଆପଣମାନଙ୍କ ଦୁଃଖରେ ସମଦୁଃଖୀ ଆଜ୍ଞା। ମୁଁ ଯେପରି ତୀବ୍ର ମାନସିକ ପୀଡା ଓ ଗ୍ଲାନି ଭୋଗୁଛି, ଆପଣମାନେ ମଧ୍ୟ ସେହିପରି ଅନୁଭବ କରୁଥିବେ...

ଆଗନ୍ତୁକ ଦୁଇ ଭଦ୍ରଲୋକଙ୍କ ମୁହଁରେ ଭାବଭଙ୍ଗୀ ହଠାତ୍ ବଦଳିଗଲା।

ପ୍ରସନ୍ନ ବାବୁ କହିଲେ - "ପିଲାମାନେ ଯାହା ତ ଭୁଲ୍ କଲେ ସେକଥା ଛାଡନ୍ତୁ। ବର୍ତ୍ତମାନ କ'ଣ କରାଯିବ, କିପରି ସେମାନଙ୍କୁ ମୁକୁଳାଯିବ, ସେଇକଥା ଚିନ୍ତା କରନ୍ତୁ। ଖାସ୍ ସେଇ ବିଷୟରେ ଆଲୋଚନା କରିବାକୁ ଆମେ ଖୋଜି ଖୋଜି ଆସିଛୁ ଆପଣଙ୍କ ପାଖକୁ।"

: ମାନେ ? ମୁଁ ତ କିଛି ବୁଝିପାରୁନି ଆପଣଙ୍କ କଥା ! - ଆହତ ଓ ଅବାକ୍ ସ୍ୱରରେ ପଚାରିଲେ ଶୁଭକାନ୍ତ।

: ସବୁ କଥାବାର୍ତ୍ତା ସରିଛି। ଥାନା, କୋର୍ଟ କଚେରି... ସମସ୍ତଙ୍କୁ ସେଟ୍ କରାଯାଇଛି। କୋହଳ ଦଫା ଲଗାଇବେ ଇନିସ୍‌ପେକ୍ଟର ଚାର୍ଜସିଟ୍ ଦେବାବେଳେ। ଯେଉଁ ଦଫାରେ ଅତି ସହଜରେ ମିଳିଯିବ ବେଲ୍। କେବଳ ବେଲ୍ ମିଳିବନି, ଆମ ପିଲାମାନେ କିଭଳି ନିର୍ଦ୍ଦୋଷରେ ଖଲାସ ହେବେ, ତା'ର ଖସଡା ପ୍ରସ୍ତୁତ ସରିଛି। ଓକିଲ ଓ ଜଜ୍‌ଙ୍କ ସହ ଡିଲ୍ ହୋଇସାରିଛି। ସମସ୍ତେ ପ୍ରସ୍ତୁତ ଅଛନ୍ତି ଏ କ୍ଷେତ୍ରରେ ଆମକୁ ପୂର୍ଣ୍ଣ ସାହାଯ୍ୟ କରିବା ପାଇଁ। ଆମ ହାତରୁ କେବଳ ମାଲ୍ ଖସିବ। ବାସ୍, ଆଉ ସବୁ ରେଡି। ଥାନାବାଲାଙ୍କର ପାଞ୍ଚଲକ୍ଷ, କୋର୍ଟ ବାଲାଙ୍କର ପାଞ୍ଚଲକ୍ଷ। କିଛି ସାମ୍ବାଦିକ ନେବେ ତିନିଲକ୍ଷ। ଟୁକୁରା ଟୁକୁରି ହୋଇ ଅତିବେଶିରେ ଆଉ ଲକ୍ଷେ ଦୁଇଲକ୍ଷ ଏଣେତେଣେ ଖର୍ଚ୍ଚ ହୋଇପାରେ...

ଖୁବ୍ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇସାରି ସରୋଜ ବାବୁ ଅଳ୍ପ ସମୟ ନିରବ ରହି ପୁଣି କହିଲେ- "ଏତେସବୁ କାମ କରିବାକୁ ପଡି ନ ଥାନ୍ତା, ଯଦି ସେ ଝିଅଟା କେସ୍ ଉଠାଇ ନେଇଥାଆନ୍ତା।"

ମୂକ ଭଳି ଶୁଭକାନ୍ତ ଅନାଇ ରହିଥିଲେ ଭଦ୍ରବ୍ୟକ୍ତିଙ୍କ ମୁହଁକୁ।

: ସେଥିପାଇଁ କଣ ଆମେ କମ୍ ଚେଷ୍ଟା କରିଛୁ ! - କହିଲେ ପ୍ରସନ୍ନ ବାବୁ- "ଆପଣ ସିନା ନିଦାବିଷ୍ଣୁ ପରି ଘରେ ବସିରହିଲେ, ଆମେ ଆଜ୍ଞା ସେଇଦିନଠାରୁ ଖାଲି ଧାଁ ଧପଡ କରୁଛୁ। ନିଃଶ୍ୱାସ ମାରିବାକୁ ବି ବେଳ ନାହିଁ। ଆଉ ଖାଇବା ପିଇବା କଥା ଛାଡନ୍ତୁ। ସେ ଝିଅଟି ଭଳି ହୋଇ ଗାଁକୁ ଫେରିବା ପରେ ଦି'ଥର ଆମେ ଯାଇଛୁ ତା' ପାଖକୁ। ବୁଝେଇ ବୁଝେଇ ଥକିଲୁ। ଆରେ ଥାନାବାଲା, କୋର୍ଟ କଚେରିବାଲା କାଇଁକି ମାହାଳିଆରେ ଟଙ୍କା ଖାଇବେ? ତୁ ସେଇ ଟଙ୍କା ନେ। ବାହାସାହା ହେଇ ଘର ସଂସାର କର। ପଛକଥା ଭୁଲିଯା। ହେଇ ହେଇ କାଦୁଅ ଟିକେ ଲାଗିଯାଇଛି ଦେହରେ !। ତାକୁ ଧୋଇ ପକା ! ନା, ଆମ କଥା ତାକୁ ଗନ୍ଧେଇଲା। ଘୁଷୁରିକୁ କୋଇ କାଳେ ପାଚିଲା କଦଳୀ ସୁଆଦ ଲାଗିଲାଣି ! ବଡ ଦିକ୍‌ଦାର ଲାଗିବାରୁ ଏପଟେ ଆସି ସମସ୍ତଙ୍କୁ ଧରିବାକୁ ପଡିଲା ପରା !"

ଶୁଭକାନ୍ତଙ୍କ ସମଗ୍ର ଶରୀର ଭିତରେ ଗୋଟେ ଉତ୍ତାପ ବଢୁଥିଲା ଧୀରେ ଧୀରେ। ତାଙ୍କ ନଖାଗ୍ରରୁ କେଶାଗ୍ର ପର୍ଯ୍ୟନ୍ତ କିଛି ଗୋଟାଏ ତରଳ ବିଷାକ୍ତ ପଦାର୍ଥ ଚରିଯାଉଥିଲା। ଚେତନା ଭିତରେ କିଛି ଗୋଟାଏ ହଲ୍‌ଚଲ୍ ହେବାକୁ ଆରମ୍ଭ କରିଥିଲା। ତଥାପି ସେମାନଙ୍କ କଥାରେ କୌଣସି ଜବାବ ନ ଦେଇ ଧୈର୍ଯ୍ୟ ଧରି ବସିଥିଲେ।



"ସେ ଅଟୋ ଡ୍ରାଇଭର କଥା ବାଦ୍ ଦିଅନ୍ତୁ। ଗରିବ ପିଲାଟା। ତାକୁ ୟା ଭିତରେ ପୂରାଇ କିଛି ଲାଭ ନାହିଁ। ଆମେ ଦୁଇ, ଆପଣ ଏକ। ତିନିଜଣ। ପନ୍ଦର ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ପର୍ ହେଡ୍ ପାଞ୍ଚ ଲକ୍ଷ... ହିସାବ କରି କହିଲେ ସରୋଜ ବାବୁ। ଭାରି ହିସାବୀ ମଣିଷ ଜଣେ ସେ। କହୁଥିଲେ। ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ଅତିରିକ୍ତ ସଚିବ ପଦରୁ ଅବସର ନେଇଛନ୍ତି ଦେଢ଼ବର୍ଷ ତଳେ।

: ବିବେକ ଓ ମଣିଷପଣିଆ। ଏ ଦୁଇଟି ଶବ୍ଦର ଅର୍ଥ ଜାଣିଛନ୍ତି ଆପଣମାନେ ? - ପଚାରିଲେ ଶୁଭକାନ୍ତ।

ଆଗନ୍ତୁକ ଦୁଇ ଭଦ୍ରଲୋକ ପରସ୍ପରର ମୁହଁ ଚାହାଁଚାହିଁ ହେଲେ। ବୋଧେ ଠିକ୍ ଭାବରେ ଠଉରାଇ ପାରିଲେନି ଡାକ୍ତରବାବୁଙ୍କ କଥାକୁ।

: ବୁଝିପାରିଲିନି ଆଜ୍ଞା ! -କହିଲେ ସରୋଜ ବାବୁ।

"ଜାଣିଛି, ଆପଣମାନେ ବୁଝିପାରିବେନି। କାରଣ ସେ ଦୁଇଟି ଶବ୍ଦ ସହିତ ଆପଣଙ୍କର ପରିଚୟକେବେ ନଥିଲା କି ଏବେ ନାହିଁ। ମୁଁ ଆପଣମାନଙ୍କୁ ବୁଝାଇ ଦେଉଛି, ଶୁଣନ୍ତୁ। ଆପଣମାନେ ସମସ୍ତେ ନିଜ ନିଜର ପିଲାମାନଙ୍କ କଥା ଚିନ୍ତା କରୁଛନ୍ତି। କରନ୍ତୁ, ବାରଣ ନାହିଁ। ହେଲେ କେବେ ଥରେ ସେଇ ନିରିମାଖୀ ଝିଅଟି କଥା ଚିନ୍ତା କରିଛନ୍ତି କି, ଯିଏ ଅକଥନୀୟ ଅତ୍ୟାଚାର, ପ୍ରଚଣ୍ଡ ଯନ୍ତ୍ରଣା ସହି ସହି ମୃତ୍ୟୁମୁଖରୁ ଫେରିଛି ! କେବେ ଥରେ ଥଣ୍ଡା ଓ ସ୍ଥିର ମନରେ ଭାବିଛନ୍ତି ତା' କଥା ?" - ପଚାରିଲେ ଶୁଭକାନ୍ତ।

: ଆମେ ଏତେ ବଡ ମହାପୁରୁଷ ନୋହୁଁ ଯେ ନିଜ ଦୁଃଖ କଥା ଭୁଲି ପରକଥା ଚିନ୍ତା କରିବୁ। ମୁଁ ତ ଚକି, ଆପଣ ନିଜ ପୁଅ କଥା ଚିନ୍ତା ନ କରି କେମିତି ଭାବିପାରୁଛନ୍ତି ସେ ଝିଅଟା କଥା ! କ୍ଷମା କରିବେ ଡାକ୍ତରବାବୁ, ଆମେ ସାଧାରଣ ମଣିଷ। ଗାନ୍ଧୀ, ଗୋପବନ୍ଧୁଙ୍କ ପରି ମହାପୁରୁଷ ନୋହୁଁ। ଆମକୁ ଲାଗୁଛି, ଆପଣ ବୋଧେ ସେମାନଙ୍କର ଦାୟାଦ !"

ପ୍ରସନ୍ନ ବାବୁଙ୍କ କଥା ମଝିରୁ ଶୁଭକାନ୍ତ କହିଲେ: "ନା, ମୁଁ ଗାନ୍ଧୀ ଗୋପବନ୍ଧୁଙ୍କର ଦାୟାଦ ନୁହେଁ, କିନ୍ତୁ ଜଣେ ମଣିଷ। ତେଣୁ ମଣିଷପଣିଆ କଥା କହିଲି, ଯେଉଁ କଥାକୁ ଆପଣମାନେ ବୁଝିପାରିଲେ ନାହିଁ ଅଥବା ବୁଝିକି ଅବୁଝା ହେଲେ...

ସେମାନଙ୍କର କଥାବାର୍ତ୍ତା ଧୀରେ ଧୀରେ ଯୁକ୍ତିର୍କ ଆଡକୁ ମୁହାଁଉଥିଲା।

: ଯଦି ସେଇ ମଣିଷପଣିଆ ଟିକେ ଅଛି ଆପଣମାନଙ୍କ ପରି ତଥାକଥିତ ଦୁଇ ଭଦ୍ରଲୋକଙ୍କ ପାଖରେ, ତେବେ ମୁଁ ହିତାହିତଜ୍ଞାନ ଭୁଲିବା ପୂର୍ବରୁ ବାହାରି ଯାଆନ୍ତୁ ମୋ ଘରୁ। କିଏ ଆପଣମାନଙ୍କୁ ଏତେ ସାହାସ ଓ ଅଧିକାର ଦେଲା ମୋ ଘରକୁ ଆସି ମୋତେ ଏପରି କଦାକାର ଓ ନିର୍ଲଜ୍ଜ ପ୍ରସ୍ତାବ ଦେବାକୁ ?"

ଧୈର୍ଯ୍ୟ ହରାଉଥିଲେ ଶୁଭକାନ୍ତ।

ସରୋଜ ବାବୁ କହି ଆସୁଥିଲେ: "ଆମେ ଛାଏଁ ଏଠାକୁ ଆସିନାହୁଁ ଡାକ୍ତର ବାବୁ ! ତୁମ ସ୍ତ୍ରୀଙ୍କ ଇଚ୍ଛାରେ ଆସିଛୁ। ତୁମେ ଆମ ପ୍ରସ୍ତାବରେ ଏକମତ ନ ହେଲେ କଣ ହେଲା ? ତୁମ ଧର୍ମପତ୍ନୀ ସମ୍ପୂର୍ଣ୍ଣ ରାଜି ଆମ କଥାରେ। ଠିକ୍ ସମୟରେ ସେ ଆମ ପାଖରେ ପହଞ୍ଚାଇ ଦେବେ ଆବଶ୍ୟକୀୟ ଅର୍ଥରାଶି। ସବୁକାମ ହୋଇଯିବ ସୁରୁଖୁରୁରେ। ତୁମେ ବୃଦ୍ଧ ଜରଦ୍‌ଗବ ଭଳି ବସି ରହିଥାଅ ଆଦର୍ଶ, ବିବେକ ଆଉ ମଣିଷପଣିଆ ପରି ଫମ୍ପା, ଗୁରୁତ୍ୱହୀନ, ଅକାମୀ ଶବ୍ଦମାନଙ୍କୁ ଧରି।"

(କ୍ରମଶଃ)

# ରଫ୍‌ଖାତା



**କଳ୍ପନା ଦାସଧିକାରୀ**

ପରିପକ୍ୱ ଜୀବନର ମଝି ଖଣ୍ଡରେ
ଦୁଃଖ ଭରା ବେସାହାର ନିରଳା ପ୍ରାନ୍ତରେ
ଚିନ୍ତା ଚେତନାର କରାଳ କାୟାରେ
ଭାବନା ସମ୍ଭାବନାର ଉପସ୍ଥିତିରେ
ଅପରିପୂର୍ଣ୍ଣ ଆଜି ନିଜ ଜୀବନର ରଫଖାତା।
ଜନ୍ମରୁ ଜଞ୍ଜାଳ ମୃତ୍ୟୁରେ ମୁକ୍ତି
ମଝିରେ ଜୀବନ ଲେଖିଚାଲିଛି ଅବିରତ
କେତେ ଯେ ଅଭୁଲା ସ୍ମୃତି।
ଭୂଲ ଠିକ୍ ଘାତ ପ୍ରତିଘାତର ଯନ୍ତ୍ରଣାରେ
ବରାଜରିତ ଜରାଗ୍ରସ୍ତ ଏଇ ଜୀବନ ଯାତ୍ରା
ଅସ୍ଥିର ମନେ କହଭରା ବେଦନାର
ବୁକୁଫଟା ଆର୍ତ୍ତତ୍ରାଣେ
ନିଜ ଅସ୍ତିତ୍ୱର ସନ୍ଧାନରେ
ଅନେକ ସଂଘର୍ଷର ମୁକ ସାକ୍ଷୀ
ଏଇ ଜୀବନର ରଫଖାତା।
ସମ୍ପର୍କର ସୂତାରେ ଭାବନାର ତୂଳିରେ
ଦୁଃଖ ସୁଖର କାଳିରେ ମନର କାଗଜେ
ସମୟ ସ୍ମୃତି ସାଜି ନିଜକୁ ଦେଇଛି ହଜି
ଏଇ ଜୀବନର ରଫଖାତାରେ।
କଠୋର ହୃଦୟ ଆଜି ସ୍ୱାର୍ଥର ସାରଥୀ ସାଜିଛି
ସମୟ ଖେଳୁଛି ଖେଳ
ପ୍ରେମ ଆନ୍ତରିକତା ଯାଇଛି ହଜି
ରକ୍ତ ଆଜି ରକ୍ତର ଶତ୍ରୁ ସାଜିଛି
ବଦଳି ଯାଇଛି ସମ୍ପର୍କର ରୂପ ରେଖ
ମିଛ ଅହଂକାରର ପାଚେରୀ ଆଗେ
ଶୂନ୍ୟ ଆତ୍ମା ଆଜି ଅସହାୟ ସାଜି
ମାଟିର ଶରୀରେ କର୍ମ ଯନ୍ତ୍ରଣାରେ କାରାଯୁଦ୍ଧ
ବଞ୍ଚିବାର ରାହା ନେଇଁ
ମିଛର ଆଶ୍ୱାସନା ଡେଇଁ
ନିଜକୁ ସାଇଁଟି ଚାଲିଛି ଆଜି
ଏଇ ଜୀବନର ରଫଖାତା।

*ନୋଇଡା, ସେକ୍ଟର-୧୨, ନୂଆଦିଲ୍ଲୀ*
*ଦୂରଭାଷ : ୮୧୩୦୭୪୪୩୫୨*

# ପ୍ରବାସରେ କାଶତାଣ୍ଡି

**ଶାନ୍ତନୁ କୁମାର ସର**



ଏଠି ଶରତର ଗଛର ପତ୍ରରେ
ବଦଳୁ ଥିବା ରଙ୍ଗର ମହୋତ୍ସବରେ
ମୁଁ କାଶତଣ୍ଡୀ ଖୋଜେ,
ଲାଲ୍ ସୁନେଲି ଓ କମଳା ରଙ୍ଗର
ସତେଜ ମହୋତ୍ସବରେ
ମୋ ପରିଚିତ କାଶତଣ୍ଡୀ ନିରୁଦ୍ଦିଷ୍ଟ।
ସବୁ ପ୍ରାଚୂର୍ଯ୍ୟ ଭିତରେ
କାଶତଣ୍ଡୀ ପରି କିଛି ଗୋଟେ ନଥିବାର
ନିସଂଗତା ଝୁଲିଥାଏ କାନ୍ଧରେ ବେତାଳ ପରି
ମାପେଲ ଓ ଅନ୍ୟ ବିଦେଶୀ ଗଛର
ରଙ୍ଗୀନ କୋଳାହଳ ଭିତରେ
ମୁଁ ଖୋଜୁଥାଏ ମୋ ଅତିପ୍ରିୟ କାଶତଣ୍ଡୀକୁ

ଭୂଗୋଳର ସୀମା ଡେଇଁ,
ଲଂଘି ସବୁ ଅକ୍ଷାଂଶ ଦ୍ରାଘିମା,
ମୋ ସ୍ମୃତିରେ, ଚେତନାରେ
ପରିବ୍ୟାପ୍ତ କାଶତଣ୍ଡୀ ଧବଳ ଉଚ୍ଛ୍ୱାସ
ମୋ ଗାଁର ରାସ୍ତାକଡ ନଈ କୂଳ
ସବୁଠି ସୁରଭିତ ଧବଳ ସ୍ୱାକ୍ଷର,
ଦେବୀ ଆରାଧନା ପାଇଁ ଯୋଡହସ୍ତ କାଶତଣ୍ଡୀ
ଶରତ ଆକାଶ ତଳେ କରୁଥାଏ
ପୁଲକିତ ଚାମର ବ୍ୟଜନ।
ସେଦିନ ଯୁବତୀର ଅର୍ଦ୍ଧନଗ୍ନ କ୍ଷତାକ୍ତ ଶରୀର
ସେମିତି ପଡ଼ିଥିଲା, କାଶତଣ୍ଡୀର ଧବଳ
ନିର୍ଜନତାରେ
ସେତେବେଳେ କାଠଗଡ଼ାରେ ଆସାମୀ ପରି
ନୀରବ ଆକାଶ ଓ ନିର୍ଲିପ୍ତ ପବନ,
ଯୁବତୀର ଲୋହିତ ଚିତ୍କାର
ହଜିଯାଇଥିବ ସପ୍ତସତୀ ଅର୍ଗଳା ସ୍ତୋତ୍ରରେ

ମୋ ରକ୍ତରେ, ଚେତନାର ଉପବନେ
କାଶତଣ୍ଡୀ ଥିବାଯାଏ, ମୋ ଦେଶ ତ ମୋ
ଭିତରେ
ପ୍ରବାସର ଶୂନ୍ୟତା ବି ସୁରଭିତ
ମୋ ମାଟିର ମଧୁର ସ୍ମୃତିରେ।

*ଆପେକ୍ସ, ନର୍ଥ କାରୋଲିନା*
*ଯୁକ୍ତରାଷ୍ଟ୍ର ଆମେରିକା*

# ପିମ୍ପୁଡ଼ି

**ଡ. ଦୀପକ କୁମାର ମିଶ୍ର**



ଯେଉଁ ପର ଦିଖଣ୍ଡ ପାଇଁ
ତୁମେ ଆଜୀବନ ତପସ୍ୟାରତ
ତହିଁର ଖଣ୍ଡିଉଡ଼ାଣ ହିଁ
ହେବ ଦିନେ ତୁମ ମୃତ୍ୟୁର କାରଣ।

ତୁମର ସବୁ ଅନୁଶାସନ
ଏକ ସୁଚିନ୍ତିତ ଅଭିଯାନ,
ଧାଡ଼ିବାନ୍ଧି ଯାଉଛ ପରା ଯୁଦ୍ଧକ୍ଷେତ୍ରକୁ
ଯାଅ, କିନ୍ତୁ ମନେରଖ
ଗଭୀର ଷଡ଼ଯନ୍ତ୍ରର ଘିଅବାସ୍ନାରେ
ଆଳୁଅକୁ ଆଡ଼ କରି
ମୃତ୍ୟୁର ଫାଶଟେ
ବସାହୋଇଚି ଖାସ ତୁମ ପାଇଁ
ଆଶାର ଭ୍ରମରେ ଜଳୁଥିବା ଦୀପର ରୁଖାରେ।

ହାଣ୍ଡି ବା ହାତରୁ ଗଳିପଡ଼ିଥିବା
ଚିନିର ଦାନାଟିଏ ପାଇଁ
ତୁମେ ଆଜି ପାଗଳ,
ଖେଦିଯାଅ ଚା' କପରୁ ଖନ୍ଦାର ଭୂଗୋଳ
କିନ୍ତୁ ଭୁଲିଯାଅ
ଶରବିଦ୍ଧ ମଳାପକ୍ଷୀର ଶବ ପୂର୍ବରୁ
ବୋହିଯାଇଥିବା ରକ୍ତର ଗାରରେ
ଭାସିବୋହିଯିବା ହିଁ ତୁମର ଭାଗ୍ୟ
ତଥାପି ଦଂଶନକୁ ଚୁମ୍ବା ଭାବି
ଦୁଧରଙ୍ଗର ପାଦତଳେ
ଅକାଳ ମୃତ୍ୟୁକୁ ଆଦରିନେଇ
କଟକଟ କାମୁଡ଼ି ଶିକ୍ାର କରୁଥିବା
ତୁମେ ଜଣେ କାମୁକ ପ୍ରେମିକ।

ତଥାପି ତୁମ ପାଇଁ ଲକ୍ଷ୍ୟ ହୁଏ ଭ୍ରଷ୍ଟ
ବିଗିଡ଼ିଯାଏ ରାତି, ରତି, ରମଣ
ମାସ ମାସ ଧରି ଶରଣ ଦେଇଥିବା
ପାଣିନଳକୁ ପରକରି ଗଲାବେଳେ
ବୁଝିପାରନା ତୁମେ
ଉତପ୍ତ ଉତ୍ତୁଙ୍ଗ ଛାତିର ଅବବାହିକାରେ
ଦୁଇ ଆଙ୍ଗୁଠି ଟିପର ମଝିରେ
ଅକାରାଣେ ଦଳିହୋଇ ଚାଲିଯାଏ
ତୁମର କ୍ଷୁଦ୍ରାତିକ୍ଷୁଦ୍ର ହିଂସ୍ରକ ଜୀବନ।

*ଭୁବନେଶ୍ୱର*
*ଦୂରଭାଷ : ୮୨୮୦୨୧୧୦୦୦*

# ଅନ୍ତରାତ୍ମାର ଭିଜାସ୍ୱର

**ଲଳିତ ମୋହନ ମିଶ୍ର**



(ପୂର୍ବପ୍ରକାଶ ଉତ୍ତାରୁ)

ତୁମେ ବାହାରେ ଆରାମରେ ଜୀବନ ବିତାଉ ଅଛ। ମୁଁ ଦିନରାତି ଘରେ ପଡି ରହି ହତୋତ୍ସାହିତ ହେଉଛି। ପଚାରିଲେ କହୁଛ - ମୋର ଆଜି ଅଫିସ୍‌ରେ ଗୁଡାଏ କାମ ଥିଲା। ସ୍ତ୍ରୀର ଭାବାବେଗକୁ ହୃଦୟଙ୍ଗମ କରିପାରୁ ନାହଁ। ତାର ମନ, ତାର ଆବେଗ, ତାର ଖୁସିକୁ ତୁମେ ଉପଲବ୍ଧି କରି ପାରୁ ନାହଁ। ଜଣେ ଖାଲି ବିଭା ହୋଇଗଲେ ସ୍ତ୍ରୀ ହୋଇଯାଏ ନାହିଁ। ସ୍ତ୍ରୀକୁ ସ୍ନେହ ମମତାରେ ବାନ୍ଧି ନ ରଖି ପାରିଲ ସ୍ୱାମୀ ସ୍ତ୍ରୀରେ ଫାଟ ସୃଷ୍ଟି ହୁଏ। ତୁମେ ଆମ ଦୁଇ ଜଣଙ୍କ ମଧ୍ୟରେ ବିରାଟ ଫାଟ ସୃଷ୍ଟି କଲ। ତୁମେ ଜଣେ ହୃଦୟହୀନ ସ୍ତ୍ରୈଣ ପୁରୁଷ। ନାରୀକୁ ପ୍ରେମ ଦେଇ ବଞ୍ଚାଇବାର ସାମର୍ଥ୍ୟ ତୁମ ଠାରେ ନାହିଁ। ଏହା କହି ବର୍ଣ୍ଣାଳୀ କାନ୍ଦିବାକୁ ଲାଗିଲା।

ବୈଭବ ନିଜକୁ ଅସହାୟତା ବୋଧ କଲା। ସ୍ତ୍ରୀକୁ କେମିତି କହିବ ଯେ - ସେ ଜଣେ ହୃଦ୍ ରୋଗୀ। ବାପା ମାଆ ସିନା ତାଙ୍କର ବଂଶ ରକ୍ଷା କରିବାକୁ ଯାଇ ପୁଅ ବିବାହ କରିଦେଲେ କିନ୍ତୁ ଡାକ୍ତରଙ୍କର ପରାମର୍ଶ ସଂଭୋଗ ଠାରୁ ନିଜକୁ ଦୂରେଇ ରଖିବେ। ନଚେତ୍ ଜୀବନ ପ୍ରତି ବିପଦ ଅଛି। ସ୍ତ୍ରୀର କାମନାକୁ ପୂର୍ଣ୍ଣ କରିବାର ଶକ୍ତି ଥିଲେ ମଧ୍ୟ ଜୀବନ ପ୍ରତି ବିପଦ ଦୃଷ୍ଟିରୁ ଆଗେଇ ପାରେ ନାହିଁ। ବର୍ଣ୍ଣାଳୀର କଥାରେ କାନ୍ଦରେ ବୈଭବ ମର୍ମାହତ ହେଲା। ନିଜେ ସ୍ତ୍ରୀ ପାଖରେ କାନ୍ଦିବାକୁ ଲାଗିଲା। ନିଜକୁ ଅପାରଗତ, ଅସହାୟତା, ଅକ୍ଷମଣୀୟ ପରୋକ୍ଷରେ ପ୍ରକାଶ କଲା। ଜ୍ଞାନ ଦୃଷ୍ଟିରୁ ସମସ୍ତ ବିଷୟ ବୁଝିବାକୁ ସମୟ ଲାଗିଲା ନାହିଁ ବର୍ଣ୍ଣାଳୀକୁ।

ନାରୀ ଜାୟା ଜନନୀ ଭଗିନୀ। ସେ ସୃଷ୍ଟିର ସର୍ଜନା। ସାମାଜିକ ଦୃଷ୍ଟି କୋଣରୁ ନିଜକୁ ଅକ୍ଷମଣୀୟ ଅନୁଭବ କଲା ନାହିଁ ବର୍ଣ୍ଣାଳୀ। ନିଜ ଠାରେ ମାତୃତ୍ୱ ଲାଭ କରିବାର ପ୍ରବଳ ଆଗ୍ରହକୁ ଦ୍ୱିଗୁଣିତ କଲା। ନିଜକୁ ବେଶ ପୋଷାକ ପରିଧାନ ସଜାଡି ହେଲା। ଜୀବନର ଗତିପଥରେ ହାରି ଜିତିବାର ପ୍ରୟାସ କଲା। ସେଦିନ ସକାଳୁ ସକାଳୁ ସ୍ନାନ ସାରି ଲୁଗା ପାଲଟିବା ସମୟରେ ବିଜନ ଘର ଭିତରକୁ ପଳାଇ ଆସିଲେ। ବିଜନ ଦୃଷ୍ଟି ଭାଉଜଙ୍କର ବକ୍ଷ ଦେଶ ଏବଂ ଗୌର ରୂପ ଲାବଣ୍ୟ ଉପରେ ପଡିଥିଲା। ବିଜନ ତ ଏବେ ଆଉ ପିଲା ନୁହେଁ। ସୁସ୍ଥ ଶବଳ ଅତୁଟ ଚେହେରା। ନୂଆ ମାଟିରେ କଅଁଳ ଘାସ କଅଁଳିଲା ପରି ବିଜନର କଅଁଳିଆ ମୁହଁରେ ନିଶଟି ଅତି ସୁନ୍ଦର ଲାଗୁଛି। ଏବେ ବୟସ ତାକୁ ଗୋଡିଏ ବାଇଶି ହେବଣି। ବର୍ଣ୍ଣାଳୀ ଠାରୁ ସିନା ବୟସରେ ସାନ ନଚେତ୍ ଯୁବକତ୍ୱ ଭାବ ଓ ଭାବନା।


ନିସଙ୍ଗତା ଭିତରେ ଆଶ୍ରୟ ଖୋଜେ ମନୁଷ୍ୟ। ଯଦି ସେହି ସମୟ ମଧ୍ୟରେ ତାକୁ ଆଶ୍ରୟ ମିଳିଯାଏ ସେ ନିଜକୁ ଧନ୍ୟ ମଣେ। ବିଜନ ମାଆ ଏବଂ ବର୍ଣ୍ଣାଳୀର ସମ୍ପର୍କ ଅତି ଉତ୍ତମ। ଗୋଟିଏ ପରିବାର ପରି ଚଳନ୍ତି। ବିଜନ ଦୃଷ୍ଟି ଭଙ୍ଗୀ ବେଳକୁ ବେଳ ଭାଉଜଙ୍କ ଆଡେ ଗଲାଣି। ଭାଉଜଙ୍କ ସାଥିରେ ଅଧିକ ସମୟ ଗପିବା। ଥଟ୍ଟା ପରିହାସ କରିବା। ଭାଉଜ ଯାହା କହିବେ ବଜାରରୁ ଆଣିଦେବା। ଏମିତି ବେଳକୁ ବେଳ ଭାଉଜଙ୍କର ଅତି ଆଦରର ଦିଅର ପାଲଟିଗଲା ବିଜନ। ଭାଉଜଙ୍କର ସୌନ୍ଦର୍ଯ୍ୟରେ ବିଜନ ମନ ଲାଗି ରହିଲା। ମନକୁ ଚଞ୍ଚଳ ଏବଂ ବ୍ୟତିବ୍ୟସ୍ତ କରିପକାଇଲା। ଭାଉଜଙ୍କର ଚେହେରା ବିଜନର ମନ ହୃଦୟରେ ଆଇନା ପରି ପ୍ରତିବିମ୍ବିତ ହେଲା। ପ୍ରତି ମୂହୁର୍ତ୍ତରେ ଭାବି ହେଲା ଭାଉଜଙ୍କୁ।

ବର୍ଣ୍ଣାଳୀକୁ ମଧ୍ୟ ଏସବୁ ଆବଭାବ ଅଛପା ରହିଲା ନାହିଁ। ନାରୀ ଲଜ୍ଜ୍ୟାଶୀଳା। ଉଭୟ ଉଭୟଙ୍କୁ ଧିରେ ଧିରେ ଆଉ ଭିନ୍ନ ଅନୁଭବ କଲେ ନାହିଁ। ବର୍ଣ୍ଣାଳୀର ଅବହେଳିତ ବିକ୍ଷୁବ୍ଧ ମନ ଆବେଗର ବେଳାଭୂମିରେ ମଥା ପିଟିବାକୁ ବ୍ୟାକୁଳିତ ହେଲା। ବିଜନ ସେଦିନ ସନ୍ଧ୍ୟାରେ ଭାଉଜଙ୍କ ସହିତ ଗପୁ ଗପୁ କେତେବେଳେ ଭାଉଜଙ୍କୁ କୋଳାଗ୍ରତ କରିଛି ଜଣାନାହିଁ। ନିଆଁ ପାଖରେ କ'ଣ ଘିଅ ରହିବ ? ବିଜନ ଭାଉଜଙ୍କୁ ଧରି ଶିହରି ଉଠିଛି। ବିଜନର ବେକରେ ଛନ୍ଦି ହୋଇଯାଇଛି ବର୍ଣ୍ଣାଳୀ। ପରସ୍ପର ପରସ୍ପରକୁ ସର୍ପ ସଙ୍ଗମ ଅବସ୍ଥାରେ ଉପଭୋଗ କରିଛନ୍ତି। ସତରେ କେତେ ଆନନ୍ଦ କେତେ ଉଲ୍ଲାସ, କେହି କାହାରିକୁ କିଛି କହିବାକୁ ଭାଷା ପାଇ ପାରୁ ନାହାଁନ୍ତି। ବର୍ଣ୍ଣାଳୀ କୌଣସି ପ୍ରକାର ପ୍ରତିବାଦ କରିନାହିଁ ବିଜନକୁ। ଏକ ନୂତନ ମାଧ୍ୟାକର୍ଷଣ ଶକ୍ତିରେ ଟାଣି ହେଲା ପରି ଅନୁଭବ କରିଛି ବର୍ଣ୍ଣାଳୀ।

ନିଜ ମନ ଓ ଦେହର ଭୋକ ଆଜି ମେଣ୍ଟାଇ ପାରିଛି ନିଜର କୁଳ ଧର୍ମ ଭୁଲି। ନ ଭୁଲିବ ବା କେମିତି ? ବୟସ ଏବଂ ମନର ଆବେଗିକ ମୂହୁର୍ତ୍ତକୁ ଯଦି ଜଣେ ସ୍ୱାମୀ ବୁଝିପାରେ ନାହିଁ, ତାହାହେଲେ ସ୍ତ୍ରୀ କ'ଣ କରିବ ? କେତେଦିନ ନିଜ ମନକୁ ମାରି ରହିବ ? ନିଜର ଆବେଗକୁ କାହାକୁ ପରିଶିବ ? ବର୍ଣ୍ଣାଳୀ ଏହି ଭଳି କର୍ମରେ ଅନୁତପ୍ତ ହେଲା କିନ୍ତୁ କ୍ଷୁଧା ମେଣ୍ଟିଥିବାରୁ ତୃପ୍ତି ଲାଭ କଲା। ବର୍ଣ୍ଣାଳୀ ଏଥର ଆଉ କେବେ ପ୍ରଶ୍ନ କରେ ନାହିଁ ବୈଭବକୁ। ବ୍ୟାଙ୍କରୁ କେତେବେଳେ ଆସିଲେ କିମ୍ବା ଗଲେ ତା ଉପରେ ଗୁରୁତ୍ୱ ଦିଏନାହିଁ ବର୍ଣ୍ଣାଳୀ। ନିଜକୁ ଏଥିରୁ ଛୁଟ୍‌କାରା ମିଳି ଥିବାରୁ ଅନ୍ତରରୁ ଆନନ୍ଦ ଲାଭ କରେ ବୈଭବ। ଧିରେ ଧିରେ ବିଜନ ଓ ବର୍ଣ୍ଣାଳୀର ସମ୍ପର୍କ ଅଛପା ରହେ ନାହିଁ ବୈଭବକୁ। ବରଂ ବୈଭବ ନିଜକୁ ଅନୁଭବ କରେ 'ହାତୀ ବନସ୍ତରେ ରହିଲେ ମଧ୍ୟ ରାଜାଙ୍କର'।

ବୈଭବ ଏକ ବ୍ୟାଙ୍କ କାମରେ ମାସେ ପାଇଁ ବମ୍ବେ ଯିବାକୁ ଇଛା କଲା। ଏ କଥାଟା ବର୍ଣ୍ଣାଳୀକୁ ଜଣାଇଲା ସେ ମଧ ସମ୍ମତି ପ୍ରଦାନ କଲା। ବୈଭବ ସବୁ ଜାଣି ଶୁଣି ନ ଜାଣିବାର ଅଭିନୟ କଲା। ଗଲା ବେଳେ ବିଜନକୁ ଡାକି କହିଲା - ମୁଁ ମାସେ ପାଇଁ ବମ୍ବେ ଯାଉଛି। ଭାଉଜ ଏକା ରହିଲେ.... ତାଙ୍କର ଯାହା ଦରକାର ତୁ ଟିକେ ଆଣିଦେଉ ଥିବୁ। ଭାଉଜଙ୍କୁ ଭୟ ଲାଗିଲେ... ଘରେ ଟିକେ ଜଗି ରହିବୁ ! ସତେ ଯେମିତି ଦିଅର ଭାଉଜ ସମ୍ପର୍କରେ ଅନଭିଜ୍ଞ ସେହି ପରି ଛାଡି ବମ୍ବେ ଚାଲିଗଲା।

ବର୍ଣ୍ଣାଳୀ ଏବଂ ବିଜନ ସମ୍ପର୍କ ଅଧିକ ଦୃଢିଭୂତ ହେଲା। ବହୁପୂଣ୍ୟ ତପସ୍ୟାର ଫଳ ପାଇଲା ବର୍ଣ୍ଣାଳୀ। ମାତୃତ୍ୱ ଲାଭ କଲା। ବହୁଦିନର ସ୍ୱପ୍ନଟି ସମସ୍ତଙ୍କୁ ଜଣାଇଲା। ସମସ୍ତେ ଖୁସିରେ ଗଦଗଦ ହେଲେ। ବୈଷ୍ଣବ ବାବୁ ନିଜର କୁଳ ରକ୍ଷା ହେଲା ବୋଲି ଆତ୍ମବିଭୋର ହେଲେ। ଠାକୁରଙ୍କ ଠାରେ ଯାଚଙ୍ଗା କଲେ। ମାସେ ପରେ ବୈଭବ ଆସି ସ୍ତ୍ରୀକୁ କୃତଜ୍ଞତା ଜ୍ଞାପନ କଲା। ଅବଶ୍ୟ ଛେଳି ଯେତେ ହେଲେ ଗୋଲାର ଲାଭ ନ୍ୟାୟରେ ବୈଭବ ଆନନ୍ଦିତ। ନିଜର ବଂଶ ରକ୍ଷା ହେଲା ବୋଲି ବହୁତ ଖୁସି। କିଛିଦିନ ପରେ ପୁଅଟିଏ ହେଲା। ବୈଷ୍ଣବ ବାବୁ ନାତିର ଏକୋଇଶିଆକୁ ଦୂଆରେ ପାଲା ପୂଜା କଲେ। ସମସ୍ତେ ଖୁସି ହେଲେ କିନ୍ତୁ ବର୍ଣ୍ଣାଳୀର ଅନ୍ତରର ଭିଜାସ୍ୱର କଥା କିଏ ବୁଝୁଛି। ଗଛରେ କେଉଁ ଦିନରୁ ମହୁମାଛି ବସାବାନ୍ଧି ଥିଲା। ବଡ ମହୁଫେଣାଟିଏ। ଆଜି ମହୁ ମାଛି ଗୁଡିକ ଆଉ ଦିଶୁ ନାହାଁନ୍ତି। ମହୁ ଫେଣାରେ ମହୁ ଭର୍ତ୍ତି ହୋଇ ମହୁ ଟପ୍ ଟପ୍ ପଡୁଛି। ଲାଗୁଛି ଏବେ ମହୁ କାହାର ? ନା ମହୁମାଛିର ? ନା ଗଛ ବାଲାର ? ନା ଯେ ମହୁ ବାହାର କରିବ ତାହାର ?



*ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ*
*ଚନ୍ଦ୍ରଗିରି, ଗଜପତି*
*ଦୂରଭାଷ : ୯୪୩୭୯୮୫୮୬୬*

# କୁନି କଳାକାରଙ୍କ ଅଭିନୟରେ ପ୍ରକମ୍ପିତ ମଞ୍ଚ



**ଅସ୍ତରଙ୍ଗ :** ଲାଇଟ ଲାଗିଛି, ପେଣ୍ଡାଲ ସଜା ହେଇଛି, ଦର୍ଶକଙ୍କ ଭିଡ଼ ଜମିଛି। ଲାଇଟ ସାଉଣ୍ଡରେ ପ୍ରକମ୍ପିତ ହେଉଛି ସମ୍ପୂର୍ଣ୍ଣ ଅଞ୍ଚଳ। ଦର୍ଶକଙ୍କ ତାଳି ସାଙ୍ଗକୁ ଆଖିର ଲୁହ, ସୃଷ୍ଟି ହେଉଛି ନିଆରା ପରିବେଶ। ଏହା କେଉଁ ବ୍ୟୟବହୁଳ ଯାତ୍ରା କମିଟି କି ଅପେରାର ମଞ୍ଚ ନୁହେଁ। ଏହା ହେଉଛି ଅସ୍ତରଙ୍ଗ ଅଞ୍ଚଳରେ କୁନି କଳାକାରଙ୍କୁ ନେଇ ଗଠିତ ହେଇଥିବା ସାମାଜିକ ନାଟକ 'ଲକ୍ଷେ ଶିବ ପୂଜି ପାଇଛି ମୁଁ ପୁଅ' ଯେଉଁ ନାଟକକୁ ନିର୍ଦ୍ଦେଶନା ଦେଇଛନ୍ତି ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ। ଆଉ ସହଯୋଗର ହାତ ବଢ଼ାଇଛନ୍ତି ରେନ୍ଦୁଅ ଗ୍ରାମବାସୀ, ଉପଭୋଗ କରୁଛନ୍ତି ଶହ ଶହ ଦର୍ଶକ, ମହିଳା, ପୁରୁଷ ଆଉ ଯୁବପୀଢ଼ି ମଧ୍ୟ ବାଦ ପଡ଼ିନାହାନ୍ତି ଏହି ନିଆରା ପରିବେଶରୁ ଆଉ ସମାଜରୁ। ଆଜିକାଲିର ସମାଜରେ ପ୍ରତ୍ୟେକ ଦିନ ସାମାଜିକ ସ୍ତରରେ ଅନେକ ପାରିବାରିକ ସମସ୍ୟା ସାମ୍ନାକୁ ଆସୁଛି। ଯାହା ଅତ୍ୟନ୍ତ ଦୁଃଖ ଦାୟକ, ଆଜି ପରିବାର ବଢୁଛି କିନ୍ତୁ ବୃଦ୍ଧା ଆଶ୍ରମ ବି ସେହି ହିସାବରେ ବଢ଼ିବାରେ ଲାଗିଛି। ପିଲାଟିକୁ ଦଶ ମାସ ଗର୍ଭରେ ଧାରଣ କରିବାର କଷ୍ଟ କେବଳ ଏକ ମା ହିଁ ଜାଣିଛି। ଆଉ ବାପା ଜାଣିଛି ପିଲାଟିକୁ ମଣିଷ କରିବାର କଷ୍ଟ। କିନ୍ତୁ ଯେତେବେଳେ ପୁଅଟିଏ ମଣିଷ ହେଇଯାଉଛି, ସେତେବେଳେ ଆଉ ବାପା ମା'ଙ୍କ ଅସହ୍ୟ କଷ୍ଟକୁ ଅଣଦେଖା କରୁଛି। ଆଉ ଶେଷରେ ବାପା ମା କୌଣସି ବୃଦ୍ଧା ଆଶ୍ରମ, ମଠ କି ତୀର୍ଥ କ୍ଷେତ୍ରରେ ବାକି ଜୀବନ କାଟୁଛନ୍ତି। ସତରେ ଏହି ଘଟଣା ଅତ୍ୟନ୍ତ ଦୁଃଖଦାୟକ, ସେହି ଘଟଣାକୁ ଜୀବନ୍ତ ରୂପେ ମଞ୍ଚ ଉପରେ ପରିବେଷଣ କରିଛନ୍ତି ଅସ୍ତରଙ୍ଗ ରେନ୍ଦୁଅ ଓ ଆଖପାଖ ଅଞ୍ଚଳର କୁନି କଳାକାର। ଆଉ ଏହି ନାଟକରେ ସମାଜକୁ ଶିକ୍ଷା ଦେଇଛନ୍ତି। ବାପା ମା ହେଉଛନ୍ତି ପ୍ରକୃତ ଭଗବାନ, ଚଳନ୍ତି ବିଗ୍ରହ। ତାଙ୍କୁ ତାଙ୍କ ବାର୍ଦ୍ଧକ୍ୟ ଅବସ୍ଥାରେ ଯଦି ଅଣଦେଖା କରାଯିବା ତାହେଲେ ଭବିଷ୍ୟତରେ ଆମ ପିଲା ବି ଆମ ସହିତ ଠିକ ଏହିପରି ବ୍ୟବହାର କରିବେ। ଯେଉଁ ନାଟକ ଦେଖି ଦର୍ଶକ ନେଉଛନ୍ତି ଭରପୁର ମଜା ଓ ଆନନ୍ଦ। ସତରେ ଆଜିର ଦୁନିଆରେ ରାମଙ୍କ ଭଳି ପୁଅ ନାହାନ୍ତି, କୃଷ୍ଣଙ୍କ ଭଳି ପୁଅ ବି ନାହାନ୍ତି। ଯେଉଁମାନେ ନିଜକୁ କଷ୍ଟ ଦେଇ ନିଜ ପୁତ୍ର ଧର୍ମକୁ ରକ୍ଷା କରିଥିଲେ। ସେଥିପାଇଁ ସେ ମର୍ଯ୍ୟାଦା ପୁରୁଷ। ପୁଅ ଟିଏ ପାଠ ପଢି ଯେତେବେଳେ ବିଦେଶ ଯାଉଛି ଆଉ ବଡ ହାକିମ ହେଉଛି, ସହରରେ ହାକିମଙ୍କ ଝିଅକୁ ବିବାହ କରୁଛି ଆଉ ଭୁଲି ଯାଉଛି ମାଟିର ମମତା, ବାପା ମା'ଙ୍କ ଋଣ, ପରମ୍ପରା ଆଉ ଗାଁ ପରିବେଶ। ସେଠି ସେହି ବୃଦ୍ଧ ବାପା ମା'ଙ୍କ ଅବସ୍ଥା କିପରି ହେଉଛି, ଯାହା ଆପଣ ନିଶ୍ଚିତ ଜାଣିଥିବେ। ଆଉ ରେନ୍ଦୁଅ ଗ୍ରାମର ଏହି ନାଟକରେ ସେହି ପୁଅ ମାନଙ୍କୁ ଦିଆଯାଇଛି ନୀତିଶିକ୍ଷା, ଆଉ ଆଧୁନିକତାର ସ୍ପର୍ଶରେ ବଢୁଥିବା ବୋହୂ ମାନଙ୍କୁ ଶିକ୍ଷା ଯାଇଛି ପରିବାରକୁ ଏକାଠି ନେଇ ଚାଲିବାର ସ୍ୱତନ୍ତ୍ର ଶିକ୍ଷା ଓ ସଚେତନତା। ଆଜିର ସମାଜରେ କୋର୍ଟରେ, ଖବର କାଗଜ ପୃଷ୍ଠାରେ, ସୋସିଆଲ ଆଉ ଟେଲିଭିଜନ ପରଦାରେ ଏପରି ଅନେକ ସମସ୍ୟା ସାମ୍ନାକୁ ଆସୁଛି। ବାପା ମା'ଙ୍କୁ ନେଇ ପରିବାରରେ ଭାଗ ବଣ୍ଟା ବି ହେଉଛି, ବାପା ମା'ଙ୍କ ଶେଷଅବସ୍ଥାରେ ତାଙ୍କ ଖର୍ଚ୍ଚର ହିସାବ ବି ରଖାଯାଉଛି। ସତରେ ଭାବିଲେ ଏହା ସେହି ବାପା ମା'ଙ୍କ ପାଇଁ କେତେ କଷ୍ଟ ଦାୟକ ହେଉଥିବ। ଆମେ କାହାକୁ ବ୍ୟକ୍ତିଗତ ଇଙ୍ଗିତ କରିବାର ଉଦ୍ଦେଶ୍ୟ ରଖିନୁ। କେବଳ ଏହି ଅଞ୍ଚଳରେ କୁନି କଳାକାରଙ୍କ ଦ୍ୱାରା ହେଇଥିବା ଏହି ସାମାଜିକ ନୀତି ଶିକ୍ଷାର ଉଦ୍ଦେଶ୍ୟକୁ ଉପସ୍ଥାପନା କରିଛୁ। ଆଜି ସିନା ଶ୍ରବଣକୁମାର ନାହାନ୍ତି କିନ୍ତୁ ତାଙ୍କ ଇତିହାସ ବଞ୍ଚି ରହିଛି। ଆଉ ଏହି ଇତିହାସ ହିଁ କେବଳ ଗଢିପାରିବ ଏକ ନିସ୍ୱାର୍ଥପର ମାନବ ସମାଜ।

# ଅପରାଧିକ ସାମ୍ରାଜ୍ୟ ତିଆରି କରିଛି ବିଜେଡି: ଡ.ଲେଖାଶ୍ରୀ



**ଭୁବନେଶ୍ୱର :** "ବିଜୁ ଜନତା ଦଳ ଅପରାଧୀଙ୍କ ବଳ" ବୋଲି ପୂର୍ବରୁ ବାରମ୍ବାର ଭାରତୀୟ ଜନତା ପାର୍ଟି କହିଛି ଏବେ ବି କହୁଛି। ବିଜେଡି ଯଦି ନିଜ ଦଳର ଅପରାଧ ଲୋକଙ୍କୁ ବିଦା ନକରିବ ତାହାଲେ ଓଡ଼ିଶାରେ ବାରମ୍ବାର ଅପରାଧ ଘଟିଚାଲିବ। ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ମାହାଙ୍ଗା "ଟ୍ରିପଲ ମର୍ଡର"ରେ ସଂପୃକ୍ତି ରହିଥିଲେ ବି କାହିଁକି ତାଙ୍କୁ ପ୍ରଶ୍ନ କରାଗଲା ନାହିଁ ? ଶ୍ରୀ ଜେନାଙ୍କ ଫାର୍ମହାଉସ ସାମ୍ନାରେ ପ୍ରଫୁଲ ସ୍ୱାଇଁଙ୍କୁ ହତ୍ୟା କରାଗଲା। ଏ ଖବର ଗଣମାଧ୍ୟମ, ରାଜ୍ୟ ରାଜନୀତିରେ ମଧ୍ୟ ଚର୍ଚ୍ଚା ହୋଇଛି। ପ୍ରତାପ ଜେନା ଆଇନମନ୍ତ୍ରୀ ଥିବାବେଳେ ରାଜ୍ୟ ସରକାର ତାଙ୍କୁ ଘଂଟ ଘୋଡାଇ ସୁରକ୍ଷିତ ରଖିବା ସହ ଆଇନରେ ସମ୍ମୁଖୀନ ହେବାକୁ ଦେଲେ ନାହିଁ। ନିର୍ବାଚନବେଳେ ପ୍ରତାପ ଜେନାଙ୍କୁ ମନ୍ତ୍ରିମଣ୍ଡଳରୁ ହଟାଇଥିଲେ କାହିଁକି ? ଏହାର ସ୍ପଷ୍ଟ ଉତର ନବୀନ ବାବୁ ରଖନ୍ତୁ ବୋଲି ରାଜ୍ୟ ଉପସଭାନେତ୍ରୀ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଡ.ଲେଖାଶ୍ରୀ କହିଛନ୍ତି ଯେ, ଜେଏମ୍‌ଏଫସି କୋର୍ଟ ଅଳ୍ପଦିନ ତଳେ ଶ୍ରୀ ଜେନାଙ୍କୁ ହାଜିର ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ୧୩ନଂ ମୁଦାଲା ହିସାବରେ ଶ୍ରୀ ଜେନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନିର୍ଦ୍ଦେଶ ଦେଲା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲା, କିନ୍ତୁ ଏବେ ଯାଏଁ ପ୍ରତାପ ଜେନା ଜେଏମ୍‌ଏଫସି କୋର୍ଟରେ ହାଜିର ହେଲେ ନାହିଁ। ଶ୍ରୀ ଜେନା ଅପରାଧରେ ସଂପୃକ୍ତ ଥିଲେ ବି ଶାସକ ଦଳର ମୁଖିଆ ତାଙ୍କୁ କେନ୍ଦ୍ରାପଡା ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛନ୍ତି। କେଉଁଭଳି ଭାବେ ତାଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଗଲା ବୋଲି ଡ.ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି। ଶ୍ରୀ ଜେନାଙ୍କୁ ସଭ୍ୟସମାଜରେ ସ୍ଥାନ ନାହିଁ। ବିଜେଡି ରାଜନୀତିର ସାମ୍ରାଜ୍ୟ ନୁହେଁ ବରଂ ଅପରାଧୀକ ସାମ୍ରାଜ୍ୟ ତିଆରି କରିଛି। ଓଡ଼ିଶାବାସୀଙ୍କ ଅଧିକାର, ରାଜନୀତିରେ ସ୍ୱଚ୍ଛତା ଆଣିବା ପାଇଁ ଓଡ଼ିଶାବାସୀ ବାରମ୍ବାର ପ୍ରଶ୍ନ କରୁଛନ୍ତି। ପ୍ରତାପ ଜେନା, ଦିବ୍ୟଶଙ୍କର ମିଶ୍ର, ଅରୁଣ ସାହୁ, ସମୀର ଦାସ, ବିଜୟ ଶଙ୍କର ଦାସ ଭଳି ଲୋକ ଯେବେ ଯାଏଁ ରାଜନୀତିରେ ଅଛନ୍ତି ସେମାନେ ଆଇନରେ ସମ୍ମୁଖୀନ ନହେବା ପର୍ଯ୍ୟନ୍ତ ଓଡ଼ିଶାବାସୀ ଏ ପ୍ରଶ୍ନ ପଚାରିବେ। ଆଗକୁ ନିର୍ବାଚନ ଆସୁଛି ଓଡ଼ିଶାବାସୀ ଏହାର ଉଚିତ ଜବାବ ଦେବେ ବୋଲି ଡ.ଲେଖାଶ୍ରୀ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜାନୁଆରୀ ୧୭ରେ ...

ବିଶ୍ରାମ ସ୍ଥଳ, ଜେଟିପି ଆଉଟ୍ ପୋଷ୍ଟ, ଏଟିଏମ କିଓସ୍କୋ, ମହାପ୍ରସାଦ ଓ ଅନ୍ୟାନ୍ୟ ସାମଗ୍ରୀ ଓହ୍ଲାଇବା ଓ ଲଦିବା ସ୍ଥାନ, ଇଲେକ୍ଟ୍ରି ରୁମ୍, ଅଗ୍ନିଶମ ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ଲ୍ୟାଣ୍ଡ ସ୍କେପିଂ ଇତ୍ୟାଦି କରାଯାଉଛି। ତେବେ ଯେଉଁ କାମ ବାକି ଅଛି ତାହାକୁ ଶୀଘ୍ର ଶେଷ କରିବା ଲାଗି ଶୁକ୍ରବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ବସିଥିବା ସମୀକ୍ଷା ବୈଠକରେ ଓବିସିସି ଓ ଟାଟା ପ୍ରୋଜେକ୍ଟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟର ପ୍ରଥମ ଟ୍ରମ୍ପେଟ ବ୍ରିଜ ବା ଶ୍ରୀସେତୁର ଏଣ୍ଡିଂ ପଏଣ୍ଟ ଜଗନ୍ନାଥବଲ୍ଲଭରେ ୪ମହଲା ବିଶିଷ୍ଟ ପାର୍କିଂ ସ୍ଥଳ ନିର୍ମାଣ କରାଯାଉଛି। ଏହାର ଉପର ମହଲାରେ ପିଲିଗ୍ରୀମ ସେଣ୍ଟର ବା ଧ୍ୟାନ କେନ୍ଦ୍ର ରହିଛି। ସେଠାରୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଓ ନରେନ୍ଦ୍ର ପୁଷ୍କରିଣୀର ଅପୂର୍ବ ଦୃଶ୍ୟ ଦେଖି ଭିନ୍ନ ଅନୁଭୂତି ସାଉଣ୍ଟିବେ। ତେବେ ସେଠାରେ ୧,୪୦୦ ଗାଡି ପାର୍କିଂ ସହ ଫୁଡକୋର୍ଟ ଓ ସିଧାସଳଖ ଶ୍ରୀମନ୍ଦିରକୁ ସଂଯୋଗ ପାଇଁ ଆକ୍ସେସ ରୋଡ଼ର ବ୍ୟବସ୍ଥା ହୋଇଛି। ମଙ୍ଗଳାହାଟ ବାଇପାସ୍ରେ ହୋଇଥିବା ଗୋଲେଇ ଓଭର ବ୍ରିଜ ଦ୍ୱାରା ଉଭୟ ବ୍ରହ୍ମଗିରି ଓ ଭୁବନେଶ୍ୱର ରାସ୍ତାକୁ ସଂଯୋଗ କରାଯାଇଛି। ଫଳରେ ଯାତ୍ରୀ ତଥା ପର୍ଯ୍ୟଟକ ଯିବା ଆସିବା ବେଳେ ଆଉ ଦ୍ୱନ୍ଦ୍ୱରେ ପଡିବେ ନାହିଁ। ତେବେ ଏହିସବୁ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଉଛନ୍ତି ଭକ୍ତ, ସେବାୟତ ଓ ବୁଦ୍ଧିଜୀବୀ।

### ଟିକସ ନେଇ ...

ସମସ୍ୟାର ସମାଧାନ ନିମନ୍ତେ ଆଦୌ ଚିନ୍ତା ନାହିଁ। ବର୍ତ୍ତମାନ ପରିସ୍ଥିତି ସଙ୍ଗୀନ ହୋଇଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନାହାନ୍ତି। ୨୩ ବର୍ଷର ବିଜେଡି ସରକାର ସାଧାରଣ ଲୋକଙ୍କ ଦୁଃଖର କାରଣ ସାଜିଛି। ଭୁବନେଶ୍ୱରର ଲୋକେ ଭୋଟ ଓ ଟିକସ ଦେଇ ରୋଗକୁ ଉପାହାରରେ ପାଉଛନ୍ତି ବୋଲି ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି କହିଛନ୍ତି। ରାଜ୍ୟ ବିଜେପିର ଏକ ପ୍ରତିନିଧି ଦଳ ଗାଡକଣ ଡମ୍ପିଂ ୟାର୍ଡକୁ ଯାଇ ବାସ୍ତବ ସ୍ଥିତି ନିରୀକ୍ଷଣ କରିବା ସହ ସ୍ଥାନୀୟବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଉପସ୍ଥିତ ଥିବା ବିଏମସି ଡେପୁଟି କମିଶନର କିଛି ଜାଣିନଥିବା କହି ହାତ ଟେକିଦେଲେ। ସର୍ବସାଧାରଣରେ ସ୍ୱଚ୍ଛତା ରକ୍ଷା ପାଇଁ ସାଧାରଣଜନତାଙ୍କଠାରୁ ଟିକସ ନେଉଛନ୍ତି ପ୍ରଶାସନ ଓ ରାଜ୍ୟ ସରକାର। ଟିକସ ନେଇ ନିଜ ଦାୟୀତ୍ୱ ଭୁଲି ଯାଉଛି ବିଏମସି। ବିଏମସି ମେୟର ଦେଖା ଦେଉନାହାନ୍ତି, ଅଫିସର କିଛି ଜାଣିନାହାନ୍ତି ବୋଲି କହୁଛନ୍ତି। ତାହେଲେ ସାଧାରଣ ଲୋକେ ଗୁହାରି କାହାକୁ କରିବେ ? ଦାୟିତ୍ୱହୀନତା ଥିବା ଅଧିକାରୀମାନଙ୍କୁ ବିଏମ୍‌ସି ଦାୟିତ୍ୱ ଦେଇଛି। ଅତୀତରେ ତତ୍କାଳୀନ ବିଏମସି କମିଶନର ଏହି ସମସ୍ୟାର ସମାଧାନ କରାଯିବ ବୋଲି ଘୋଷଣା କରିଥିଲେ, ତାଙ୍କର ବଦଳି ହୋଇଗଲା କିନ୍ତୁ ସମସ୍ୟାର ସମାଧାନ କରିପାରିଲେ ନାହିଁ। ଆଗାମୀ ୭ ମାସ ଭିତରେ ସମସ୍ୟାର ସମାଧାନ ହୋଇଯିବ ବୋଲି କହୁଥିବା ବର୍ତ୍ତମାନର ବିଏମସି କମିଶନର ସେ ପର୍ଯ୍ୟନ୍ତ ନିଜ ପଦବୀରେ ଥିବେ ନା ନାହିଁ ବୋଲି ଶ୍ରୀ ମହାନ୍ତି ସନ୍ଦେହ ପ୍ରକାଶ କରିଛନ୍ତି। ସେ ସ୍ଥାନକୁ ନଗଲେ ବାସ୍ତବ ସ୍ଥିତି ଜାଣିବା ଅସମ୍ଭବ। ନବୀନ ନିବାସରୁ ବାହାରକୁ ଆସୁ ନଥିବା ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ କଷ୍ଟ ବୁଝିବେ କିପରି ? ମୁଖ୍ୟମନ୍ତ୍ରୀ, ବିଏମସି ମେୟର, କମିଶନରଙ୍କ ସହ ସେହି ଅଞ୍ଚଳରେ ଗୋଟିଏ ଦିନ ବିତାଇଲେ ଯାଇ ତାଙ୍କ ଶାସନରେ ଲୋକେ କିଭଳି ରହୁଛନ୍ତି ତାହା ଭଲ ଭାବେ ଜାଣିପାରିବେ। ସ୍ମାର୍ଟସିଟି ଭୁବନେଶ୍ୱରର ସ୍ୱଚ୍ଛତା ରକ୍ଷା ପାଇଁ ରାଜ୍ୟ ସରକାର, ମେୟର, କମିଶନର, ବିଭାଗୀୟ ଅଧିକାରୀ, ବିଏମସି କର୍ତ୍ତୃପକ୍ଷ ମିଳିତ ଭାବେ ଦାୟୀତ୍ୱ ନିଅନ୍ତୁ। ଏଥି ସହ ଏଭଳି ଦୂଷିତ ପରିବେଶ ପାଇଁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଲୋକଙ୍କ ଚିକିତ୍ସା ଖର୍ଚ୍ଚ ବିଏମସି ଓ ରାଜ୍ୟ ସରକାର ବହନ କରନ୍ତୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

### ଏଲ୍-ନିନୋ ...

ସବୁଠାରୁ ଅଧିକ ବିଲକ୍ଷଣ ଦେଖାଯିବ। ରାଜ୍ୟରେ ଶୀତ ଋତୁରେ ବର୍ଷା ବହୁତ କମ୍ ହୋଇଥାଏ। ମାତ୍ର ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇପାରେ ବୋଲି ଆକଳନ କରିବା ସହ ଏହି ପରିସ୍ଥିତି ଫସଲ ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ପାଣିପାଗ ବିଶେଷଜ୍ଞ କହିଛନ୍ତି। ସୂଚନା ଅନୁଯାୟୀ ଶୀତ ଋତୁରେ ତାପମାତ୍ରା ଅଧିକ ରହିବା ସହିତ ମଝିରେ ମଝିରେ କିଛି ବର୍ଷା ଯୋଗୁଁ ଶୀତ ଦିନିଆ ଫସଲ ବିଶେଷ କରି ପନିପରିବାର ଅମଳ କମ୍ ରହିବ। ଏହାଦ୍ୱାରା ରୋଗ ପୋକର ପ୍ରାଦୁର୍ଭାବ ମଧ୍ୟ ବଢ଼ିବ। ଅନ୍ୟପଟେ କମ୍ ଥଣ୍ଡା ନେଇ ପାଣିପାଗ କେନ୍ଦ୍ର ମଧ୍ୟ ଆକଳନ କରିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ନଭେମ୍ବର ମାସ ପାଇଁ ହୋଇଥିବା ଆକଳନରେ କୁହାଯାଇଛି ଯେ ନଭେମ୍ବର ମାସରେ ଓଡ଼ିଶା ସମେତ ସାରା ଦେଶରେ ରାତିର ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବ। ଉପକୂଳବର୍ତ୍ତୀ ଓ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ଅପେକ୍ଷାକୃତ ଅଧିକ ରହିବ। ସେହିପରି ନଭେମ୍ବର ମାସରେ ରାଜ୍ୟର ବର୍ଷାର ମଧ୍ୟ ସମ୍ଭାବନା ରହିଛି। ପଶ୍ଚିମା ଝଡ଼ ପ୍ରଭାବରେ ରାଜ୍ୟରେ ବିଭିନ୍ନ ସମୟରେ ବର୍ଷା ହେବ। ବିଶେଷ କରି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷାର ପ୍ରକୋପ ଅଧିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି।

### ସରକାରୀ ...

ପାଇବାରୁ ବଞ୍ଚିତ ହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ୨୧ ଆବେଦନକାରୀଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଏହି ପ୍ରସଙ୍ଗରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନୁକମ୍ପା ନିଯୁକ୍ତି ପାଇଁ ହୋଇଥିବା ଆବେଦନଗୁଡ଼ିକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଫଇସଲା କରିବାକୁ ହାଇକୋର୍ଟ କହିଛନ୍ତି। ଏହି ମାମଲାଗୁଡ଼ିକରେ ଆବେଦନକାରୀମାନେ ଅନୁକମ୍ପା ନିଯୁକ୍ତି ପାଇଁ ଆବେଦନ କରିବା ସମୟରେ ଓସିଏସ୍ ଅନୁକମ୍ପା ନିଯୁକ୍ତି ନିୟମ-୨୦୨୦ ଲାଗୁ ହୋଇ ନ ଥିଲା। ଏଣୁ ସେମାନଙ୍କୁ ୧୯୯୦ର ନିୟମ ଅନୁସାରେ ନିଯୁକ୍ତି ପ୍ରଦାନ ପାଇଁ କହିଛନ୍ତି ଅଦାଲତ। ଅନ୍ୟପଟରେ ଅନୁକମ୍ପା ନିଯୁକ୍ତି ପାଇଁ ୨୦୨୦ ଫେବୃଆରୀ ୧୭ ପରେ ହୋଇଥିବା ଆବେଦନ ୨୦୨୦ର ନୂଆ ନିୟମ ଅନୁସାରେ ବିଚାର କରାଯିବ ବୋଲି ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ବିଶ୍ୱଜିତ୍ ସ୍ୱାଇଁ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନଗୁଡ଼ିକରେ ଯଦି ତ୍ରୁଟି ରହିଥାଏ କିମ୍ବା କୌଣସି କାରଣରୁ ଏହାକୁ ରଦ୍ଦ କରାଯାଏ, ତାହେଲେ ୪ ସପ୍ତାହ ମଧ୍ୟରେ ସମ୍ପୃକ୍ତ ଆବେଦନକାରୀଙ୍କୁ ନିଯୁକ୍ତିଦାତାଙ୍କ ପକ୍ଷରୁ ଅବଗତ କରାଯିବ ଓ ଆବେଦନକାରୀଙ୍କୁ ଏହାକୁ ସଂଶୋଧନ ପାଇଁ ଏକ ସୁଯୋଗ ଦିଆଯିବ। ତ୍ୱରିତ ଅନୁକମ୍ପା ନିଯୁକ୍ତି କ୍ଷେତ୍ରରେ ଦେବବ୍ରତ ତିୱାରୀଙ୍କ ମାମଲାରେ ସୁପ୍ରିମକୋର୍ଟଙ୍କ ରହିଥିବା ରାୟକୁ ଦୃଷ୍ଟି ଦିଆଯିବ। ସେହିପରି ଅନୁକମ୍ପା ନିଯୁକ୍ତି ନିୟମ ୨୦୨୦କୁ ପୁନଃଅନୁଧ୍ୟାନ କରି ସରକାର ଆବେଦନକାରୀଙ୍କୁ ନିଯୁକ୍ତି କିମ୍ବା ଅନ୍ୟ କୌଣସି ଉପଯୁକ୍ତ ବିକଳ୍ପ ବ୍ୟବସ୍ଥା ଦ୍ୱାରା ଆର୍ଥିକ କ୍ଷତିପୂରଣ ପ୍ରଦାନ କରିବେ ବୋଲି ରାୟରେ ଉଲ୍ଲେଖ ରହିଛି।

### 'ଆମ ଓଡ଼ିଶା ...

ଏହି ନୂଆ ଓଡିଶାରେ ଆମର ଭିତ୍ତିଭୂମି ହେବ ସୁଦୃଢ ଓ ଡେଣା ହେବ ଶକ୍ତ ଏବଂ ଆକାଂକ୍ଷୀ ଓଡିଶା ପରିକଳ୍ପନା ପାଇବ ସାକାର ରୂପ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିବା ସହ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରି ରୂପାନ୍ତର କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଥିଲେ। ୫ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କହିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହା ହେଉଛି ୫ମ ପାଳି। ଏହି ପାଳିରେ ମୁଖ୍ୟମନ୍ତ୍ରୀ ଓଡିଶାରେ ରୂପାନ୍ତରର ଯୁଗ ଆରମ୍ଭ କରିବା ସହିତ ମା' ମାନଙ୍କୁ ୫ଟି ସୁନ୍ଦର ଉପହାର ଦେଉଛନ୍ତି।

### ପବନ ଶକ୍ତିରେ ...

ସମ୍ମିଳନୀରେ କାଉନସିଲ୍ ଅନ୍ ଏନର୍ଜି ଏନଭାଇରନମେଣ୍ଟ ଆଣ୍ଡ୍ ୱାଟର୍ (ସିଇଇଡବ୍ଲୁ) ପକ୍ଷରୁ ପବନ ଶକ୍ତି କ୍ଷେତ୍ରରେ ଓଡ଼ିଶାରେ ଥିବା ବିପୁଳ ସମ୍ଭାବନା ସମ୍ପର୍କିତ ଏକ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ସେହିପରି ଗ୍ରୀଡକୋର ବୈଷୟିକ ସହଯୋଗୀ ସଂସ୍ଥା ଆଇ-ଫରେଷ୍ଟ ପକ୍ଷରୁ ମଧ୍ୟ ପବନ ଶକ୍ତି କ୍ଷେତ୍ରର ବିକାଶ ଦିଗରେ ରାଜ୍ୟର ପ୍ରସ୍ତୁତି ଓ ପ୍ରତିବଦ୍ଧତା ସଂପର୍କରେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଥିଲା। ସମ୍ମିଳନୀରେ ଗ୍ରୀଡକୋ ଓ ଇପିକଲ୍ ପକ୍ଷରୁ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ଏବଂ ଶିଳ୍ପ ନୀତି ସଂପର୍କରେ ଅଂଶଗ୍ରହଣକାରୀଙ୍କୁ ବିଶଦ ସୂଚନା ପ୍ରଦାନ କରାଯାଇଥିଲା। ସମ୍ମିଳନୀର ଉଦଯାପନୀ ଅଧିବେଶନରେ ଶିଳ୍ପ ବିଭାଗର ଅତିରିକ୍ତ ସଚିବ ଶୁଭେନ୍ଦ୍ର କୁମାର ନାୟକ, ଆଗ୍ରହୀ ନିବେଶକମାନଙ୍କ ନିମନ୍ତେ ଓଡ଼ିଶା ସରକାର ସମସ୍ତ ସୁବିଧା ଯୋଗାଇଦେବା ସହ ବ୍ୟବସାୟ ଅନୁକୂଳ ପରିବେଶ ସୁନିଶ୍ଚିତ କରିବା ଦିଗରେ ସମ୍ପୂର୍ଣ୍ଣ ରୂପେ ପ୍ରତିବଦ୍ଧ ବୋଲି କହିଥିଲେ। ସମ୍ମିଳନୀରେ ବିଭିନ୍ନ ନିବେଶକ ମାନଙ୍କ ସହ ବରିଷ୍ଠ ସରକାରୀ ଅଧିକାରୀ ଏବଂ ଗ୍ରୀଡକୋର ବରିଷ୍ଠ ଅଧିକାରୀ ମାନେ ପୁଞ୍ଜିନିବେଶ ସଂପର୍କିତ ଏକ ବିଶେଷ କାର୍ଯ୍ୟକ୍ରମରେ ଆଲୋଚନା କରିଥିଲେ। ଏହି ଆଲୋଚନା ବେଳେ ନିବେଶକମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ପବନ ଶକ୍ତି ବିକାଶ କ୍ଷେତ୍ରରେ ମୋଟ ୫୭୫ ମେଗାୱାଟ କ୍ଷମତା ବିଶିଷ୍ଟ ପ୍ରକଳ୍ପ ପାଇଁ ୪୯୪୦ କୋଟି ଟଙ୍କା ବିନିଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନାଲକୋ ସିଏମଡି, ଆଇଡବ୍ଲୁଟିଏମଏର ମହାସଚିବ, ଡବ୍ଲୁଆଇପିପିଏର ସଚିବ, ଗ୍ରୀଡକୋର ପରିଚାଳନା ନିର୍ଦ୍ଦେଶକ ତଥା ଅନ୍ୟ ନିର୍ଦ୍ଦେଶକଗଣ, ଓପିଟିସିଏଲ୍‌ର ସିଏମଡି, ଓଏଚପିସିର ପରିଚାଳନା ନିର୍ଦ୍ଦେଶକ, ଆଇ-ଫରେଷ୍ଟର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଯୋଗଦେଇ ରାଜ୍ୟରେ ଅକ୍ଷୟ ଶକ୍ତିର ବିକାଶ ଦିଗରେ ନିଜ ନିଜ ସୁଚିନ୍ତିତ ମତ ଓ ମନ୍ତବ୍ୟ ରଖିଥିଲେ। ସେହିପରି ଏହି ସମ୍ମିଳନୀରେ ଏନଟିପିସି, ଓଟିପିସି, ଏନଏଚପିସି, ଏସଜେଭିଏନ୍‌ଏଲ୍, ନାଲକୋ ଏବଂ ଏମସିଏଲ୍ ପ୍ରମୁଖ ରାଷ୍ଟ୍ରାୟତ୍ତ ଉଦ୍ୟୋଗର ପ୍ରତିନିଧି ତଥା ଅନ୍ୟ ଘରୋଇ ସଂସ୍ଥାର ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ।

### 'ମାଇଁ ଲର୍ଡ' ...

ଫଳରେ ବିରକ୍ତ ହୋଇ ଜଷ୍ଟିସ୍ ନିରସିଂହ କହିଥିଲେ, 'ତୁମେ କେତେଥର 'ମାଇଁ ଲର୍ଡ' କହିବ ? ଯଦି ଆପଣ ଏପରି କହିବା ବନ୍ଦ କରନ୍ତି, ତେବେ ମୁଁ ମୋ ଦରମାର ଅଧା ଦେଇଦେବି। ଜଷ୍ଟିସ୍ ନରସିଂହ ଆହୁରି କହିଛନ୍ତି, ଆପଣ ଏହା ବଦଳରେ କାହିଁକି 'ସାର' ବ୍ୟବହାର କରୁନାହାଁନ୍ତି। ଯଦି ଆଗକୁ ଏପରି କହିବେ ତେବେ ଆପଣ କେତେଥର 'ମାଇଁ ଲର୍ଡ', 'ଇଓର୍ ଲର୍ଡସିପ୍' କହୁଛନ୍ତି ତାହା ଗଣିବା ଆରମ୍ଭ କରିବି। ପ୍ରକାଶ ଥାଉକି, ନ୍ୟାୟିକ ପ୍ରକ୍ରିୟାରେ ଓକିଲମାନେ, ଯୁକ୍ତି ସମୟରେ ବିଚାରପତିମାନଙ୍କୁ 'ମାଇଁ ଲର୍ଡ' କିମ୍ବା 'ଇଓର୍ ଲର୍ଡସିପ୍' ଭାବରେ ସମ୍ବୋଧିତ କରନ୍ତି। ଏହି ଅଭ୍ୟାସକୁ ବିରୋଧ କରୁଥିବା ଲୋକେ ଏହାକୁ ଉପନିବେଶ ଯୁଗର ପରମ୍ପରା ଏବଂ ଦାସତ୍ୱ ପ୍ରଥା ଭାବେ ବିଚାର କରନ୍ତି। ଯଦିଓ ୨୦୦୬ରେ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ଏକ ସଂକଳ୍ପ ପାରିତ କରିଥିଲା ଯେ, କୌଣସି ଓକିଲ ବିଚାରପତିଙ୍କୁ 'ମାଇଁ ଲର୍ଡ' ଏବଂ 'ଇଓର୍ ଲର୍ଡସିପ୍' ଭାବରେ ସମ୍ବୋଧିତ କରିବେ ନାହିଁ, ତଥାପି ଏବେ ମଧ୍ୟ ଏହି ଅଭ୍ୟାସ ରହିଆସିଛି।

### ପ୍ରତିଶ୍ରୁତି ପରେ ...


ରେଡ଼କ୍ରସ ପାଣ୍ଠିରୁ କୋଡିଏ ହଜାର ଟଙ୍କା, ଆମ୍ବୁଲାନ୍ସ ବାବଦକୁ ଦଶ ହଜାର ଟଙ୍କା ତୁରନ୍ତ ପ୍ରଦାନ ନିମନ୍ତେ କହିଥିଲେ। ଏହା ସହିତ ତତ୍କାଳୀନ ଓ ବର୍ତ୍ତମାନର ରାଜସ୍ୱମନ୍ତ୍ରୀ ସୁଦାମ ମରାଣ୍ଡୀଙ୍କ ସହ ଆଲୋଚନା ପରେ ସାତଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ପାଞ୍ଚଲକ୍ଷ ଟଙ୍କା ପ୍ରଦାନ ନିମନ୍ତେ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ଚକ୍ରଧରଙ୍କ ପରିବାର କହିଲେ ବୃଦ୍ଧା ସ୍ତ୍ରୀ ସାବିତ୍ରୀ ସିଂ, ଗୋଟେ ପୁଅ ଓ ଗୋଟେ ଝିଅ। ଚକ୍ରଧର ଜଣେ ମିସ୍ତ୍ରୀ ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କ ମୃତ୍ୟୁ ଯୋଗୁଁ ତାଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଖସି ପଡ଼ିଥିଲା। ଇତିମଧ୍ୟରେ ଘଟଣାକୁ ଦୁଇବର୍ଷ ଅତିକ୍ରାନ୍ତ ହୋଇସାରିଲାଣି। ପରିବାର ଲୋକେ ତହସିଲ ଅଫିସ ଓ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଯାଇଯାଇ ନୟାନ୍ତ ହୋଇପଡିଲେଣି। ଶେଷରେ ଏହି ଅର୍ଥକୁ ସେ ପାଇବାର ଆଶା ଛାଡ଼ିଦେଇଛନ୍ତି। କିଛିଦିନ ପୂର୍ବରୁ ସାବିତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହେଉଥିବା ଜନ ଅଭିଯୋଗ ଶୁଣାଣିକୁ ଯାଇ ତାଙ୍କର ଦୁଃଖ ପ୍ରକାଶ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିନଥିଲା ଓଲଟି ପ୍ରଶାସନ ପକ୍ଷରୁ ତାଙ୍କୁ ରାଜସ୍ୱ ମନ୍ତ୍ରୀ ସୁଦାମ ମରାଣ୍ଡୀଙ୍କୁ ସାକ୍ଷାତ କରିବାକୁ ପରୋକ୍ଷରେ କୁହାଯାଇଥିଲା। ଉକ୍ତ ଘଟଣାକୁ ନେଇ ବର୍ତ୍ତମାନର ତହସିଲଦାର ଅଶ୍ୱିନି କୁମାର ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବାରୁ ଏହି ବିଷୟରେ ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗ କରି ଯଥାଶୀଘ୍ର ସହଯୋଗ କରିବେ ବୋଲି କହିଛନ୍ତି। ତେବେ ରାଜସ୍ୱ ମନ୍ତ୍ରୀ ସୁଦାମ ମରାଣ୍ଡୀଙ୍କ ନିଜ ନିର୍ବାଚନ ମଣ୍ଡଳୀର ଲୋକ ହୋଇ ଏପରି ଭାବେ ହଇରାଣ ହେବା ଘଟଣାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ସ୍ଥାନୀୟ ବାସିନ୍ଦା।

# ଗୋଚର ଜମିରେ ସରକାରୀ ରାସ୍ତା ନିର୍ମାଣକୁ ବିରୋଧ




**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ ଅସରିଫପୁର ଗ୍ରାମର ପୂର୍ବ ଦିଗରେ ମାଟିଗଡିଆ ଠାରୁ ମହାନ୍ତିସାହି ପର୍ଯ୍ୟନ୍ତ ଗୋଟେ ସି. ସି ରୋଡ଼ ପଞ୍ଚାୟତ ତରଫରୁ ୧ ଲକ୍ଷ ଚଉତିରିଶ ହଜାର ବେୟ ଅଟକଳ ହୋଇଥିଲା। ଦୁଇ ବର୍ଷ ବିତି ଯାଇଥିଲେ ବି ଉକ୍ତ କାର୍ଯ୍ୟ କରାଯାଇନାହିଁ। ଏହି କାର୍ଯ୍ୟ ସମ୍ବନ୍ଧରେ ୧ ନମ୍ବର ୱାର୍ଡ ମେମ୍ବର ଆଉ ଗ୍ରାମବାସୀ ଏକତ୍ରିତ ହୋଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିଥିଲେ। କିନ୍ତୁ ସେହି ସ୍ଥାନ ଗୋଚର ସେଠି କୌଣସି ସରକାରୀ କାର୍ଯ୍ୟକ୍ରମ ହେଇପାରିବନି ବୋଲି ଅଧିକାରୀ ମନ୍ତବ୍ୟ ଦେଇଥିଲେ, କିନ୍ତୁ ବର୍ତ୍ତମାନ କାର୍ଯ୍ୟଟିକୁ ପରିବର୍ତ୍ତନ କରି ମହାନ୍ତିସାହି ନିକଟରୁ ଏକ ଗୋଚର ଦେଇ ରାସ୍ତା କରାଯାଉଛି ବୋଲି ଗ୍ରାମବାସୀ ମାନେ ସମ୍ପୂର୍ଣ୍ଣ ପଟ୍ଟା ଦେଖେଇ ଅସ୍ତରଙ୍ଗ ବିଡ଼ିଓଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି। ସୂଚନା ମୁତାବକ ସରିପୁର ପଞ୍ଚାୟତ ଖାତା ନମ୍ବର -୧୮୫, ପ୍ଲଟ ନମ୍ବର -୨୨, କିସମ -ଗୋଚର ବୋଲି ଜଣାପଡିଛି। ଏହି ଗୋଚର ଉପରେ ସରକାରୀ ରାସ୍ତା କୁ ତୁରନ୍ତ ବନ୍ଦ କରି ସଠିକ ଦିଗରେ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି ରଖିଛନ୍ତି।

# ମଣ୍ଡେଇ ସ୍ମରଣିକା ଓ କବିତା ପାଠୋତ୍ସବ କମିଟି ବୈଠକ



**ନବରଙ୍ଗପୁର :** ନବରଙ୍ଗପୁର ଜିଲ୍ଲାର ସାଂସ୍କୃତିକ ଗଣପର୍ବ 'ମଣ୍ଡେଇ' ପାଳନ ଅବସରରେ ଏକ ସ୍ମରଣିକା ପ୍ରକାଶିତ ହେବ, ଜିଲ୍ଲାର ଐତିହ୍ୟ, କଳା, ସଂସ୍କୃତି ଓ ବିଶେଷ କରି ମଣ୍ଡେଇ ମହୋତ୍ସବ ପାଳନ ସମ୍ବନ୍ଧରେ ଏକ ଆଲୋଚନା ଚକ୍ର ଏବଂ ଜିଲ୍ଲାର କବି ଓ କବୟିତ୍ରୀ ମାନଙ୍କୁ ନେଇ ଏକ ଜିଲ୍ଲା ସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହେବ। କମିଟିର ଅଧ୍ୟକ୍ଷ ବିଜୟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଓ କମିଟି ଉପଦେଷ୍ଟା ତଥା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନଙ୍କ ଉପସ୍ଥିତିରେ ଏସମ୍ବଧରେ ଏକ ବୈଠକ ସଂସ୍କୃତି ଭବନ ରେ ଅନୁଷ୍ଠିତ ହୋଇଥିଲା। 'ମଣ୍ଡେଇ' ସ୍ମରଣିକା ପାଇଁ ଲେଖକ ମାନେ ନିଜସ୍ୱ ଲିଖିତ ଜିଲ୍ଲାର କଳା, ସଂସ୍କୃତି, ସାହିତ୍ୟ, ଐତିହ୍ୟ, ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଦିବଂଗତ ପ୍ରତିଭା ମାନଙ୍କ ସମ୍ବନ୍ଧରେ ଲେଖା ଗୁଡିକ ଚାରି ପୃଷ୍ଠା ମଧ୍ୟରେ ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଲେଖା ଗୁଡ଼ିକ ସଂସ୍କୃତି ଅଧିକାରୀଙ୍କ ଇ-ମେଲ୍ dco11@gmail.com ଜରିଆରେ ଦେଇପାରିବେ କିମ୍ବା ଜିଲ୍ଲା ସଂସ୍କୃତି ଅଧିକାରୀ ଙ୍କ କାର୍ଯ୍ୟାଳୟରେ ମଧ୍ୟ ଦେଇ ପାରିବେ। ଆଗାମୀ ଡ଼ିସେମ୍ବର ମାସ ୩ ତାରିଖ ରବିବାର ଦିନ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହ ରେ କବିତା ପାଠୋତ୍ସବ ଅନୁଷ୍ଠିତ ହେବଫ କବି ଓ କବୟିତ୍ରୀ ମାନେ ସେମାନଙ୍କ ନିଜସ୍ୱ ଲିଖିତ ଓ ଜିଲ୍ଲାର କଳା, ସଂସ୍କୃତି ଓ ବିକାଶ ଉପରେ ଆଧାରିତ କବିତା ଆଗାମୀ ୨୫ ନଭେମ୍ବର ସୁଦ୍ଧା ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଦାଖଲ କରିବେଫ ନିର୍ଦ୍ଧାରିତ ସମୟ ପରେ କୌଣସି ଲେଖା ଗ୍ରହଣ କରାଯିବ ନାହିଁ। 'ମଣ୍ଡେଇ' ମହୋତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ବନ୍ଧରେ ଏକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହେବ। ଆଲୋଚନା ଚକ୍ରର ତାରିଖ ଓ ସ୍ଥାନ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ। ଏହି ବୈଠକରେ କମିଟିର ସଦସ୍ୟ କବି ନାରାୟଣ ପଣ୍ଡା, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଡଃ ବିଜୟ କୁମାର ମିଶ୍ର, ଜେମାମଣି ବିଷୋୟୀ, ପୂର୍ବତନ ସହକାରୀ ଜିଲ୍ଲା ପାଳ ହେମଲତା ମାଝୀ, ସହକାରୀ ଜିଲ୍ଲାପାଳ ଆଶୁତୋଷ ପାତ୍ର, କିଶୋର ପଟ୍ଟନାୟକ, ଦୁର୍ଗା ପ୍ରସାଦ ପାଢ଼ୀ, ଅଧାପିକା ସଂଗୀତା ତ୍ରିପାଠୀ, ଧରିତ୍ରୀ ପୂଜାରୀ, ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ପ୍ରାଧାପକ ରାଜୀବ ଜାଲ, ଉପସ୍ଥିତ ରହି ନିଜ ନିଜ ମତାମତ ଦେଇଥିଲେ। ରାମ ପ୍ରସାଦ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ବରିଷ୍ଠ ସାମ୍ବାଦିକଙ୍କ ପିତୃ ବିୟୋଗ



**ଅସ୍ତରଙ୍ଗ :** ଅସ୍ତରଙ୍ଗ କାକଟପୁର ଅଞ୍ଚଳର ଜଣେ ସୁନାମ ଧନ୍ୟ ତଥା ବରିଷ୍ଠ ସାମ୍ବାଦିକ ନିରଞ୍ଜନ ଦାସଙ୍କ ପିତା ରାଜକିଶୋର ଦାସଙ୍କ ୭୭ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି। ସୂଚନା ମୁତାବକ ତାଙ୍କ ପିତା ଜଣେ ମିଷ୍ଟଭାଷୀ, ସମାଜସେବୀ ଓ ଧର୍ମପରାୟଣ ବ୍ୟକ୍ତି ରୂପେ ଅସ୍ତରଙ୍ଗ ଅଞ୍ଚଳରେ ଜଣେ ଜଣାଶୁଣା ବ୍ୟକ୍ତିତ୍ୱ ଅଟନ୍ତି। ହଠାତ ମଙ୍ଗଳବାର ତାଙ୍କ ଶରୀର ଅସୁସ୍ଥ ହୋଇଥିଲା। ପ୍ରଥମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠି ଆଇସିୟୁ ନମିଳିବାରୁ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା। ସେଠି ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ସୂଚନା ପାଇ ତାଙ୍କ ଅମୃତତୁଲ୍ୟ ଶରୀରକୁ ଦର୍ଶନ କରିବାକୁ ଅସ୍ତରଙ୍ଗ ସ୍ଥିତ ତାଙ୍କ ବାସଭବନକୁ ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ୱାର୍ଡ ସଭ୍ୟ ଯୁବ ସମାଜସେବୀ ମନୋଜ ବିଶ୍ୱାଳ, ଅସ୍ତରଙ୍ଗ ଅଞ୍ଚଳର ସମସ୍ତ ସାମ୍ବାଦିକ, ବୁଦ୍ଧିଜୀବୀ, ଅସ୍ତରଙ୍ଗ ଅଞ୍ଚଳର ଶତାଧିକ ଜନସାଧାରଣ ରୁଣ୍ଡ ହୋଇଥିଲେ। ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ପାର୍ଥନା କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ କେବଳ ନିରଞ୍ଜନଙ୍କ ପରିବାର ନୁହେଁ, ଅସ୍ତରଙ୍ଗ ଅଞ୍ଚଳରେ ଏକ ପ୍ରକାର ଶୋକର ଛାୟା ସୃଷ୍ଟି ହେଇଛି।

# ତାରାତାରିଣୀ

କୃଷ୍ଣଚନ୍ଦ୍ର ତ୍ରିପାଠୀ

ଗଞ୍ଜାମ ଜିଲ୍ଲାର ସପ୍ତ ପ୍ରସିଦ୍ଧ ତାନ୍ତ୍ରିକ ଶକ୍ତିପୀଠ ସିଦ୍ଧଭୈରବୀ, ବାଳକୁମାରୀ, ବାଙ୍କେଶ୍ୱରୀ, ମହୁରୀକାଲୁଆ, ବାଗ୍‌ଦେବୀ, ସିଂହାସନୀ, ନାରାୟଣୀଙ୍କ ସହ ତାରାତାରିଣୀ ଶକ୍ତିପୀଠର ମାହାତ୍ମ୍ୟ ଓ ଆକର୍ଷଣ ସୁଦୂରପ୍ରସାରୀ । ବ୍ରହ୍ମପୁରଠାରୁ ଚାଳିଶି କିଲୋମିଟର ଦୂରରେ ପୁଣ୍ୟତୋୟା ଋଷିକୁଲ୍ୟା ନଦୀର ଦକ୍ଷିଣ ତଟ ଦେଶରେ ତାରାକକ୍ଷ ପାହାଡ଼ର ଦହିହାଣ୍ଡି ଶିଖର ସ୍ଥଳୀରେ ତାରାତାରିଣୀ ଯାମଳା ଭଗିନୀ ଦେବୀ ପୂଜା ପାଇ ଆସୁଛନ୍ତି । ଶକ୍ତି ଉପାସକବୃନ୍ଦ ଏହି ସୁପ୍ରତିଷ୍ଠିତା ଦେବୀ ଆରାଧନା କରିବା ଦିଗରେ ବିଶେଷ ପ୍ରାଧାନ୍ୟ ଦେଇଥାନ୍ତି । ଅଗଣିତ ଭକ୍ତ ପରିବାର ତାରାତାରିଣୀଙ୍କୁ ସ୍ୱଗୃହ ଇଷ୍ଟଦେବତା ଭାବରେ ବଂଶାନୁକ୍ରମେ ଗ୍ରହଣ କରିଆସୁଛନ୍ତି । ସନ୍ତାନଙ୍କ ସୁଖଦୁଃଖରେ ତାରାତାରିଣୀ ନାମ ସ୍ମରଣ କରିଥାନ୍ତି । ସେମାନଙ୍କ ପାଇଁ ତାରାତାରିଣୀ ସଙ୍କଟତାରିଣୀ ସକଳ ବିପଦ ଭଞ୍ଜନୀ ସୁଖସ୍ୱାସ୍ଥ୍ୟ ସାମର୍ଥ୍ୟ ବିଭବ ସୌଭାଗ୍ୟ ସମୃଦ୍ଧି ପ୍ରଦାୟିନୀ। ସେ କରୁଣାମୟୀ ପ୍ରେମମୟୀ ଓ ମମତାମୟୀ ଭକ୍ତବତ୍ସଳା ଅନନ୍ୟା ଶୋକ କ୍ଲେଶ ହାରିଣୀ ଭବଭୟ ନିବାରିଣୀ ପ୍ରତ୍ୟକ୍ଷା ଠାକୁରାଣୀ। ସେ ଆୟୁ, ଜ୍ଞାନ, ଯଶ, ଧନ ଭକ୍ତକୁ ଅନ୍ତର ଭାବବୋଧ କରି ଅଯାଚିତ ଭାବରେ ଦାନ କରିଥାନ୍ତି। ତାରାତାରିଣୀଙ୍କୁ ଗଂଜାମ ଜାହ୍ନବୀ ଋଷିକୁଲ୍ୟା ଜଳରେ ସ୍ନାନ କରି ଦର୍ଶନ କଲେ ଦୁଃଖ ଶୋକ ଚାଲିଯାଏ । ସମସ୍ୟା, ଅଭାବ ଅସୁବିଧା, ଅନ୍ତରାୟ ଯାବତୀୟ ଜାଗତିକ କ୍ଲେଶ ଦୂର ହୋଇଯାଏ। ଅଭୀଷ୍ଟ ଫଳ, ଆୟୁ ପ୍ରାପ୍ତ ହୋଇଥାଏ। ମା'ମାନଙ୍କର ବିଶ୍ୱାସ ସନ୍ତାନଙ୍କୁ ମୁଣ୍ଡନ କରି ଜଗଜ୍ଜନନୀଙ୍କ ପାଦତଳେ ପକାଇଲେ ସନ୍ତାନ ବୀର୍ଯ୍ୟଶାଳୀ ଓ ଚିରାୟୁ ହୋଇଥାଏ । ମାତୃ ଦୟାରୁ ସେ ଜୟୀ ଓ ଯଶସ୍ୱୀ ହୋଇଥାଏ ମଧ । ଦୀନ ଶରଣାଗତର ପରିତ୍ରାଣ ଦିଗରେ ତାରାତାରିଣୀ ହିଁ ସର୍ବ ସୁଖକରୀ, ନିତ୍ୟାନନ୍ଦକରୀ, ବରାଭୟକରୀ, ସୌନ୍ଦର୍ଯ୍ୟ ରତ୍ନାକରୀ, ପ୍ରତ୍ୟକ୍ଷ ମାହେଶ୍ୱରୀ ଦେବୀ । ସନ୍ତାନ ଜନ୍ମ ପରେ ମା' ତାରାତାରିଣୀଙ୍କୁ ମହାଦୁଃଖ ହରଣ ନିମିତ୍ତି ନିବେଦନ କରିଥାଏ । ମାଆଙ୍କ ପୀଠରେ ପ୍ରଥମ ସ୍ୱନକ୍ଷତ୍ର ବାସରରେ ମୁଣ୍ଡନ କରାଇ ଆଶିଷ ଭିକ୍ଷା କରିଥାଏ ମାଆ। ପାଖରେ ଥାଉ ବା ଦୂରରେ ଥାଉ ରାଜ୍ୟଭିତରେ ଥାଉ ବା ରାଜ୍ୟ ବାହାରେ ଥାଉ ଏପରିକି ଦେଶ ବିଦେଶରୁ ମଧ ପ୍ରଥମ ସନ୍ତାନର ମୁଣ୍ଡନ ପାଇଁ ଦମ୍ପତି ଏଠାକୁ ଆସିଥାନ୍ତି । ବିଶେଷ କରି ଗଞ୍ଜାମ ସଂସ୍କୃତି ଧର୍ମୀୟ ପରମ୍ପରାରେ ତାରାତାରିଣୀଙ୍କ କରୁଣା ପ୍ରତି ଆସ୍ଥା ନିବିଡ଼ ଓ ପ୍ରଗାଢ଼ - ଭକ୍ତଙ୍କର। ଆଗେ ଏଠାରେ ସନ୍ତାନଙ୍କ କଲ୍ୟାଣ ସୁଖ ସମୃଦ୍ଧି ଲାଗି ମାନସିକ ଛାଗବଳି ପ୍ରଚଳିତ ଥିଲା । ସଂସ୍କାରକାମୀ ଭକ୍ତଙ୍କ ପ୍ରଚେଷ୍ଟାରେ ଶିକ୍ଷାର ପ୍ରସାର ଯୋଗୁଁ ଜନ ସହଯୋଗ ସମର୍ଥନରେ ଆଉ ବଳିଦାନ ଜୀବହତ୍ୟା ଜଘନ୍ୟ ପ୍ରଥା ପରିଦୃଷ୍ଟ ହେଉନାହିଁ। ପାଚିଲା ଫଳ ରମ୍ଭା ନାରୀକେଳ ଅମୃତ ମଣୋହି ସହ ପ୍ରପାନକ ଭୋଗ ନୈବେଦ୍ୟ ଦେବୀଙ୍କୁ ନିବେଦିତ ହେଉଛି। ପୀଠରେ ଭକ୍ତବୃନ୍ଦ ଜାଳୁଛନ୍ତି କାମନା ପୂରଣ ଚିନ୍ତନରେ ଚାରୁ ପ୍ରଦୀପମାଳା। ବିଶେଷତଃ ଚୈତ୍ରମାସ ମଙ୍ଗଳବାର ଓ ସଂକ୍ରାନ୍ତିମାନଙ୍କରେ ମା'ଙ୍କ ପୀଠ ଲୋକାରଣ୍ୟ ହୋଇ ଉଠୁଥାଏ।

ତାରାକକ୍ଷ ପାହାଡ଼ ପୂର୍ଣ୍ଣଗିରି ପୁଣି ରତ୍ନଗିରି ପାହାଡ଼ ନାମରେ ମଧ ପରିଚିତ। ନଦୀ ତୀରର ମନୋଜ୍ଞ ପ୍ରକୃତି ମଧ୍ୟରେ ପ୍ରତିଷ୍ଠିତ ଏହି ପୀଠରେ ପହଞ୍ଚିବା ପାଇଁ ସହସ୍ର ପାହାଚ ଅତିକ୍ରମ କରିବାକୁ ପଡ଼ିଥାଏ । ଦ୍ରୁମରାଜିର ସୁଶୀତଳ ଛାୟା ଦେଇ ପକ୍କା ରାସ୍ତାରେ ଭକ୍ତ ଶିଖରୀ ଶିଖରେ ଉପନୀତ ହୋଇ ସର୍ପିଳ ଗତିଶୀଳା ଋଷିକୁଲ୍ୟାର ଧାବମାନ ଜଳ ପ୍ରବାହକୁ ଉପଭୋଗ କରିବାରେ ନୈସର୍ଗିକ ସୁଖ ଉପଭୋଗ କରିଥାଏ। ଦୂରବୀକ୍ଷଣ ଯନ୍ତ୍ର ଦର୍ଶନ ପଥରେ ଚକ୍ଷୁ ଭରି ପାରାବାରର ନୀଳିମା ସୁଷମା ଅନୁଭବ ଅନ୍ତର୍ଭୁକ୍ତ କରିବାରେ ସମର୍ଥ ହୋଇଥାଏ । ତଳେ ଜନବସତିର ଦୃଶ୍ୟାବଳୀ ସର୍ବ ସୁଖଦାୟକ କହିବା ବାହୁଲ୍ୟ। ସଂପ୍ରତି ରଜ୍ଜୁପଥରେ ଦର୍ଶକ ଦୋଳିରେ ବସି ଶୂନ୍ୟତା ଭିତରେ ଗତି କରି ପୁଲକ ସଂଚୟ କରେ। ପକ୍କା ସଡ଼କ ରାସ୍ତାରେ ଉପରକୁ ଉଠିବାବେଳେ ବୃକ୍ଷରାଜିର ଶୀତଳ ଛାୟା ସୁଖଦାୟକ।

ତାରାକକ୍ଷ ପୂର୍ଣ୍ଣଗିରି ପାହାଡ଼ ପାଖରେ ରହିଛି ପୁଷ୍ପଗିରି ଖଣ୍ଡଶୈଳ। ଏହା ଏକ ସୁନ୍ଦର ଗୁମ୍ଫା ସହିତ ଶିବ ଆରାଧନା ପୀଠକୁ ନେଇ ଐତିହ୍ୟ ଶୁଣାଇବାକୁ ସତେକି ଦଣ୍ଡାୟମାନ। ସମୟ ଥିଲା ଏହି ଗୁମ୍ଫାରେ ବୌଦ୍ଧଭିକ୍ଷୁମାନେ ସାଧନାରତ ଥିଲେ। ଅହିଂସା ଓ ଶାନ୍ତିର ବାର୍ତ୍ତା ଜନସମାଜକୁ ଦେଉଥିଲେ।

ତାରାକକ୍ଷ ପାହାଡ଼ ଯାହା ପୂର୍ଣ୍ଣଗିରି ଅଥବା ରତ୍ନଗିରି ନାମରେ ଅଭିହିତ ତାହା ଦିନେ ତାରା ତାରିଣୀଙ୍କର ନିବାସସ୍ଥଳୀ ଗୌରବମୟ ଶକ୍ତି ପୀଠ ଥିଲା। ଯିଏ କି କଳିଙ୍ଗ ସମ୍ରାଟ ଭାବରେ ଇତିହାସର ଅନ୍ତରାଳରେ ଲୁଚି ଯାଇଛନ୍ତି- ସେହି କଳିଙ୍ଗ ସମ୍ରାଟଙ୍କ ଆରାଧ୍ୟା ଦେବୀ ଥିଲେ ତାରା ତାରିଣୀ। ରାଜ୍ୟ ଲିପ୍ସୁ ରକ୍ତ ପିପାସୁ ଚଣ୍ଡାଶୋକ ଧଉଳି ପାହାଡ଼ ତଳେ ନୁହେଁ ତାରାକକ୍ଷ ପାହାଡ଼ ପାଦଦେଶରେ ହିଁ ଭୟାବହ କଳିଙ୍ଗ ଯୁଦ୍ଧର ସମ୍ମୁଖୀନ ହୋଇଥିଲେ। ଏହା ଅଧିକ ବିଶ୍ୱସନୀୟ। କାରଣ କଳିଙ୍ଗ ସାମ୍ରାଜ୍ୟର ରାଜଧାନୀ ପାରଳାଖେମୁଣ୍ଡି ନିକଟରେ କଳିଙ୍ଗ ନଗର (ମୁଖଲିଙ୍ଗମ୍) ଠାରେ ଥିଲା।

ସ୍ୱ ମାଟି ସମ୍ମାନାଭିଳାଷୀ କଳିଙ୍ଗବୀରଙ୍କ ରଣହୁଙ୍କାରରେ ରଣକ୍ଷେତ୍ର ଝଲସି ଉଠିଥିଲା। ଆଜି ରଣ ଝଳି ଗାଆଁ ତା'ର ମୂକସାକ୍ଷୀ। ଅସମର୍ଥିତ ଐତିହାସିକ ସ୍ମୃତି ବହନ କରି ଋଷିକୁଲ୍ୟା କୂଳରେ ସ୍ୱରୂପ ପ୍ରକଟ କରୁଛି। ବାଇଶିଶହ ବର୍ଷ ତଳର ଅତୀତକୁ ଟାଣିନେଉଛି ଦର୍ଶକଙ୍କୁ। ସେ ଦିନ ସ୍ୱାଧୀନ କଳିଙ୍ଗବାସୀଙ୍କ ଯୋଦ୍ଧୃପଣ ଏବଂ ଆବାଳବୃଦ୍ଧବନିତାଙ୍କ ସମରକ୍ଷେତ୍ରରେ ଅବତୀର୍ଣ୍ଣ ହେବା ଅତ୍ୟନ୍ତ ବିସ୍ମୟକର ଘଟଣା ଥିଲା। କଳିଙ୍ଗ ସେନାରେ ସାମିଲ ହୋଇଥିଲେ କାଳିଙ୍ଗୀ ବାହିନୀ (କାଳିଞ୍ଜି), ଦଳପତି (ଦଳୁଆ) ଓ ବଳ ଅସି ବାହିନୀ ପରି ପ୍ରସିଦ୍ଧିବହ କଳିଙ୍ଗ ବୀର ସେନାନୀ। ସମସ୍ତଙ୍କର ଲକ୍ଷ୍ୟ ଥିଲା ଏଇ ସ୍ୱାଧୀନ ମାଟିର ସ୍ୱାଭିମାନ ସୁରକ୍ଷା । ଦେଶପ୍ରୀତି ଥିଲା- ଅତୁଳ ଓ ଅନିର୍ବଚନୀୟ। ମଗଧର ବିଶାଳ ସୈନ୍ୟବାହିନୀ ଓ କଳିଙ୍ଗ ସମ୍ରାଟଙ୍କ ଅଦମନୀୟ ସେନାନୀ ଋଷିକୁଲ୍ୟା ତଟସ୍ଥ ରଣଝଳି ଗ୍ରାମର ଉପକଣ୍ଠରେ ଥିବା ବିସ୍ତୃତ ସମର କ୍ଷେତ୍ରରେ ପରସ୍ପର ମୁହାଁମୁହିଁ ହୋଇଥିଲେ। ଆଜି ସେହି ରଣଝଳି ଭୂମିର ରଣ ପ୍ରାଙ୍ଗଣ ଶସ୍ୟ ଶ୍ୟାମଳ ବିଲମାଳରେ ପରିଣତ ହୋଇଛି। ଯୁଦ୍ଧ ବାସ୍ତବିକ ଭୟଙ୍କର ଓ ଐତିହାସିକ ଥିଲା। ଲକ୍ଷାଧିକ ଲୋକ ନିହତ ହେଲେ। ଲକ୍ଷ ଲକ୍ଷ ଆହତ ହେଲେ। ଅଗଣିତ ସୈନ୍ୟ ବନ୍ଦୀ ହେଲେ। ବିଧବାମୟ ହେଲା ରାଜ୍ୟ। ସମୃଦ୍ଧ ବୀର କଳିଙ୍ଗ ଛାରଖାର ହୋଇଗଲା। କିନ୍ତୁ ତାରାକକ୍ଷ ପାହାଡ଼ର ଦହିହାଣ୍ଡି ଶିଖର ଦେଶରୁ କଳିଙ୍ଗ ଯୁଦ୍ଧର ଭୟାବହତା ଓ ବୀଭତ୍ସ ଦୃଶ୍ୟପଟ୍ଟ ସନ୍ଦର୍ଶନରେ ବିସ୍ମିତ ବିବ୍ରତ ଓ ବିଷଣ୍ଣ ହୋଇପଡ଼ିଲେ ମଗଧ ଭୂପତି ଅଶୋକ। ବିଶ୍ୱ ଇତିହାସ ଖ୍ୟାତ ଅଶୋକ। ତାରାକକ୍ଷ (ପୂର୍ଣ୍ଣଗିରି) ପାହାଡ଼ ନିକଟସ୍ଥ ପୁଷ୍ପଗିରି ପାହାଡ଼ରେ ବସି ବିଜନ ମୁହୂର୍ତ୍ତରେ ଅନୁଶୋଚନା କଲେ। ପୁଷ୍ପଗିରିସ୍ଥ ସାଧକ ବୌଦ୍ଧ ତପସ୍ୱୀଙ୍କ ସଂପର୍କରେ ଆସିଲେ। ସବୁଦିନ ପାଇଁ ଅସ୍ତ୍ର ତ୍ୟାଗ କଲେ। ଅହିଂସା ଓ ସତ୍ୟର ବିଜୟ ବାଣୀ ଦୀକ୍ଷା ସ୍ୱରୂପ ନେଇ ଶାନ୍ତିର୍ବଚନର ପ୍ରଚାର ଓ ପ୍ରସାରରେ ମନୋନିବେଶ କଲେ। ଶିଳାତୀର୍ଥ ଖପିଳଙ୍ଗ ଜଉଗଡ଼ ଠାରେ ଲେଖିଗଲେ ସତ୍ୟ ଅହିଂସା କରୁଣା ପ୍ରେମ ମମତା ମୈତ୍ରୀର ମାର୍ମିକ ଆବେଗମୟ ଭାଷା । ପ୍ରଜାଙ୍କ ଲାଗି ମାନବ ଧର୍ମୀୟ ଅନୁଶାସନ ଶିଳା ସନ୍ଦେଶ। ଏବେ ମଧ ଜଉଗଡ଼ ପାହାଡ଼ ପାଷାଣ ପ୍ରାକୃତିକ ପ୍ରାଚୀରରେ ଉପଲବ୍ଧ ଅକ୍ଷତ ଭାବରେ ଅନୁଶାସନାବଳୀ ଦୃଷ୍ଟିଗୋଚର ହୋଇ ବିଶ୍ୱ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ବୀର କଳିଙ୍ଗ ଭୂମିକୁ। ଦେଉଛି ଶୌର୍ଯ୍ୟର ପ୍ରମାଣ, ଶାନ୍ତିର ବାର୍ତ୍ତା । ଦେଉଛି ସହୃଦୟର ପ୍ରଚ୍ଛନ୍ନ ପ୍ରଣାମ।

ନାହାନ୍ତି ଆଜି କଳିଙ୍ଗ ସମ୍ରାଟ। ଫେରିଯାଇଛି ମଗଧାଧିପତି ଧର୍ମାଶୋକର ନୂତନ ପରିଚୟ ନେଇ। କିନ୍ତୁ ରହିଛି ସେହି ତାରାକକ୍ଷ ପାହାଡ଼- ଯେଉଁ ଦହିହାଣ୍ଡି ଶୃଙ୍ଗଭୂମିରେ ଆଜି ତାରାତାରିଣୀ ପୂଜା ପାଆନ୍ତି । ତାରାତାରିଣୀ ମନ୍ଦିର ଏକ ସୁପ୍ରତିଷ୍ଠିତ ଶକ୍ତିପୀଠର ପର୍ଯ୍ୟଟନ ସୁଖଦ କେନ୍ଦ୍ରଭିତ୍ତିକ ଆକର୍ଷଣୀୟ ପରିଚୟ ବହନ କରି ଦୂରରୁ ଦୃଷ୍ଟି ପଥାରୂଢ଼ ହେଉଛି। ଭକ୍ତମାନଙ୍କ ହୃଦୟରେ ଅଟଳ ଓ ଅପାର ଧର୍ମୀୟ ଆସ୍ଥା, ବିଶ୍ୱାସ କେଉଁ କାଳରୁ ଅତୁଟ ହୋଇ ରହି ଆସିଛି।

କଳିଙ୍ଗ ରାଜା କୁଆଡ଼େ ଗଲେ ଇତିହାସ ଜାଣିଲାନି, ମଗଧ ସମ୍ରାଟ ଅଶୋକ ଶାନ୍ତି ବାର୍ତ୍ତା ଆବଣ୍ଟନାର୍ଥେ ନୂତନ ଦିବ୍ୟ ମାର୍ଗ ବାଛିନେଲେ। କିନ୍ତୁ ଏପରି ଜଘନ୍ୟ ପ୍ରଜା ସଂହାର ଦୃଶ୍ୟପଟରେ କଳିଙ୍ଗ ସମ୍ରାଟଙ୍କ ସୀମା ସ୍ଥଳ ଅଧିଷ୍ଠିତା ଆରାଧ୍ୟା ତାରା ତାରିଣୀ ଦେବୀ ନିଜ ସାମ୍ରାଜ୍ୟବାସୀ ଭକ୍ତଙ୍କୁ ରକ୍ଷା କରିନପାରି ଅକଥନୀୟ ଅନୁଶୋଚନାରେ ତାରାକକ୍ଷ ପାହାଡ଼ର ଦହି ହାଣ୍ଡି ଶିଖରରୁ ଅନ୍ତର୍ହିତ ହୋଇ ପଡ଼ିଥିଲେ। ସେହି ଦିନରୁ ଶକ୍ତି ଶୂନ୍ୟ ହୋଇଗଲା ତାରା କକ୍ଷ ପାହାଡ଼। ସେହି ଶିଖର ଦେଶରେ ପୁନଃ ଜଗଜ୍ଜନନୀ ପ୍ରବଳ ଶକ୍ତି ସ୍ୱରୂପିଣୀ ତାରାତାରିଣୀ କେଉଁ ପରିସ୍ଥିତିରେ ସିଂହାସନାରୂଢ଼ା ହେଲେ ଏହି ପରିପ୍ରେକ୍ଷୀରେ ତା'ର ସମ୍ୟକ୍ ବିବରଣୀ ସୁପ୍ରତିଷ୍ଠିତ ଜନଶ୍ରୁତି ଆଧାରରେ ଉପସ୍ଥାପନ ସ୍ୱଳ୍ପ ଶବ୍ଦରେ କରିବାକୁ ଲେଖକ ଉପାଦେୟ ମନେ କରୁଛି।

ଏକଦା ବସୁ ପ୍ରହରାଜା ଅଗ୍ନିଷ୍ଟୋମ ଓ ଶରତ ବାଜପେୟ ଯଜ୍ଞ ମହାସମାରୋହରେ କରିବାକୁ ମନସ୍ଥ କରିଥିଲେ। ଏହି ଯଜ୍ଞ ଏପରି ବ୍ୟୟବହୁଳ ଥିଲା- ଯାହାର ଅନ୍ନ ଯଜ୍ଞ ବିଭାଗର ପରିଚାଳନା ପାଇଁ ଡାଲି ଫୁଟଣକୁ ବାଇଶି ଭରଣ ଜୀରା (ପ୍ରାୟ ପଚାଶ କ୍ୱିଣ୍ଟାଲ୍) ଆବଶ୍ୟକ ପଡ଼ିଥିଲା। ବଦାନ୍ୟ ରାଜନ୍ୟମଣ୍ଡଳୀଙ୍କ ପାଖକୁ ଅନ୍ନବ୍ୟଞ୍ଜନ ପ୍ରସ୍ତୁତି ତାଲିକା ବସୁ ନେଇ ଯେବେ ଯାଆନ୍ତି ସମସ୍ତେ ତଟସ୍ଥ ଓ ଅସମର୍ଥ ହୋଇ ପଡ଼ିଥିଲେ ଦାନ ସହଯୋଗାର୍ଥେ । କାରଣ ଡାଲି ଫୁଟଣର ଜୀରା ପରିମାଣ ଯଦି ଏତେ ଅଧିକ ଅନ୍ୟାନ୍ୟ ଶସ୍ୟ ବସ୍ତୁପୂଜା ଆଦି ଉପକରଣର ଆବଶ୍ୟକତା କଳନାତୀତ ଥିଲା। ପରିଶେଷରେ ଯଜ୍ଞ ଆୟୋଜନ ଲାଗି ସଂକଳ୍ପବଦ୍ଧ ବସୁ ପ୍ରହରାଜ ମାନବ ଉପରେ ଆଶ୍ରୟ ଓ ଆଶା ନ କରି ଈଶ୍ୱରଙ୍କ ଠାରେ ପୂର୍ଣ୍ଣ ବିଶ୍ୱାସ ଓ ଆସ୍ଥା ସାନ୍ତର ସାଦର ରଖି ଯଜ୍ଞକାର୍ଯ୍ୟକୁ ଅନ୍ତତଃ କାୟିକ ମାନସିକ ବାଚନିକ ସମର୍ଥନ ଦେଇ ଯଜ୍ଞସ୍ଥଳରେ ରାଜୋଚିତ ଆଡ଼ମ୍ବର ପଟୁଆରରେ ଉପସ୍ଥିତ ରହିବା ଲାଗି ଅଷ୍ଟଦୁର୍ଗର ଭୂପତିଙ୍କ ସହ ପଡ଼ୋଶୀ ରାଜ୍ୟର ନୃପବରବୃନ୍ଦଙ୍କୁ ନିବେଦନ କଲେ ଏବଂ ନିଜେ ଘୁମୁସରାଧିପତି ଭଞ୍ଜଙ୍କୁ ନିମନ୍ତ୍ରଣ ଦେବାଲାଗି କୁଲାଡ଼ ଗମନ କଲେ। ରାଜବିଧାନୋଚିତ ନିମନ୍ତ୍ରଣ ପ୍ରଦାନ କରି ସ୍ୱଗ୍ରାମ ଖରିଡ଼ା ଜଗନ୍ନାଥପୁର ଶାସନ ଅଭିମୁଖେ ପ୍ରତ୍ୟାବର୍ତ୍ତନ ଯାତ୍ରୀ ହେଲେ । ଆଠଗଡ଼ ଓ ଘୁମୁସର ସୀମାନ୍ତସ୍ଥ ଶୈଳଖଣ୍ଡ ଅରଣ୍ୟାନି ସଂକୁଳ ଦୁର୍ଗମ ପଥରେ ଫେରିବାକୁ ପଡୁଥିଲା । ଅଷ୍ଟଦୁର୍ଗ ମୁଲକର ସୁଖ୍ୟାତ ଅସ୍ତାଚଳ ମନ୍ଦାର ଶିଖରୀମାଳାର ଶିଖର ଦେଶରେ ବିକର୍ତ୍ତନ ବିକର୍ତ୍ତିତ ହୋଇ ଅସ୍ତ ଯାଉଥିଲେ। ଲୋହିତ ମନୋଜ୍ଞ କୋମଳ ରଶ୍ମି ବିଚ୍ଛୁରିତ ହୋଇ ପଡୁଥିଲା - ବୃକ୍ଷଲତା ବେଷ୍ଟିତ ରମଣୀୟ ଅଖଣ୍ଡ ପ୍ରାକୃତିକ ଅଭିରୂପମୟ ନିସର୍ଗ ସଂଗଠିତ ଚିତ୍ରପଟ୍ଟରେ ସହସା ବସୁଙ୍କ ଦୃଷ୍ଟିଗୋଚର ହେଲେ ଶିଳା ଶଯ୍ୟା ଉପରେ ଅଲୌକିକ ରୂପ ମାଧୁରୀ ସଂପନ୍ନା କିଶୋରୀ ଯାମଳ ଭଗିନୀ। ସେମାନଙ୍କ ମୁଖମଣ୍ଡଳରୁ ଅପୂର୍ବ ଜ୍ୟୋତି ନିର୍ଗତ ହେଉଥିଲା । ସେମାନେ ଅତ୍ୟନ୍ତ ସୁପ୍ରସନ୍ନ ଓ ଦେବୀ ସମ ସୁନ୍ଦର ଥିଲେ। ମୁକୁଳିତ କେଶରେ ଭଗିନୀ ଦ୍ୱୟ ଉପବେଶନ କରିଥିଲେ । ବିଜନ ଭୂମିରେ ଏପରି ଅସମୟରେ କନ୍ୟାବେନିଙ୍କୁ ଦେଖି ବିସ୍ମିତ ଓ ଆନନ୍ଦିତ ହୋଇପଡ଼ିଲେ। ସାଥୀରେ ଥିବା କାଲୁ ଭଣ୍ଡାରୀ କେବଳ ସ୍ତମ୍ଭୀଭୂତ ହୋଇ ଚାହିଁ ରହିଥିଲା । ଗୋସାଇଁ ମହାପ୍ରଭୁ ବସୁ ପ୍ରହରାଜଙ୍କ ପ୍ରତିକ୍ରିୟା ଲକ୍ଷ୍ୟ କରୁଥିଲା ।

ବସୁ ପ୍ରଶ୍ନ କଲେ- 'ତୁମେ କିଏ ? ଏହି ନିର୍ଜନ ବେଳାରେ ଏକାକିନୀ କାହିଁକି ବସିଛ ?' କନ୍ୟାଦ୍ୱୟ ଉତ୍ତର ଦେଲେ- 'ଆମେ ତାରାତାରିଣୀ' କୁଲାଡ଼ ରାଜଭବନରେ ଆପଣ ନିମନ୍ତ୍ରଣ ଭଞ୍ଜ ରାଜାଙ୍କୁ ଦେଇଥିଲେ- ଅଗ୍ନିଷ୍ଟୋମ ଓ ଶରତ୍ ବାଜେପେୟ ଯଜ୍ଞ ଦେଖି ଆସିବାକୁ। କଳିଯୁଗରେ ଏପରି ଯଜ୍ଞାନୁଷ୍ଠାନ କରିବାକୁ ଯାଉଛନ୍ତି- ବସୁ ପ୍ରହରାଜ, ଆତ୍ମମନରେ ଆନନ୍ଦ ଓ କୌତୁହଳ ଜାତ ହେଲା । ଆମ୍ଭେ ଆପଣଙ୍କୁ ଅନୁଧାବନ କରି ଆସିଛୁ । କ୍ଳାନ୍ତ ହୋଇ ବସି ପଡ଼ିଥିଲୁ। ଆପଣ ଓ କାଲୁଙ୍କୁ ଦେଖି ଏବେ ସୁଖୀ ହେଲୁ । ଆପଣଙ୍କ ଗୃହକୁ ଯିବାକୁ ବର୍ତ୍ତମାନ ପ୍ରସ୍ତୁତ, ଆମ୍ଭେ ବସୁଙ୍କ ଯଜ୍ଞ ଦେଖିବୁ।'

ବସୁ ପ୍ରହରାଜଙ୍କ ସହ ଆସିଲେ ତାରା ତାରିଣୀ ସେଦିନ ବସୁଗୃହକୁ। ପରମ ଆନନ୍ଦିତ ହୋଇ ପଡ଼ିଥିଲେ ବସୁ ପ୍ରହରାଜ। ସେମାନେ ବସୁଙ୍କୁ ପିତୃତୁଲ୍ୟ ମନେ କରି ବସୁ ଗୃହରେ ଅବସ୍ଥାନ କଲେ।

ପାଳିତା କନ୍ୟା ପରି ତାରା ତାରିଣୀ ଆଦୃତା ହେଲେ। ଲୋକ ଅଗୋଚରରେ ପିତୃ-କନ୍ୟା ସମ୍ବନ୍ଧ ନିବିଡ଼ ହୋଇ ପଡ଼ିଥିଲା। ସେମାନେ କନ୍ୟା ପରି ଯାତାୟତ କରୁଥିଲେ। ଅସ୍ୱାଭାବିକତା କିଛି ନଥିଲା। ଆଶ୍ଚର୍ଯ୍ୟର କଥା ତାରାତାରିଣୀଙ୍କ ଉପସ୍ଥିତିରେ ବସୁଙ୍କ ଯଜ୍ଞ ଅନୁଷ୍ଠାନ ସଂକଳ୍ପ କାର୍ଯ୍ୟକାରୀ ହେବାରେ ଆଦୌ ବାଧା ରହିଲା ନାହିଁ। ଅନିଶ୍ଚିତତା ଓ ଆଶଙ୍କା ବସୁ ହୃଦୟରୁ ଆପେ ଦୂରୀଭୂତ ହେଲା। ପଦାର୍ଥ ଉପକରଣ ଗୃହ ଆପେ ଆପେ ପୂର୍ଣ୍ଣ ହୋଇଗଲା।

ଅଗ୍ନିଷ୍ଟୋମ ଓ ଶରତ ବାଜପେୟ ଉଭୟ ଯଜ୍ଞ ମହାସମାରୋହରେ ଯାବତୀୟ ବିଧି ବିଧାନ ମଧ୍ୟରେ ସମାହିତ ହେଲା। ନିର୍ବିଘ୍ନରେ ଯଜ୍ଞାନୁଷ୍ଠାନ ଶେଷ କରିଥିଲେ। ସଂଖ୍ୟାତୀତ ଶ୍ରଦ୍ଧାଳୁ ଜନତା ଅହୋରାତ୍ରି ଯଜ୍ଞ ପ୍ରସାଦ ଭୋଜନ କରି ତୃପ୍ତ ହୋଇ ଫେରି ଯାଉଥିଲେ। ଯାଚକମାନେ ଯାଚନା କରିବା ମାତ୍ରକେ ପୂର୍ଣ୍ଣକରରେ ଫେରି ଯାଉଥିଲେ। ସର୍ବସ୍ୱ ଦାନ କରିବାକୁ ଲାଗିଥିଲେ ବସୁ ପ୍ରହରାଜ। ଗଜପତି ରାଜା ପୁରୁଷୋତ୍ତମ ଦେବଙ୍କ ଠାରୁ ଆରମ୍ଭ କରି ଆଠଗଡ଼, ଧରାକୋଟ, ଖଲ୍ଲିକୋଟ ଘୁମୁସର ଇତ୍ୟାଦି ସେତେବେଳର ଦକ୍ଷିଣ ଓଡ଼ିଶାର ଅଠର ଗଡ଼ର ରାଜାମାନେ ସେହି ଯଜ୍ଞରେ ଉପସ୍ଥିତ ଥିବାର କପିଳେଶ୍ୱର ରଚନାବଳୀରୁ ଜଣାଯାଏ । ଶରତ ବାଜପେୟ ଯଜ୍ଞ ପୀଠରେ ବର୍ତ୍ତମାନ ଜଗନ୍ନାଥ ମୂର୍ତ୍ତି ଯଜ୍ଞନାରାୟଣ ବିଜେ କରିଥିବା ଓ ଅଗ୍ନିଷ୍ଟୋମ ପୀଠରେ କୂପ ପ୍ରତିଷ୍ଠିତ ହେବା ଏବଂ ଉଭୟ ପବିତ୍ର ପୀଠରେ ବସୁଙ୍କ ବଂଶଧରମାନେ ଅଧିବାସୀ ହୋଇ ବାସ କରୁଥିବା ତଥ୍ୟ ଉକ୍ତ ରଚନାବଳୀରେ ଉଲ୍ଲେଖ ରହିଛି।

ଏହି ଅସାଧାରଣ ଯଜ୍ଞରେ ଦିନେ ସ୍ୱୟଂ ନାରାୟଣ କ୍ଷୁଧାର୍ତ୍ତ ବ୍ରାହ୍ମଣ ବେଶ ଧାରଣ କରି ଉପସ୍ଥିତ ହୋଇଥିଲେ। ବ୍ରାହ୍ମଣଙ୍କର ଭିକ୍ଷା ଥିଲା ଏକ ଗୁଆରସ କଳସୀ। ବସୁ ବ୍ରାହ୍ମଣଙ୍କୁ ଅନ୍ୟ କିଛି ଖାଦ୍ୟ ବ୍ୟଞ୍ଜନ ଭୋଜନ ଲାଗି ମାଗିବାକୁ କହିଥିଲେ ହେଁ ବ୍ରାହ୍ମଣଙ୍କର ଜିଦ୍ ଥିଲା ଏକ ପୂର୍ଣ୍ଣ ଗୁଆରସ କଳସୀ । ସେ ବସୁଙ୍କୁ କହିଥିଲେ ଗୁଆରସ ବ୍ୟତୀତ ସେ କିଛି ଭୋଜନ କରନ୍ତି ନାହିଁ। କାଳବିଳମ୍ବ ନକରି ଗୁଆରସ ଭେଜାନ ଦେବାର ବ୍ୟବସ୍ଥା ହେଉ- ନୋଚେତ୍ ସେ ଭୋକରେ ବସୁ ଯଜ୍ଞ ଶାଳାରୁ ଫେରିଯିବେ। ଚିନ୍ତାରେ ପଡ଼ିଯାଇଥିଲେ ବସୁ ପ୍ରହରାଜ। ବ୍ରାହ୍ମଣଙ୍କ ଗୁଆରସ ଭୋଜନ ଅଭିଳାଷ ପୂର୍ଣ୍ଣ କରିବାକୁ ହେଲେ ଯଥେଷ୍ଟ ଗୁଆ ସଂଗ୍ରହ କରିବାକୁ ହେବ। ଗୁଆ ପରି କଠିନ ବସ୍ତୁରୁ ରସ ଆହରଣ ହେବ ବା କିପରି ? ପୁଣି ଏକ ପୂର୍ଣ୍ଣ କଳସ ଗୁଆରସର ଆବଶ୍ୟକତା, ସ୍ୱ କାର୍ଯ୍ୟାଳୟରେ ମଥାବନତ କରି ବସିପଡ଼ିଲେ ବସୁ ପ୍ରହରାଜ । ଏପରି ଧର୍ମସଂକଟ ସମୟରେ ତାରା ତାରିଣୀ ନିର୍ଜନ ପ୍ରକୋଷ୍ଠରେ ପିତା ବସୁଙ୍କ ପାଖରେ ଉପସ୍ଥିତ ହୋଇ ଚିନ୍ତାର କାରଣ ବୋଧ କଲେ। ଯାଚକ ଗୁଆରସ ଭୋଜନ ନ କରି ଫେରିଗଲେ ଯଜ୍ଞ ଫଳ ଶୂନ୍ୟ ହୋଇପଡ଼ିବ କହିଲେ- ବସୁ ପ୍ରହରାଜ। କିନ୍ତୁ ତାରା ତାରିଣୀ ରୋଷେଇ ଘରେ ଏକ ପୂର୍ଣ୍ଣ ଗୁଆରସ କଳସୀ ମହଜୁଦ ଥିବା କଥା ଶୁଣାଇ କରି ରୋଷେଇ ଘରେ ପୂର୍ଣ୍ଣ ଗୁଆରସ କଳସୀକୁ ଆବିଷ୍କାର କଲେ ଓ ତତ୍‌କ୍ଷଣାତ୍ ବ୍ରାହ୍ମଣଙ୍କୁ ଭେଜାନ ଲାଗି ପରିବେଷଣ ନିଜେ କରିଥିଲେ। ଚମତ୍କାର ଦୃଶ୍ୟ ଦେଖିବାକୁ ପାଇଥିଲେ ବସୁ ପ୍ରହରାଜ। ବ୍ରାହ୍ମଣଙ୍କ ସ୍ଥାନରେ ସ୍ୱୟଂ ନାରାୟଣ ଠିଆ ହୋଇ ଆଶୀର୍ବଚନ ଶୁଣାଇ ଯଜ୍ଞ ସାଫଲ୍ୟ ଘୋଷଣା କରିଥିଲେ । ବସୁ ଓ ନାରାୟଣଙ୍କ ଭେଟ ଅତ୍ୟନ୍ତ ରୋମାଞ୍ଚକର ଥିଲା।

ଯଜ୍ଞ ଶେଷରେ ଘର ଝିଅମାନେ ସେମାନଙ୍କ ପତି ଗୃହକୁ ପ୍ରତ୍ୟାବର୍ତ୍ତନ ଲାଗି ପ୍ରସ୍ତୁତ ହେଲେ। ବସୁ କାଚରାଙ୍କୁ ଡକାଇ ପଠାଇଲେ। ସମସ୍ତ ଝିଅ ଓ ବୋହୂଙ୍କୁ କାଚରା କାଚ ପିନ୍ଧାଇଲା। କାଚରା କାଚର ପଇସା ପୈଠ ନେଲାବେଳେ ହିସାବରେ ଚାରି ମୁଠା ଅଧିକ ଦାବି କଲା। ମାତ୍ର କାଠ ପିନ୍ଧିଥିବା ସ୍ତ୍ରୀମାନଙ୍କର ସଂଖ୍ୟା ବାରମ୍ବାର ଗଣନା କଲା ସମୟରେ ଦୁଇଜଣଙ୍କ କାଚ ଅଧିକ ଆସିବା କଥା ଜଣାପଡ଼ିଲା- କାଚରାର ଦାବି ଅନୁସାରେ ଆଉ କାହାକୁ ଅଧିକ ପିନ୍ଧାଇଲା ବୋଲି ଅନୁସନ୍ଧାନ ଚାଲିଲା। ବସୁ ଠାକୁର ଘର କବାଟ ଖୋଲିଲେ। ଦୁଇ ଭଉଣୀ ତାରା ତାରିଣୀ ସୁନ୍ଦର ପଞ୍ଚୁବର୍ଣ୍ଣୀ ଚାରିମୁଠା କାଚ ପିନ୍ଧି ବସିଛନ୍ତି ଓ ହସୁଛନ୍ତି। ତାରା ତାରିଣୀ ପିତା ବସୁ ପ୍ରହରାଜଙ୍କୁ ପ୍ରଶ୍ନ କରିଥିଲେ- "ସବୁ ଝିଅ ବୋହୂ ସମସ୍ତ ସ୍ତ୍ରୀ ଲୋକ କାଚ ପିନ୍ଧିଲେ- ଆମ୍ଭେ ଆପଣଙ୍କର ଝିଅ। ଆମ୍ଭେ କାଚ ନ ପିନ୍ଧିବୁ କିପରି । ଆପଣ ଘରର ସବୁ ଝିଅଙ୍କୁ ଯେପରି ସମ୍ମାନ ସସମ୍ଭାରେ ପତି ଗୃହକୁ ବିଦାୟ ଦେବେ ଆମ୍ଭର ବିଦାୟ ବ୍ୟବସ୍ଥା ଆପଣ କରନ୍ତୁ ।" ବସୁ ପ୍ରଶ୍ନ କଲେ- ତୁମ୍ଭେ ଯିବ କେଉଁଠିକି ?

ତାରା ତାରିଣୀ ଉତ୍ତର ଦେଲେ- ଋଷିକୁଲ୍ୟାର ଦକ୍ଷିଣ ତୀରରେ ଅବସ୍ଥିତ ତାରାକକ୍ଷ ପାହାଡ଼। ମୁଁ ତାରା ବହୁଦିନ ହେଲା ମୋହର ପୀଠ ଛାଡ଼ି ଚାଲିଯାଇଥିଲି। ଦହିହାଣ୍ଡି ଶୃଙ୍ଗରେ ମୋହର ଆସ୍ଥାନ ଶୂନ୍ୟପଡ଼ିଛି - ମୋର ଏ ଭଉଣୀ ତାରିଣୀ ସହ ଚିରଦିନ ପାଇଁ ତାରାକକ୍ଷ ପାହାଡ଼ରେ ରହିବି। ତାରା ତାରିଣୀ ନାମରେ ଆମ୍ଭେ ବିଖ୍ୟାତ ହେବୁ କାଳ କାଳକୁ। ଆପଣ ବସୁ ପ୍ରହରାଜ ଆମ୍ଭର ପିତା ଭାବେ ଜନ ଜଗତରେ ସ୍ମରଣୀୟ ହୋଇ ରହିବେ।

ତାରା ତାରିଣୀଙ୍କ ଇଚ୍ଛା ପୂର୍ଣ୍ଣ କଲେ ବସୁ ପ୍ରହରାଜ। କନ୍ୟା ତାରା ତାରିଣୀ ଶିଳା ମୂର୍ତ୍ତିରେ ବସୁଙ୍କ ଦିଅଁ ଘରେ ରୂପାନ୍ତରିତ ହୋଇଯାଇଥିଲେ। ବସୁ, କନ୍ୟାଙ୍କ ବିଦାୟ ଉତ୍ସବ ଆୟୋଜନ କଲେ। ଘଣ୍ଟ, ମୃଦଙ୍ଗ, ମର୍ଦ୍ଦଳ, କାହାଳୀ, ତୂରୀ ବାଜି ଉଠିଲା। ଲଳନାଙ୍କ କଣ୍ଠ ହୁଳହୁଳି ଶୁଭଧ୍ୱନିରେ ନିନାଦିତ ହେଲା ଖରିଡ଼ା ଧରଣୀ। ବିଶାଳ ଶୋଭାଯାତ୍ରା, ତାରା ତାରିଣୀଙ୍କର ଆରମ୍ଭ ହେଲା ଚୈତ୍ର ମାସ ପ୍ରଥମ ମଙ୍ଗଳବାର ଦିନ, ମୁଣ୍ଡମୟ ଦେଖାଗଲା ଚତୁର୍ଦ୍ଦିଗ। ଲୋକ ଅରଣ୍ୟ ହୋଇ ଉଠିଲା ତାରାକକ୍ଷ ପାହାଡ଼ ଆଡ଼କୁ ଲମ୍ବି ଯାଇଥିବା ରାସ୍ତା। ବସୁ ନିଜେ ତାରା ତାରିଣୀଙ୍କୁ ତାରାକକ୍ଷ ପାହାଡ଼ରେ ଦହିହାଣ୍ଡି ଶୃଙ୍ଗରେ ଆସୀନ କରାଇଲେ- ମନ୍ତ୍ର ଧ୍ୱନିର ପବିତ୍ର ଉଚ୍ଚାରଣରେ, ତାରାତାରିଣୀ ମା' ରୂପେ ସବୁଦିନ ପାଇଁ ବିଜେ ହୋଇ ତାରାକକ୍ଷ ପାହାଡ଼ରେ ରହିଲେ। ବସୁ କନ୍ୟାଙ୍କୁ ଯଥା ପୂଜା ଆରାଧନା ମଧ୍ୟରେ ସ୍ଥାପନ କରି ଖରିଡ଼ା ସ୍ୱଗୃହକୁ ଫେରିଲେ। ସେହିଦିନ ଠାରୁ ବସୁଙ୍କର ଘର ସ୍ତ୍ରୀ ମାନେ ପଞ୍ଚୁବର୍ଣ୍ଣୀ କାଚ ନ ପିନ୍ଧି ଶୁକ୍ଳ ଟୋପା ଥିବା କଳା କାଚ ପିନ୍ଧିବାର ପରମ୍ପରା ଗ୍ରହଣ କଲେ।

ବସୁ ପ୍ରହରାଜ ଅଭୂତପୂର୍ବ ଯଜ୍ଞ ଅନୁଷ୍ଠାନ ସଂଗଠନରେ ସାଫଲ୍ୟ ଅର୍ଜନ ସକାଶେ ଦେବୀଙ୍କ ପାଖରେ ଯେଉଁ ପ୍ରଚ୍ଛନ୍ନ ଆଶାପୋଷଣ କରିଥିଲେ, ଫଳତଃ ନବ ବିଦ୍ୟୁ ଆଭା ଲକ୍ଷ୍ମୀ ସଦୃଶା ବେନି ଭଗିନୀଙ୍କର ଦର୍ଶନ ନେଇ ସ୍ତମ୍ଭୀଭୂତ ହୋଇଯାଇଥିଲେ। ସେମାନେ ହିଁ ଲକ୍ଷ୍ମୀ ରୂପରେ ଅଜାଡ଼ି ଦେଇଥିଲେ ଅଯାଚିତ ଐଶ୍ୱର୍ଯ୍ୟ ଡାଲି ଫୁଟଣ ଲାଗି ଆବଶ୍ୟକ ଥିବା ବାଇଶି ଭରଣ ଜୀରା ସହ ସମସ୍ତ ଉପାଦାନ ଓ ଉପକରଣ ଯଜ୍ଞ ଭଣ୍ଡାର ଶାଳାରେ ଭର୍ତ୍ତି କରୁଥିଲେ ତାରା ତାରିଣୀ।

ପୁରାଣ କଥା ଅନୁସାରେ ସତୀ ଦକ୍ଷ ଯଜ୍ଞରେ ଆତ୍ମାହୂତି ଦେଇଥିବା ବେଳେ ଶିବଙ୍କ କରରେ ବିଖଣ୍ଡିତ ହୋଇ ସ୍ତନ ଋଷିକୁଲ୍ୟା କୂଳ ତାରାକକ୍ଷ ପାହାଡ଼ର ଦହିହାଣ୍ଡି ଶିଖରେ ପଡ଼ିଥିଲା । ସ୍ତନପୀଠ ଭାବରେ ଏହି ପୀଠ ପରିଚିତ। ସ୍ତନ ଦ୍ୱୟ ତାରାତାରିଣୀ ଭାବରେ ପ୍ରକଟିତ। ଲୋକ ମୁଖରେ ତାରାତାରିଣୀଙ୍କ ସମ୍ବନ୍ଧରେ ଶୁଣାଯାଉଛି ଯେ ଥରେ ବଶିଷ୍ଠ ମୁନି ସ୍ତନ ପୀଠରେ ତାରାତାରିଣୀଙ୍କୁ ଆରାଧନା କରି ଅଭୀଷ୍ଟ ପୂରଣ କରିବାରେ ଅକ୍ଷମ ହୋଇଥିଲେ ଓ ସ୍ତନ ପୀଠ ଗୌରବ ନେଇ ଅହଂକାରିଣୀ ବୋଲି ଭର୍ତ୍ସନା କରି ଅଭିଶାପ ଦେଇଥିଲେ ଅପୂଜା ରହିବା ପାଇଁ। ତାରାତାରିଣୀଙ୍କ ଆବିର୍ଭାବ ଓ ବିନୟ ବଚନରେ ଶାପ ମୋଚନର ସୂଚନା ଦେଇଥିଲେ। "ବ୍ରାହ୍ମଣ କୂଳରେ ବସୁ ପ୍ରହରାଜ ଜନ୍ମ ନେବେ ଓ ତାରାତାରିଣୀ ତାଙ୍କର କନ୍ୟା ଭାବରେ ପାଳିତ ହେବେ। ବସୁ ପ୍ରହରାଜ ହିଁ ତାରା ତାରିଣୀଙ୍କୁ ପ୍ରତିଷ୍ଠିତ କରାଇ ଅପୂଜ୍ୟା ଦୋଷରୁ ମୁକ୍ତ କରି ଜଗତ ପୂଜ୍ୟ କରାଇବେ- ଦହି ହାଣ୍ଡି ପାହାଡ଼ ଶୃଙ୍ଗରେ।"

ନରସିଂହ ମାଠଙ୍କ ରଘୁନାଥ କୀର୍ତ୍ତନରେ ଲେଖାଅଛି- ମହୀରାବଣ ରାମ ଲକ୍ଷ୍ମଣଙ୍କୁ ପାତାଳକୁ ଅପହରଣ କରି ନେଲା । ସୀତା ଏହି ବାର୍ତ୍ତା ଅସୁରୀମାନଙ୍କ ଠାରୁ ପାଇ ଅତି ଶୋକରେ ଅଶୋକବନରେ ରୋଦନ କଲେ । ସୀତାଙ୍କ ବେନି ଅଶ୍ରୁ ବିନ୍ଦୁରୁ ବେନି ଚଣ୍ଡୀ ଭୀଷଣ ରୂପ ବହନ କରି ଆବିର୍ଭୂତ ହେଲେ। ରାମ ଲକ୍ଷ୍ମଣଙ୍କୁ ଉଦ୍ଧାର କଲେ। ବିଂଶବାହୁ ସବଂଶ ବିନଷ୍ଟ ହେଲେ। ଲଙ୍କା ବିଜୟ ରାଘବ କଲେ। ସୀତା ଲଙ୍କା ବିଜୟ ପରେ ବେନି ଚଣ୍ଡୀ ଦେବୀଙ୍କୁ ଋଷିକୁଲ୍ୟା ନଦୀ ତୀରସ୍ଥ ତାରାକକ୍ଷ ପାହାଡ଼ର ଦଧିହାଣ୍ଡି ଶୃଙ୍ଗରେ ସଂସ୍ଥାପିତ କରାଇଥିଲେ। ସେହି ଦେବୀଦ୍ୱୟ ସଂକଟ ତାରିଣୀ ତାରା ତାରିଣୀ ନାମରେ ଖ୍ୟାତି ବହନ କରି ଗଞ୍ଜାମରେ ରାମାୟଣ ସମୟରୁ ପୂଜା ପାଇ ଆସୁଛନ୍ତି । କବି ନରସିଂହ ମାଠଙ୍କ ଭାଷାରେ-

"ହୋଇଲା ମୋର ଦୁଃଖ ଲୋତକୁ ଜନ୍ମ ତୁମ
ଦେଲଇ ତୋଷେ ହେ ତାରା ତାରିଣୀ ନାମ,
ରଖିଲ ସ୍ୱାମୀଙ୍କୁ ମୋ ସଙ୍କଟ ତାରି ଦେଲେ,
ସଙ୍କଟ ତାରିଣୀ ତୁମ୍ଭେ ବୋଲାଅ କାଳେ
କାଳେ।"

ସେହି ତାରା ତାରିଣୀ ହିଁ ଆଜି ତାରାକକ୍ଷ ପାହାଡ଼ ଶିଖର ସ୍ଥଳରେ ଭକ୍ତାଭୀଷ୍ଟ ପୂର୍ଣ୍ଣ କରି ଚାଲିଛନ୍ତି- ଚାରିଶହ ବର୍ଷର ଇତିହାସ ନେଇ। କି ଶିକ୍ଷିତ, କି ଅଶିକ୍ଷିତ ସମସ୍ତେ କଥିତ ଅଞ୍ଚଳରେ ମାଆଙ୍କ କରୁଣା ଆଶ୍ରୟ ଓ ଅଭୀଷ୍ଟ ପୂରଣ ଆଶାୟୀ। ଆଜି ତାରାତାରିଣୀ ପୀଠର ଅନେକ ଉନ୍ନତି ସାଧିତ ହୋଇଚାଲିଛି- ଉନ୍ନୟନ ପରିଷଦଙ୍କ ଉନ୍ନତ ପରିଚାଳନାରେ- ଦୂରଦୃଷ୍ଟି ସଂପନ୍ନ ମହାନ୍ ସଂଗଠନରେ, ପ୍ରଶାସନର ସହଯୋଗ ହାତ ମଧ ଲମ୍ବିଛି ମା'ଙ୍କ ପୀଠର ଉନ୍ନତିକରଣରେ। ଗଣମାଧ୍ୟମ ବନ୍ଧୁଗଣ ମାଆଙ୍କ ମହିମା ଓ ପୀଠର ଆକର୍ଷଣ ବିଶେଷତ୍ୱ ବର୍ଣ୍ଣନା କରିଚାଲିଛନ୍ତି ସ୍ୱ ସ୍ୱ କ୍ଷମତା ପରିସରରେ।

ଏକଦା ପୁରୁଷୋତ୍ତମପୁର ଥାନା ଅଧିକାରୀ ଅଭିମନ୍ୟୁ ପ୍ରଧାନ ପାଦରୁ ଶିଖଯାଏଁ ପକ୍କା ପିଚୁ ରାସ୍ତା, କଳ ପାନୀୟ ଜଳ ଯୋଗାଣ ଓ ବିଦ୍ୟୁତ୍ ବ୍ୟବସ୍ଥା କରି ସ୍ମରଣୀୟ ଅଛନ୍ତି। ଭକ୍ତ ଶିରୋମଣି ଚିଟି ରାମେୟା ନ ଶହ ଅନେଶ୍ୱତ ପାବଚ୍ଛ ତାରାତାରିଣୀଙ୍କ ଇଚ୍ଛା ଓ ଆଶୀର୍ବାଦରେ ନିର୍ମାଣ କରିଥିବା କଥା ଜନଶ୍ରୁତିରେ ରହିଛି।

ତାରାତାରିଣୀ ପୀଠ କେବଳ ଏକ ଆଧ୍ୟାତ୍ମିକ ଆକର୍ଷଣ ବିଭବର ପୀଠ ନୁହେଁ- ଏହାର ପ୍ରାକୃତିକ ଦୃଶ୍ୟ ବହୁଳ ସଂସ୍ଥିତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସର୍ବ ଯୋଗ୍ୟତା ସଂପନ୍ନ ପ୍ରକୃଷ୍ଟ କ୍ଷେତ୍ର । ଆର୍ଥିକ ସ୍ଥିତି ସୁଧାରିବାରେ ପର୍ଯ୍ୟଟନ ଶିଳ୍ପକୁ ପ୍ରାଧାନ୍ୟ ଓ ମାନ୍ୟତା ଦିଆଯାଉଥିବା ସ୍ଥଳେ ଏହାକୁ ପର୍ଯ୍ୟଟନ କ୍ଷେତ୍ର ଘୋଷଣାରେ ସ୍ଥାନୀୟ ଜନସାଧାରଣଙ୍କ ଅର୍ଥ ସ୍ୱଚ୍ଛଳତା ରକ୍ଷାରେ ତାରାତାରିଣୀ ପୀଠ ଯେ ସହାୟକ ହେବ ଏହା କହିବା ବାହୁଲ୍ୟ ମାତ୍ର। ବର୍ତ୍ତମାନ ତାରାତାରିଣୀଙ୍କ ନବନିର୍ମିତ ସୁଦୃଶ୍ୟ ଭବ୍ୟ ମନ୍ଦିର ଭକ୍ତମାନଙ୍କୁ ଦୂରଦୂରାନ୍ତରୁ ଆକର୍ଷିତ କରୁଛି । ଏହି ପୀଠର ଅଦ୍ଭୁତ ଉନ୍ନତି ଦର୍ଶନରେ ପ୍ରାଣ ଉଲ୍ଲସିତ ହୋଇ ଉଠୁଛି- ଦ୍ରୁମ ବହୁଳ ବଙ୍କିଳ ଉନ୍ନତ ପଥରେ ବାରବାର ଯିବାକୁ ଜନମନ ବ୍ୟାକୁଳ ହେଉଛି।

*ଲୁଣିଘାଟୀ, ଗୋପୀନାଥପୁର ଶାସନ*
*ପୋଲସରା, ଗଞ୍ଜାମ*
*ଦୂରଭାଷ : ୮୭୬୩୪୭୪୩୮୮*










# ୨୦ରୁ ରାଷ୍ଟ୍ରପତିଙ୍କ ୨ ଦିନିଆ ଓଡ଼ିଶା ଗସ୍ତ

**ନୂଆଦିଲ୍ଲୀ :** ଚଳିତ ନଭେମ୍ବର ୨୦ ଓ ୨୧ ତାରିଖ ଦୁଇ ଦିନିଆ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ସେ ନିଜ ଜିଲା ତଥା ଜନ୍ମମାଟି ଓ କର୍ମଭୂମି ରାଇରଙ୍ଗପୁରକୁ ଦ୍ୱିତୀୟ ଥର ଗସ୍ତରେ ଆସୁଛନ୍ତି । ଯଦିଓ ରାଷ୍ଟ୍ରପତି ଭବନରୁ ଜିଲା ପ୍ରଶାସନକୁ ଏନେଇ ଅଦ୍ୟାବଧି କୌଣସି ବିଦ୍ଧିବଦ୍ଧ ସୂଚନା ଆସିନାହିଁ, ତଥାପି ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ ଓ ରାଜ୍ୟ ବିଜେପି ସମ୍ପାଦକ ନବୀନ କୁମାର ରାମ ଏଭଳି ଗସ୍ତ ନେଇ ସୂଚନା ଦେଇଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ରାଷ୍ଟ୍ରପତି ଆସନ୍ତା ୨୦ ତାରିଖରେ ପ୍ରଥମେ ବାରିପଦାରେ ପହଞ୍ଚି ସାନ୍ତାଳୀ ରାଇଟର୍ସ ଏସୋସିଏସନର ଏକ ସ୍ୱତନ୍ତ୍ର ସମ୍ମିଳନୀ ଓ କାର୍ଯ୍ୟକ୍ରମରେ ଯୋଗଦେବେ । ସେଠାରୁ ହେଲିକପ୍ଟର ଯୋଗେ ରାଇରଙ୍ଗପୁରରେ ପହଞ୍ଚିବେ । ରାଇରଙ୍ଗପୁରରେ ସ୍ଥାନୀୟ ଲୋକଙ୍କୁ ଭେଟିବେ ଓ ରାତ୍ରି ଯାପନ କରିବେ । ୨୧ ସକାଳେ ଶ୍ରୀମତୀ ମୁର୍ମୁ ବାଦାମପାହାଡ ଗସ୍ତରେ ଯିବେ । ପୂର୍ବରୁ ପୂଜା ଭେଟି ସ୍ୱରୂପ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବାଦାମପାହାଡରୁ ଶାଲିମାର, ବାଦାମପାହାଡରୁ ରାଉରକେଲା ସାପ୍ତାହିକ ଏକ୍ସପ୍ରେସ ଟ୍ରେନ୍ ଓ ବାଦାମପାହାଡରୁ ଟାଟାନଗର ଦୈନିକ ଟ୍ରେନ (ରବିବାର




ବ୍ୟତୀତ)ର ଚଳାଚଳ ନେଇ ଘୋଷଣା କରିଥିଲେ । ଏହି ଗସ୍ତ ସମୟରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବାଦାମପାହାଡରେ ରେଳ ମନ୍ତ୍ରଣାଳୟ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବେ । ଏଥିପାଇଁ ଦକ୍ଷିଣ ପୂର୍ବ ରେଳ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ସେହିପରି ତାଙ୍କ ଦ୍ୱାରା ସ୍ଥାପିତ ଏସଏଲଏସ ଟ୍ରଷ୍ଟ ଆବାସିକ ବିଦ୍ୟାଳୟ ନିକଟରେ ଥିବା ଏଲଏଣ୍ଡଟି କମ୍ପାନୀ ସ୍ଥାପିତ ଦକ୍ଷତା ବିକାଶ କେନ୍ଦ୍ରକୁ ଆଭାସୀ ଜରିଆରେ ଲୋକାର୍ପଣ କରାଯିବ । ଏହାବ୍ୟତୀତ ରାଇରଙ୍ଗପୁର ମୁଖ୍ୟ ଡାକଘର ଏବେ ଜିଲା ବା ଡିଭିଜନାଲ ମୁଖ୍ୟ ଡାକ କାର୍ଯ୍ୟାଳୟ ହେବାର ସୂଚନା ମିଳିଛି । ଏହାକୁ ମଧ୍ୟ ବାଦାମପାହାଡରେ ରେଳବାଇ ବିଭାଗର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଭାସୀରେ ରାଷ୍ଟ୍ରପତି ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଛି । ସେଥିପାଇଁ ରାଇରଙ୍ଗପୁର ମୁଖ୍ୟ ଡାକଘରେ ଏବେ ଯୁଦ୍ଧକାଳୀନ ଭିତ୍ତିରେ ବ୍ୟାପକ ପୁନରୁଦ୍ଧାର, ଉନ୍ନତିକରଣ ଓ ମରାମତି ଆରମ୍ଭ ହୋଇଛି । ସ୍ୱାଧୀନତାର ୭୫ବର୍ଷ ପରେ ଆଦିବାସୀ ଅଧ୍ୟୁଷିତ ବାମନଘାଟୀ ଉପଖଣ୍ଡର ବାଦାମପାହାଡ ଷ୍ଟେସନରୁ ସାଲିମାର (କୋଲକାତା) ଓ ଶିଳ୍ପ ନଗରୀ ରାଉରକେଲାକୁ ସାପ୍ତାହିକ ଏକ୍ସପ୍ରେସ ଟ୍ରେନ ତଥା ଟାଟାନଗରକୁ ତୃତୀୟ ଯାତ୍ରୀବାହୀ ଟ୍ରେନ ଚାଲିବା ନେଇ ଅଞ୍ଚଳବାସୀ ଉତ୍ସାହିତ ହୋଇପଡିଛନ୍ତି । ବାଦାମପାହାଡ ଠାରେ କାର୍ଯ୍ୟକ୍ରମ ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସମ୍ବଲପୁର ଅଭିମୁଖେ ପ୍ରସ୍ଥାନ କରିବାର ସୂଚନା ମିଳିଛି ।

# ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ହେବେ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ



**କଟକ :** ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଚକ୍ରଧାରୀ ଶରନ ସିଂଙ୍କୁ ନିଯୁକ୍ତି ଦେବା ନିମନ୍ତେ ସୁପ୍ରିମକୋର୍ଟ କଲେଜିୟମ ଆଜି ସୁପାରିଶ କରିଛନ୍ତି । ଜଷ୍ଟିସ ଶୁଭାଶୀଷ ତାଳପତ୍ରଙ୍କ ଅବସର ପରେ ଅକ୍ଟୋବର ୩ରୁ ଓଡ଼ିଶା ମୁଖ୍ୟ ବିଚାରପତି ପଦ ଖାଲି ପଡ଼ିଛି । ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ସଞ୍ଜୟ କିଶାନ କୌଶଲ ଓ ଜଷ୍ଟିସ ସଞ୍ଜିବ ଖାନ୍ନାଙ୍କୁ ନେଇ ଗଠିତ କଲେଜିୟମ ଆଜି ପାଟନା ହାଇକୋର୍ଟର ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରନ ସିଂଙ୍କୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦେବା ପାଇଁ ସୁପାରିଶ କରିଛନ୍ତି । ୧୯୬୩ ଜାନୁଆରୀ ୨୦ତାରିଖରେ ଜନ୍ମିତ ୬୦ବର୍ଷୀୟ ଜଷ୍ଟିସ ଶରନ ସିଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିବା ପରେ ୧୯୯୦ ଜାନୁୟାରୀ ମାସରେ ପାଟନା ହାଇକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ । ବିହାର ସରକାରଙ୍କ ଅତିରିକ୍ତ ଆଡଭୋକେଟ୍ ଜେନେରାଲ ଭାବେ ସେ ୨୨ବର୍ଷ ଧରି କାର୍ଯ୍ୟ କରିଛନ୍ତି । ୨୦୧୨ ଏପ୍ରିଲ ୫ତାରିଖରେ ସେ ପାଟନା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ପାଟନା ହାଇକୋର୍ଟ ବିଚାରପତି ଭାବେ ଦୀର୍ଘ ୧୧ବର୍ଷ ମଧ୍ୟରେ ସେ ମୋଟ ୧୨୪୬ଟି ମାମଲାର ଶୁଣାଣି କରି ରାୟ ଦେଇଛନ୍ତି । ଏଥିରେ ବିଗତ ୫ବର୍ଷ ମଧ୍ୟରେ ୫୬୨ଟି ରାୟ ପ୍ରଦାନ କରିଛନ୍ତି । ତାଙ୍କର ଉଚ୍ଚଶୈଳୀର ପେଷାଦାର ନୀତି-ଆଦର୍ଶ,ସତ୍ୟନିଷ୍ଠ ଓ ପ୍ରତିଷ୍ଠାକୁ ବିଚାର କଲେ ସେ ହିଁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନିମନ୍ତେ ସବୁଠୁ ଯୋଗ୍ୟ ବୋଲି ସୁପ୍ରିମକୋର୍ଟ କଲେଜିୟମ ତାଙ୍କ ସୁପାରିଶରେ ଦର୍ଶାଇଛନ୍ତି । ଜଷ୍ଟିସ ଚକ୍ରଧାରୀ ଶରନ ସିଂ ଚଳିତବର୍ଷ ଫେବୃୟାରୀ ମାସରେ ପ୍ରାୟ ଦେଢ଼ମାସ ନିମନ୍ତେ ପାଟନା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ । ଜଷ୍ଟିସ ଶରନ ସିଂ ୨୦୨୫ ଜାନୁୟାରୀ ମାସରେ ଅବସର ନେବେ । ସୂଚନାଯୋଗ୍ୟ, ଜଷ୍ଟିସ ଶୁଭାଶୀଷ ତାଳପତ୍ରଙ୍କ ଅବସର ପରେ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଦାୟିତ୍ୱ ତୁଲାଉଛନ୍ତି ।

# ଚିଲିକାକୁ ବିଦେଶୀ ପକ୍ଷୀଙ୍କ ଆଗମନ



**ଟାଙ୍ଗୀ :** ଶୀତ ଆସିଲେ ଚିଲିକାକୁ ବିଦେଶୀ ପକ୍ଷୀମାନଙ୍କର ଆଗମନ ହୋଇଥାଏ । ଚିଲିକାରେ ଏବେ ବିଦେଶୀ ଅତିଥିଙ୍କର ଭିଡ଼ ଦେଖିବାକୁ ମିଳିଛି । ଶୀତ ଆରମ୍ଭ ହେଉଣୁ ଚିଲିକାକୁ ଆସିଲେଣି ୭୭ ପ୍ରଜାତିର ୭୪ ହଜାର ୩୨୨ ବିଦେଶୀ ପକ୍ଷୀ । ନଳବଣରେ ଅଛନ୍ତି ୭୭ ପ୍ରଜାତିର ୩୦ ହଜାର ୨୧୨ ପକ୍ଷୀ । ସେଥି ମଧ୍ୟରୁ ୟୁରୋସିଆନ ଓଏଜିନ ୧୬ ହଜାର, ଗଡ଼ୱାଲ ୧୨ ହଜାର, ପିନଟେଲ ୧୦ ହଜାର, ଶୋଭଲର ୬ ହଜାର, କମନ କୁଟ ୧୦ ହଜାର, ଗ୍ରେଟ ଫ୍ଲେମିଙ୍ଗ ଗୋ ୧୬୦ ଗୋଟି, ରୁଡି ସେଲଡ଼କ ୭୦୦ ଓ ଆଇବିଶ ପ୍ରଜାତିର ୨ ହଜାର ବିଦେଶୀ ପକ୍ଷୀ ଥିବା ସୂଚନା ଦେଇଛନ୍ତି ବାଲୁଗାଁ ବନ୍ୟ ପ୍ରାଣୀ ବନଖଣ୍ଡ ଡିଏଫ୍‌ଓ ଅମ୍ଲାନ ନାୟକ । ପକ୍ଷୀ ସୁରକ୍ଷା ପାଇଁ ୨୧ଟି ପକ୍ଷୀ ସୁରକ୍ଷା ଶିବିର ସହ ୪ ଘଣ୍ଟିଆ ପାଟ୍ରୋଲିଙ୍ଗ ବ୍ୟବସ୍ଥା କରାଯାଇଛି । ଏହା ସହ ମଙ୍ଗଳା ଯୋଡ଼ିରେ ବିଦେଶୀ ପକ୍ଷୀ ମାନଙ୍କର ଭିଡ଼ ଆରମ୍ଭ ହୋଇଥିବା ସୂଚନା ଦେଇଛନ୍ତି ବନ୍ୟ ପ୍ରାଣୀ ବିଶାରଦ ମଧୁ ବେହେରା ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଉଦ୍ୟମ ସଫଳ

# ଦର୍ପଣଗଡ଼କୁ ଫେରିବ ଅଧିଷ୍ଠାତ୍ରୀ ଦେବୀ ମା’ କୋଟ୍ରାକ୍ଷୀଙ୍କ ଅଷ୍ଟଧାତୁ ମୂର୍ତ୍ତି



**ଭୁବନେଶ୍ୱର :** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ୟମ ବଳରେ ଦୀର୍ଘ ଦିନ ପୂର୍ବେ ଚୋରି ହୋଇଥିବା ଯାଜପୁର ଜିଲ୍ଲା ଦର୍ପଣଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା’ କୋଟ୍ରାକ୍ଷୀଙ୍କ ଅଷ୍ଟଧାତୁ ନିର୍ମିତ ଦୁର୍ଲ୍ଲଭ ପ୍ରାଚୀନ ମୂର୍ତ୍ତିକୁ ମନ୍ଦିରରେ ପୁନଃପ୍ରତିଷ୍ଠା କରାଯିବ । ଉକ୍ତ ମୂର୍ତ୍ତି ଫେରାଇବା ପାଇଁ ଦିଲ୍ଲୀ କଷ୍ଟମକୁ ସୁପାରିଶ କରାଯାଇଥିବା କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଚିଠିର ପ୍ରତ୍ୟୁତ୍ତରରେ ଅବଗତ କରାଇଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଗତ ଜୁଲାଇ ୧୪ ତାରିଖରେ କେନ୍ଦ୍ର ଅର୍ଥ ମନ୍ତ୍ରୀଙ୍କୁ ଓଡ଼ିଶାବାସୀ ବିଶେଷ ଭାବରେ ଯାଜପୁର ଜିଲ୍ଲା ଦର୍ପଣଗଡ଼ର ଗ୍ରାମବାସୀଙ୍କ ସାଂସ୍କୃତିକ ଓ ଐତିହ୍ୟ ଦୃଷ୍ଟିକୋଣରୁ ଏ ସମ୍ପର୍କରେ ଚିଠି ଲେଖି ଜଣାଇଥିଲେ । ସେ ପତ୍ରରେ ଉଲ୍ଲେଖ କରିଥିଲେ ଯେ ଗତ ବର୍ଷ ଦିଲ୍ଲୀ ବିମାନବନ୍ଦରରେ ଏକ ଅଷ୍ଟଧାତୁ ପ୍ରତିମା ଚୋରା ଚାଲାଣ ବେଳେ ଦିଲ୍ଲୀ ବିମାନବନ୍ଦରରେ ଠାବ ହୋଇଥିଲା । ପରେ ଏହାକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ(ଏଏସଆଇ)କୁ ପରୀକ୍ଷା ପାଇଁ ପଠାଯାଇଥିଲା । ପରୀକ୍ଷା ନିରୀକ୍ଷା କରିବା ପରି ଉକ୍ତ ପ୍ରତିମା’ଟି ଯାଜପୁର ଦର୍ପଣଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଆ କୋଟ୍ରାକ୍ଷୀଙ୍କ ବୋଲି ଏଏସଆଇ ଜାଣିବାକୁ ପାଇଥିଲା । ଉକ୍ତ ପ୍ରତିମାଟି ନୂଆଦିଲ୍ଲୀ ଏୟାର କାର୍ଗୋର କଷ୍ଟମ କମିଶନରଙ୍କ କାର୍ଯ୍ୟାଳୟ ଜବତ କରି ନିଜ ହେପାଜତରେ ରଖିଥିବା ଜଣାପଡିଥିଲା । ପ୍ରକୃତରେ ଉକ୍ତ ଦୁର୍ଲ୍ଲଭ ମୂର୍ତ୍ତିଟି ଗତ ଜାନୁଆରୀ ୧୧, ୨୦୨୧ରେ ଦର୍ପଣଗଡ଼ ଗ୍ରାମରୁ ଚୋରି ହୋଇଥିଲା ଏବଂ ତା’ ପରଦିନ ସକାଳେ ବଡଚଣା ଥାନାରେ ଏଥିନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଥିଲା, ଯେଉଁ ଘଟଣା ଗ୍ରାମବାସୀଙ୍କୁ ଆଘାତ ଦେଇଥିଲା । ତେବେ ମୂର୍ତ୍ତି ଫେରାଇବା ପାଇଁ ଅନେକ ଆନ୍ଦୋଳନ ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିବା ସତ୍ତ୍ୱେ ପୋଲିସ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଧରିବାରେ ବିଫଳ ହେବା ପରେ ଗ୍ରାମବାସୀମାନେ ଘଟଣାର ସାତ ମାସ ପରେ ମାଆଙ୍କ ଆଉ ଏକ ମୂର୍ତ୍ତି ମନ୍ଦିରରେ ସ୍ଥାପନ କରିଥିଲେ ।

## ୨୦୨୨ ସଡ଼କ ଦୁର୍ଘଟଣା ରିପୋର୍ଟ

# ରାଜ୍ୟରେ ଦିନକୁ ଯାଉଛି ୧୫ ଜୀବନ

**ଭୁବନେଶ୍ୱର :** ରାଜ୍ୟରେ ସଡ଼କ ଦୁର୍ଘଟଣାରେ ଦିନକୁ ହାରାହାରି ୧୫ ଜଣଙ୍କ ମୃତ୍ୟୁ ଘଟୁଛି । ଗତବର୍ଷ ରିପୋର୍ଟକୁ ଦେଖିଲେ ଏହା ଜଣାପଡୁଛି । ଗତବର୍ଷ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି ୫,୪୬୭ ଜଣ । ୨୦୨୧ ତୁଳନାରେ ୨୦୨୨ରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହାର ୭.୬% ବଢ଼ିଛି । ସେହିପରି ରାଜ୍ୟରେ ଗୁରୁତର ଆହତଙ୍କ ହାର ରହିଛି ୪୬.୯%, ଯାହାକି ସର୍ବଭାରତୀୟ ହାର ଠାରୁ ଅଧିକ । ସାରା ଦେଶରେ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତଙ୍କ ହାର ରହିଛି ୩୬.୫% । ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଓ ଗୁରୁତର ଆହତଙ୍କ ସଂଖ୍ୟାକୁ ଦେଖିଲେ ରାଜ୍ୟମାନଙ୍କ ତାଲିକାରେ ଓଡ଼ିଶାର ସ୍ଥାନ ୧୩ରେ ରହିଛି । ଦେଶରେ ପ୍ରତି



ଘଣ୍ଟାରେ ହାରାହାରି ୫୩ଟି ସଡ଼କ ଦୁର୍ଘଟଣା ଘଟୁଛି । ସେହିପରି ପ୍ରତି ଘଣ୍ଟାରେ ଦେଶରେ ସଡ଼କ ଦୁର୍ଘଟଣାରେ ହାରାହାରି ୧୯ ଜଣଙ୍କ ଜୀବନ ଯାଉଛି । ୨୦୨୨ ସଡ଼କ ଦୁର୍ଘଟଣା ରିପୋର୍ଟରେ ଆସିଛି ଏଭଳି ତଥ୍ୟ । ଦିନକରେ ଦେଶରେ ୧୨୬୪ଟି ଦୁର୍ଘଟଣା ଘଟୁଥିବା ବେଳେ ୪୬୨ ଜଣଙ୍କ ମୃତ୍ୟୁ ହେଉଛି । ୨୦୨୨ ରିପୋର୍ଟ ଅନୁଯାୟୀ ଗତ ବର୍ଷ ଦେଶରେ ମୋଟ ୪ ଲକ୍ଷ ୬୧ ହଜାର ୩୧୨ଟି ଦୁର୍ଘଟଣା ହୋଇଛି । ଏଥିରେ ୧ ଲକ୍ଷ ୬୮ ହଜାର ୪୯୧ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଲକ୍ଷ ୪୩ ହଜାର ୩୬୬ ଜଣ ଆହତ ହେଇଛନ୍ତି । ୨୦୨୧ ତୁଳନାରେ ୨୦୨୨ରେ ଦେଶରେ ଦୁର୍ଘଟଣା ହାର ୧୧.୯% ବଢ଼ିଛି । ସେହିପରି ୨୦୨୧ ତୁଳନାରେ ମୃତ୍ୟୁ ହାର ୯.୪% ବଢ଼ିଥିବା ବେଳେ ଆହତ ହାର ୧୫.୩% ବଢ଼ିଛି । ୨୦୨୦-୨୧ ବର୍ଷରେ କୋଭିଡ ଯୋଗୁ ଦୁର୍ଘଟଣା ହାର କମ୍ ଥିଲା । ଦୁର୍ଘଟଣା ହାର ବୃଦ୍ଧି ଚିନ୍ତାର କାରଣ ସାଜିଛି ।

## ରାଜ୍ୟ ପ୍ରଶାସନିକ ଇତିହାସରେ ରେକର୍ଡ

# ୮ଜଣ ଆଇଏଏସଙ୍କୁ ମିଳିଲା ଓଡ଼ିଶା କ୍ୟାଡର

**ଭୁବନେଶ୍ୱର :** ଓଡ଼ିଶାକୁ ୨୦୨୨ ବ୍ୟାଚର ୮ଜଣ ଆଇଏଏସ ଅଫିସର ଆବଣ୍ଟନ କରାଯାଇଛି । ଓଡ଼ିଶା ପ୍ରଶାସନିକ ଇତିହାସରେ ପ୍ରଥମଥର ପାଇଁ ରେକର୍ଡ ସଂଖ୍ୟକ ପ୍ରତ୍ୟକ୍ଷ ନିଯୁକ୍ତି ପାଉଥିବା ଆଇଏଏସ ଅଫିସରଙ୍କୁ ଓଡ଼ିଶା କ୍ୟାଡ଼ର ଆବଣ୍ଟନ ହୋଇଛି । ୨୦୨୨ ବ୍ୟାଚର ଆଇଏଏସ୍ ଭାବେ ଏହି ୮ଜଣ ଅଫିସର ଓଡ଼ିଶାରେ କାର୍ଯ୍ୟ କରିବେ । ଏମାନଙ୍କ ମଧ୍ୟରୁ ୩ଜଣଙ୍କ ଗୃହ ରାଜ୍ୟ ଓଡ଼ିଶା ହୋଇଥିବାବେଳେ ବାକି ୫ଜଣ ଅନ୍ୟ ରାଜ୍ୟର ବାସିନ୍ଦା ବୋଲି ଜଣାପଡ଼ିଛି । କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଓଡ଼ିଶା ସମେତ ସମସ୍ତ ରାଜ୍ୟର ମୁଖ୍ୟ ସଚିବଙ୍କୁ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଏହି ଆଇଏଏସ୍ ଅଫିସରମାନଙ୍କ କ୍ୟାଡ଼ର ଆବଣ୍ଟନ




ସମ୍ପର୍କରେ ସୂଚନା ଦିଆଯାଇଛି । କେନ୍ଦ୍ର ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ମୋଟ ୧୭୯ଜଣ ଆଇଏଏସ ଅଫିସରଙ୍କୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର କ୍ୟାଡ଼ର ଆବଂଟନ ହୋଇଛି । ଏହି ସମସ୍ତ ଅଫିସର ୨୦୨୨ ମସିହା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଯେଉଁ ଆଇଏଏସ୍ ଅଫିସରମାନଙ୍କୁ ଓଡ଼ିଶା କ୍ୟାଡ଼ର ଆବଣ୍ଟନ କରାଯାଇଛି ସେମାନେ ହେଲେ ଓଡ଼ିଶାର ପ୍ରଣୀତା ଦାଶ , କସ୍ତୁରୀ ପଣ୍ଡା ଓ ତେଜସ୍ୱିନୀ ବେହେରା, ଉତ୍ତରପ୍ରଦେଶର ପ୍ରେକ୍ଷା ଅଗ୍ରୱାଲ, ନାଗାଲ୍ୟାଣ୍ଡର ୟିମକୁମ୍ ଆଇ ଓଜୁକାମ, ମହାରାଷ୍ଟ୍ରର ଦୁଧଲ ଅଭିଷେକ ଦିଲ୍ଲୀପ, କେରଳର ଆଶିନ୍ ଏ ଏଲ୍ ଏବଂ ତାମିଲନାଡୁର ସି ଶରଭାନନ୍ ରହିଛନ୍ତି । ସୂଚନାଯୋଗ୍ୟ, କେନ୍ଦ୍ର ସରକାର ୨୦୨୧ ବ୍ୟାଚରେ ୬ଜଣ ଆଇଏଏସ୍ , ୨୦୨୦ ବ୍ୟାଚରେ ୫ଜଣ ଆଇଏଏସ୍ , ୨୦୧୯ରେ ୬ଜଣ, ୨୦୧୮ରେ ୪ଜଣ, ୨୦୧୭ରେ ୪ଜଣ, ୨୦୧୬ରେ ୪ଜଣ ଆଇଏଏସ୍‌ଙ୍କୁ ଓଡ଼ିଶା କ୍ୟାଡ଼ର ଆବଣ୍ଟନ କରିଥିଲେ ।




# ପ୍ରମୋଦ ଓ ସୌନ୍ଦର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ନିକଟରେ ଶେଷ ହୋଇଥିବା ଏସିଆନ ପାରା ଗେମ୍ସରେ ପଦକ ଜିତି ଥିବା ପ୍ରମୋଦ ଭଗତ ଓ ସୌନ୍ଦର୍ଯ୍ୟ କୁମାର ପ୍ରଧାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସମ୍ବର୍ଦ୍ଧିତ କରିଛନ୍ତି । ତା’ ସହିତ ଉଭୟଙ୍କୁ ପୁରସ୍କାର ସ୍ୱରୂପ ପୂର୍ବରୁ ଘୋଷଣା କରିଥିବା ଅର୍ଥ ରାଶି ପ୍ରଦାନ କରିଛନ୍ତି । ପ୍ରମୋଦ ଭଗତଙ୍କୁ ୨ କୋଟି ଓ ସୌନ୍ଦର୍ଯ୍ୟଙ୍କୁ ଦେଢ଼ କୋଟିର ଚେକ୍ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ । ପ୍ରମୋଦ ଭଗତ ବ୍ୟାଡମିଣ୍ଟନରେ ତିନିଟି ପଦକ ଜିତିଥିଲେ । ତା’ ମଧ୍ୟରେ ଥିଲା ଗୋଟିଏ ସ୍ୱର୍ଣ୍ଣ ପଦକ ଓ ଦୁଇଟି ବ୍ରୋଞ୍ଜ ପଦକ । ପୁରୁଷ ଏକକ ଏସ୍‌ଏଲ୍ ୩ ବର୍ଗରେ ସେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ ପୁରୁଷ ଡବଲ୍ସ



ଓ ଏସ୍‌ଏଲ୍‌୩-ଏସ୍ୟୁ୫ ମିକ୍ସଡ ଡବଲ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ । ସେହିପରି ଚେସ୍ରେ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିଲେ । ଟିମ୍ ରାପିଡ୍ ଭି୧ ବି୧ ବର୍ଗରେ ସେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ପୁରୁଷ ଇଣ୍ଡିଭିଜୁଆଲ ରାପିଡ୍ ଭି୧ବି୧ରେ ରୌପ୍ୟ ପଦକ ଜିତିଥିଲେ । ପ୍ରମୋଦ ଓ ସୌନ୍ଦର୍ଯ୍ୟଙ୍କୁ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇବା ସହିତ କହିଥିଲେ ଯେ ଏହି ଦୁଇ ପାରା ଆଥ୍ଲେଟଙ୍କୁ ସମ୍ବର୍ଦ୍ଧିତ କରି ସେ ଗର୍ବ ଅନୁଭବ କରୁଛନ୍ତି । ସେମାନେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ସେମାନଙ୍କ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ । ଆଗକୁ ମଧ୍ୟ ଉଭୟଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଅନ୍ୟପକ୍ଷରେ ଖେଳରେ ଆଗକୁ ଯିବା ପାଇଁ ସମର୍ଥନ ଓ ପ୍ରୋତ୍ସାହନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି ପ୍ରମୋଦ ଭଗତ ଓ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ।




# ବାଲିଯାତ୍ରାକୁ ସରସ ସୁନ୍ଦର କରିବା ପାଇଁ ପ୍ରସ୍ତୁତି

**କଟକ :** ଐତିହାସିକ କଟକ ବାଲିଯାତ୍ରାକୁ ଏଥର ସରସ ସୁନ୍ଦର କରିବା ପାଇଁ ଏବେଠାରୁ ପ୍ରଶାସନିକ ତଥା ପୋଲିସ ସ୍ତରରେ ପ୍ରସ୍ତୁତିକୁ ଜୋରଦାର କରାଯାଇଛି । ଗୋଟିଏ ପଟେ ପ୍ଲଟ ନିଲାମ ପାଇଁ ପଞ୍ଜୀକରଣ ଚାଲିଥିବା ବେଳେ ଜିଲ୍ଲାପାଳ ପୋଲିସ ଅଧିକାରୀ ଓ ଅନ୍ୟ ଅଧିକାରୀଙ୍କୁ ଧରି ବାଲିଯାତ୍ରା ପଡିଆ ବୁଲି ପ୍ରସ୍ତୁତି ବିଷୟରେ ଆଲୋଚନା କରିଛନ୍ତି । ପ୍ରସ୍ତୁତି ନେଇ ଅନ୍ୟ ପ୍ରଶାସନିକ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ, ସିଏମସି ଓ ପୋଲିସ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ନଭେମ୍ବର ୨୭ ରୁ ହେବାକୁ ଥିବା ଏହି ବିରାଟ ମେଳା ଯେପରି ଶାନ୍ତିଶୃଙ୍ଖଳାର ସହ ଆୟୋଜନ



ହେବ ସେ ନେଇ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ବାଲିଯାତ୍ରାରେ ଗାଡି ପାର୍କିଂ ପାଇଁ ଅଧିକ ସ୍ଥାନ ଚିହ୍ନଟ କରିବାକୁ ଭୁଆଷୁଣୀ ପଠା, ହାଡିଆ ପଠା ଓ ଅନ୍ୟ ସ୍ଥାନକୁ ଫିଲଡ୍ ଭିଜିଟ କରିଛନ୍ତି । ଭିଡରେ ଚୋରି, ପକେଟମାର, ଛିନତାଇ ରୋକିବାକୁ ସାଧା ପୋଷାକଧାରୀ ପୋଲିସ ନିୟୋଜିତ ହେବେ । ସେପଟେ ୧୧ ତାରିଖରୁ ବାରବାଟୀ ପ୍ୟାଲେସ ଠାରେ ପ୍ଲଟ ନିଲାମ ଆରମ୍ଭ ହେବ ।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**